ସ୍ୱାଗତଂ ଓଡ଼ିଶା

# ଡୁମାଣୀ ଖବର

Dumani Khabar (Odia Daily)

R.N.I. Regd. No. ODIODI/2020/78914
P.O. Regd. No. : BN/290/23-25

Visit us: www.dumanikhabar.in • e-paper.dumanikhabar.in

DUMANI TV
Follow us:

ବର୍ଷ-୬ | ସଂଖ୍ୟା-୧୦୧ | ଗୁରୁବାର | ୩ ଜୁଲାଇ ୨୦୨୫ | ଭୁବନେଶ୍ୱର | ପୃଷ୍ଠା ସଂଖ୍ୟା-୮ | ମୂଲ୍ୟ : ୨.୦୦ | Vol-6 | Issue-101 | Thursday | 3 July 2025 | Bhubaneswar | Pages-8 | Rs. 2.00

## ୮ ଦିନିଆ ବିଦେଶ ଗସ୍ତରେ ପ୍ରଧାନମନ୍ତ୍ରୀ ମୋଦି



ନୂଆଦିଲ୍ଲୀ, ୨।୭ (ହି.ସ): ବୁଧବାରଠୁ ବିଦେଶ ଗସ୍ତରେ ପ୍ରଧାନମନ୍ତ୍ରୀ ମୋଦି। ଜୁଲାଇ ୯ ତାରିଖ ମଧ୍ୟରେ ୮ ଦିନରେ ୫ଟି ଦେଶ ଗସ୍ତ କରିବେ ମୋଦି। ଘାନା, ତ୍ରିନିଦାଦ ଓ ଟୋବାଗୋ, ଆର୍ଜେଣ୍ଟିନା, ବ୍ରାଜିଲ ଏବଂ ନାମ୍ବିଆ ଗସ୍ତ କରିବେ। ମୋଦିଙ୍କ ଗସ୍ତ ଘାନାରୁ ଆରମ୍ଭ ହୋଇଛି। ୩୦ ବର୍ଷ ପରେ ପ୍ରଥମ ଭାରତୀୟ ପ୍ରଧାନମନ୍ତ୍ରୀ ଭାବେ ମୋଦିଙ୍କ ଘାନା ଗସ୍ତ। ଗସ୍ତ ସମୟରେ ସାମରିକ, ବାଣିଜ୍ୟକୁ ନେଇ ଦ୍ୱିପାକ୍ଷାକ ଆଲୋଚନା କାର୍ଯ୍ୟକ୍ରମ ରହିଛି। ଏଥିସହ ସେ ବ୍ରାଜିଲରେ ବ୍ରିକ୍ସ ସମ୍ମିଳନୀରେ ମଧ୍ୟ ଅଂଶଗ୍ରହଣ କରିବେ। ଗସ୍ତର ପ୍ରଥମ ପର୍ଯ୍ୟାୟରେ, ପ୍ରଧାନମନ୍ତ୍ରୀ ମୋଦି ୨ ଦିନିଆ ଘାନା ଗସ୍ତ। ଏହା ପ୍ରଧାନମନ୍ତ୍ରୀଙ୍କ ଘାନାକୁ ପ୍ରଥମ ଦ୍ୱିପାକ୍ଷିକ ଗସ୍ତ। ଗତ ତିନି ଦଶନ୍ଧି ମଧ୍ୟରେ ପ୍ରଥମ ଥର ପାଇଁ ଜଣେ ଭାରତୀୟ ପ୍ରଧାନମନ୍ତ୍ରୀ ଘାନା ଗସ୍ତ କରୁଛନ୍ତି। ବୈଦେଶିକ ମନ୍ତ୍ରଣାଳୟ କହିଛି ଯେ ଏହି ଗସ୍ତ ସମୟରେ ପ୍ରଧାନମନ୍ତ୍ରୀ ମୋଦି ଘାନାର ରାଷ୍ଟ୍ରପତିଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି। ଯେଉଁଥିରେ ଦୃଢ଼ ପାରସ୍ପରିକ ସହଭାଗୀତା ସମୀକ୍ଷା କରାଯିବ। ଏହା ସହିତ ଅର୍ଥନୈତିକ, ଶକ୍ତି ଏବଂ ପ୍ରତିରକ୍ଷା ସହଯୋଗ ମାଧ୍ୟମରେ ସମ୍ପର୍କକୁ ସୁଦୃଢ଼ କରିବାର ସୁଯୋଗ ଉପରେ ମଧ୍ୟ ଆଲୋଚନା କରାଯିବ। ସେହିପରି ଘାନା ଗସ୍ତ ପରେ, ପ୍ରଧାନମନ୍ତ୍ରୀ ମୋଦି ୩ରୁ ୪ ଜୁଲାଇ ପର୍ଯ୍ୟନ୍ତ ତ୍ରିନିଦାଦ ଏବଂ ଟୋବାଗୋକୁ ୨ ଦିନିଆ ଗସ୍ତରେ ଯିବେ। ୧୯୯୯ ପରେ ଏହା ଜଣେ ଭାରତୀୟ ପ୍ରଧାନମନ୍ତ୍ରୀଙ୍କ ତ୍ରିନିଦାଦ ଏବଂ ଟୋବାଗୋକୁ ପ୍ରଥମ ଗସ୍ତ ହେବ। ଏହି ଗସ୍ତ ସମୟରେ, ପ୍ରଧାନମନ୍ତ୍ରୀ ମୋଦି ତ୍ରିନିଦାଦ ଏବଂ ଟୋବାଗୋ ରାଷ୍ଟ୍ରପତି କ୍ରିଷ୍ଟିନ କାର୍ଲା କାଙ୍ଗାଲୁ ଏବଂ ପ୍ରଧାନମନ୍ତ୍ରୀ କମଳା ପ୍ରସାଦ ବିସେସରଙ୍କ ସହ ଆଲୋଚନା କରିବେ। ପ୍ରଧାନମନ୍ତ୍ରୀ ମୋଦି କାରିବିଆନ ଦେଶର ସଂସଦର ମିଳିତ ଅଧିବେଶନକୁ ମଧ୍ୟ ସମ୍ବୋଧିତ କରିବାର ସମ୍ଭାବନା ଅଛି। ଗସ୍ତର ତୃତୀୟ ପର୍ଯ୍ୟାୟରେ, ପ୍ରଧାନମନ୍ତ୍ରୀ ମୋଦି ୪ରୁ ୫ ଜୁଲାଇ ପର୍ଯ୍ୟନ୍ତ ଆର୍ଜେଣ୍ଟିନା ଗସ୍ତ କରିବେ। ବୈଦେଶିକ ମନ୍ତ୍ରଣାଳୟ ଅନୁଯାୟୀ, ଏହି ସମୟ ମଧ୍ୟରେ ପ୍ରଧାନମନ୍ତ୍ରୀ ପ୍ରତିରକ୍ଷା, କୃଷି, ଖଣି, ତୈଳ ଏବଂ ଗ୍ୟାସ, ନବୀକରଣ ଶକ୍ତି, ବାଣିଜ୍ୟ ଏବଂ ନିବେଶ ଭଳି ପ୍ରମୁଖ କ୍ଷେତ୍ରରେ ଦ୍ୱିପାକ୍ଷିକ ସହଭାଗୀତାକୁ ଆହୁରି ବୃଦ୍ଧି କରିବା ପାଇଁ ରାଷ୍ଟ୍ରପତି ଜାଭିୟର ମାଇଲିଙ୍କ ସହ ବ୍ୟାପକ ଆଲୋଚନା କରିବେ। ବିବୃତ୍ତିରେ ଏହା ମଧ୍ୟ କୁହାଯାଇଛି ଯେ ପ୍ରଧାନମନ୍ତ୍ରୀ ମୋଦିଙ୍କ ଦ୍ୱିପାକ୍ଷିକ ଗସ୍ତ ଭାରତ ଏବଂ ଆର୍ଜେଣ୍ଟିନା ମଧ୍ୟରେ ବହୁମୁଖୀ ରଣନୈତିକ ସହଭାଗୀତାକୁ ଆହୁରି ମଜବୁତ କରିବ। ସେହିପରି ପ୍ରଧାନମନ୍ତ୍ରୀ ମୋଦି ତାଙ୍କ ଗସ୍ତର ଚତୁର୍ଥ ପର୍ଯ୍ୟାୟରେ ବ୍ରାଜିଲରେ ରହିବେ। ରାଷ୍ଟ୍ରପତି ଲୁଇସ୍ ଇନାସିଓ ଲୁଲା ଡା ସିଲଭାଙ୍କ ନିମନ୍ତ୍ରଣରେ ମୋଦି ସେଠାକୁ ଗସ୍ତ କରୁଛନ୍ତି। ଏହା ସହିତ ପ୍ରଧାନମନ୍ତ୍ରୀ ମୋଦି ୧୭ତମ ବ୍ରିକ୍ସ ସମ୍ମିଳନୀରେ ଅଂଶଗ୍ରହଣ କରିବା ପାଇଁ ୫ରୁ ୮ ଜୁଲାଇ ପର୍ଯ୍ୟନ୍ତ ବ୍ରାଜିଲରେ ରହିବେ। ପ୍ରଧାନମନ୍ତ୍ରୀ ଭାବରେ ଏହା ମୋଦିଙ୍କ • ପୃଷ୍ଠା ୭ ଦେଖନ୍ତୁ...

## ବାହୁଡ଼ିବେ ମହାବାହୁ, ରଥହେଲା ଦକ୍ଷିଣ ମୋଡ଼



ପୁରୀ, ୨।୭ (ଡିକେ ନ୍ୟୁଜ): ଆସନ୍ତା ୫ ତାରିଖରେ ବାହୁଡ଼ାଯାତ୍ରା। ନବଦିନ ଯାତ୍ରା ଶେଷ କରି ଶ୍ରୀମନ୍ଦିରର ରତ୍ନ ବେଦୀକୁ ଫେରିବେ ଦାରୁ ବିଗ୍ରହ। ଏଥିପାଇଁ ଆରମ୍ଭ ହୋଇଛି ବାହୁଡ଼ାଯାତ୍ରା ପ୍ରସ୍ତୁତି। ବୁଧବାର ଘୋଷଯାତ୍ରାର ଷଷ୍ଠ ଦିବସରେ ରଥର ଦକ୍ଷିଣ ମୋଡ଼ ଆରମ୍ଭ ହୋଇଛି। ମଙ୍ଗଳବାର ରାତି ୩ଟା ୫୫ରେ ଗୁଣ୍ଡିଚା ମନ୍ଦିରରେ ହୋଇଥିଲା ମହାପ୍ରଭୁଙ୍କ ରାତ୍ର ପହୁଡ଼। ଭୋର ୭ଟା ୫ରେ ଗୁଣ୍ଡିଚା ମନ୍ଦିର ଦ୍ୱାର ଫିଟିଥିଲା। ଭିତର ଶୋଧ ପରେ ସକାଳ ୭ଟା ୫୫ରେ ହୋଇଥିଲା ସନ୍ଧ୍ୟା ଆଳତି। ମହାପ୍ରଭୁଙ୍କ ଆନ୍ୟ ପାରମ୍ପାରିକ ନୀତି ପରେ ଦିନ ୧୧ଟା ୫୫ ସୁଦ୍ଧା ଗୋପାଳ ବଲ୍ଲଭ ଶେଷ ଶେଷ ହେବା ପରେ ଦିନ ୨ଟାରେ ମହାପ୍ରଭୁଙ୍କ ଠାରୁ ଆଜ୍ଞାମାଳ ଆସିବା ପରେ ରଥର ଦକ୍ଷିଣ ମୋଡ଼ କରଯାଇଥିଲା। ପରମ୍ପରା ଅନୁଯାୟୀ ସେବାୟତ ଓ ପୋଲିସ କର୍ମଚାରୀଙ୍କ ସହାୟତାରେ ବୁଧବାର ପ୍ରଥମେ ଦେବୀ ସୁଭଦ୍ରାଙ୍କ ଦେବଦଳନ ରଥକୁ ଦକ୍ଷିଣମୋଡ଼ କରାଯାଇଥିଲା। ପରେ ବଡ଼ ଠାକୁରଙ୍କ ତାଳଧ୍ୱଜ ରଥ ଦକ୍ଷିଣ ମୋଡ କରାଯାଇଥିଲା। ତେବେ ସଂଧ୍ୟା ହୋଇଯିବା ସହ ବର୍ଷା କାରଣରୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥ ବୁଧବାର ଦକ୍ଷିଣ ମୋଡ ହୋଇ ପାରିନାହିଁ। ଗୁରୁବାର ସକାଳ ୯ଟାରେ ଏହି ନନ୍ଦିଘୋଷ ଦକ୍ଷିଣ ମୋଡ ପାଇଁ ରଥ ଟଣା ଆରମ୍ଭ ହେବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଉଛି। ରଥ ଦକ୍ଷିଣ ମୋଡ଼ ହେବା ଲାଗି ନାକଚଣା ଦ୍ୱାର ସମ୍ମୁଖ ଶରଧାବାଲିକୁ ପରିଷ୍କାର କରାଯାଇ ସେଠାରେ ପୂର୍ବରୁ ବାଲି ପଡ଼ିଥିଲା। ରଥ ଗୁଡ଼ିକର ଦକ୍ଷିଣମୋଡ଼ ପୂର୍ବରୁ ଶ୍ରୀମନ୍ଦିର ବୈଷୟିକ ଟିମ୍ ଓ ପୂର୍ତ୍ତ ବିଭାଗର ଏକ ସ୍ୱତନ୍ତ୍ର ଟିମ୍ ଦ୍ୱାରା ୩ ରଥର ଯାଞ୍ଚ କରାଯାଇଥିଲା। ରଥଯାତ୍ରା ପରଠାରୁ ତିନିରଥ ଉତ୍ତରମୁହାଁ ହୋଇରହିଥିଲେ। ବାହୁଡ଼ାଯାତ୍ରା ପୂର୍ବପ୍ରସ୍ତୁତି ସ୍ୱରୂପ ତିନିରଥକୁ ଦକ୍ଷିଣମୋଡ଼ କରାଯାଇ ସୁସଜ୍ଜିତ କରି ରଖାଯିବ। ଏଥିଲାଗି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ପ୍ରସ୍ତୁତି କରାଯାଇଛି।

### ବିଏମସି କମିଶନରଙ୍କୁ ଆକ୍ରମଣ

## ଜଗନ୍ନାଥଙ୍କୁ ନେଇ ସସପେନ୍ସ ଜାରି

ଭୁବନେଶ୍ୱର, ୨।୭ (ହି.ସ): ଭୁବନେଶ୍ୱର ମହାନଗର ନିଗମର ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାରେ ବିଜେପି ନେତା ଜଗନ୍ନାଥ ପ୍ରଧାନଙ୍କ ଗିରଫ ଦାବିରେ ଅଡ଼ି ବସିଛି ଓଏଏସ୍ ସଂଘ। ଦୁଇଦିନ ଧରି କାର୍ଯ୍ୟବନ୍ଦ ଆନ୍ଦୋଳନ ଯୋଗୁ ରାଜ୍ୟରେ ପ୍ରଶାସନିକ ଅଚଳାବସ୍ଥା ସୃଷ୍ଟି ହୋଇଛି। ଏପଟେ ବିଜେପି ନେତା ଶ୍ରୀ ପ୍ରଧାନଙ୍କ ଗିରଫକୁ ନେଇ ସସପେନ୍ସ ବଢିବାରେ ଲାଗିଛି। ବିଜେପି ଏହି ଘଟଣାରେ ତାଙ୍କୁ ସିଧାସଳଖ ସମର୍ଥନ ଦେଉନଥିଲେ ମଧ୍ୟ ପ୍ରଶାସନିକ ଅଚଳାବସ୍ଥା ଏଡ଼ାଇବା ପାଇଁ ଦଳ ତରଫରୁ ପ୍ରୟାସ ହୋଇଥିବା ଜଣାପଡ଼ିଛି। ବିଜେପି ନେତା ଶ୍ରୀ ପ୍ରଧାନ ବୁଧବାର ସନ୍ଧ୍ୟାରେ ରାଜ୍ୟ ବିଜେପି କାର୍ଯ୍ୟାଳୟକୁ ଯାଇ ସେଠାରେ ଦଳ ସଭାପତି ମନମୋହନ ସାମଲଙ୍କ ସହ ପ୍ରାୟ ଏକ ଘଣ୍ଟାରୁ ଅଧିକ ସମୟ ଧରି ଆଲୋଚନା କରି ନିଜ ଘରକୁ ଫେରିଯିବା ପରେ ସେ ଆତ୍ମସର୍ମପଣ କରିବା ନେଇ ହେଉଥିବା ଚର୍ଚ୍ଚାରେ ପୂର୍ଣ୍ଣଚ୍ଛେଦ ପଡ଼ିଛି। ଅନ୍ୟପକ୍ଷରେ ବୁଧବାର ଅପରାହ୍ନରେ ରାଜ୍ୟ ଓଏଏସ୍ ସଂଘ ପୁଣିଥରେ ଜରୁରୀକାଳୀନ ବୈଠକ ଡାକି ଜରୁରୀ ଓ ନିସର୍ତ୍ତ ୩ଦଫା ଦାବି ମାନି ନେବାକୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ମୁଖ୍ୟ ସଚିବଙ୍କୁ ଦାବିପତ୍ର ଦେଇଛି ଯେଉଁଥିରେ ଶ୍ରୀ ପ୍ରଧାନଙ୍କୁ ମୁଖ୍ୟ ଅଭିଯୁକ୍ତ ଦର୍ଶାଇ ତାଙ୍କର ଗିରଫ ଦାବି କରି କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରଖିଥିବାରୁ ତାହା ରାଜ୍ୟ ସରକାରଙ୍କ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରିଛି। ବିଏମସି ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାରେ ଜଡ଼ିତ କର୍ପୋରେଟର ଅରୂପ ନାରାୟଣ ରାଉତଙ୍କ ଓ ଅନ୍ୟ ୪ଜଣଙ୍କୁ ପୋଲିସ ଗିରଫ କରିବା ପରେ ବିଜେପି ମଧ୍ୟ ସେମାନଙ୍କୁ ଦଳରୁ ନିଲମ୍ବନ କରିସାରିଛି। ତେବେ ଏହି ଘଟଣାରେ ଶ୍ରୀ ପ୍ରଧାନଙ୍କୁ ମାଷ୍ଟରମାଇଣ୍ଡ ବୋଲି ଅଭିହିତ କରି ଓଏଏସ୍ ସଂଘ ଓ ବିଏମସି କର୍ମଚାରୀମାନେ ଦାବି କରିଆସୁଛନ୍ତି। ଗତ ଦୁଇଦିନ ଧରି ରାଜ୍ୟବ୍ୟାପୀ ପ୍ରଶାସନିକ ଅଚଳାବସ୍ଥା ଲାଗି ରହିଥିବାବେଳେ ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଓ ଆଶ୍ୱାସନା ସହ ୫ଜଣଙ୍କ ଗିରଫ ସତ୍ତ୍ୱେ ଓଏଏସ୍ ସଂଘ ନିଜ ଜିଦରେ ଅଟଳ ରହି ଶ୍ରୀ ପ୍ରଧାନଙ୍କ ଗିରଫ ଦାବି କରି କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରଖିଛି। ରାଜ୍ୟରେ ଏଭଳି ପ୍ରଶାସନିକ ଅଚଳାବସ୍ଥା ସୃଷ୍ଟି ହୋଇଥିବାରୁ ବିଜେପି ପକ୍ଷରୁ ଏହି ଘଟଣାରେ ଉଭୟ ପକ୍ଷର ସମ୍ମାନ ରକ୍ଷା ଭଳି ଉପାୟ ଖୋଜାଯାଇଛି। ବିଜେପି ଏହି ଘଟଣାରେ ନିଜର ଭୁବନେଶ୍ୱର ସେଣ୍ଟ୍ରାଲ ବିଧାୟକ ପ୍ରାର୍ଥୀ ଶ୍ରୀ ପ୍ରଧାନଙ୍କୁ ସିଧାସଳଖ ସମର୍ଥନ ଦେଇନଥିଲେ ମଧ୍ୟ ତାଙ୍କୁ ରାଜ୍ୟ ମୁଖ୍ୟାଳୟକୁ ଡକାଇ ଘଟଣା ସମ୍ପର୍କରେ ପ୍ରାୟ ଦୁଇ ଘଣ୍ଟା ଧରି ପଚରାଉଚୁରା କରିଥିବା ଜଣାପଡ଼ିଛି। ଶ୍ରୀ ପ୍ରଧାନ ମଧ୍ୟ • ପୃଷ୍ଠା ୭ ଦେଖନ୍ତୁ...

## ଭାରତ ଆସୁଛନ୍ତି ପୁଟିନ୍

### ଭାରତ ସହ ସବୁଠୁ ବଡ଼ ଡିଲ୍ କରିବେ ପୁଟିନ୍



ନୂଆଦିଲ୍ଲୀ, ୨।୭ (ହି.ସ): ରୁଷିଆର ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ଆଗାମୀ ସେପ୍ଟେମ୍ବର ମାସରେ ଭାରତ ଗସ୍ତ ପୂର୍ବରୁ ରୁଷ ଭାରତକୁ ଏକ ବଡ଼ ପ୍ରସ୍ତାବ ଦେଇଛି। ଏହି ପ୍ରସ୍ତାବରେ ରୁଷ ଭାରତୀୟ ନୌସେନାକୁ ପରମାଣୁ ଶକ୍ତିଚାଳିତ ସମ୍ବରିନ, ପୁନରୁଦ୍ଧାର କରାଯାଇଥିବା କିଲୋ ଶ୍ରେଣୀର ସବମାରାଇନ ଏବଂ ଦୀର୍ଘ ଦୂରତାର କାଲିବର କ୍ରୁଜ ମିସାଇଲ ଯୋଗାଇ ଦେବାକୁ ପ୍ରସ୍ତୁତ ହୋଇଛି। ଏହା ଭାରତର ଜଳସୀମା ଯୁଦ୍ଧ କ୍ଷମତାକୁ ନିଶ୍ଚିତ ଭାବେ ବୃଦ୍ଧି କରିବ। ସୂଚନା ଅନୁସାରେ, ରୁଷିଆ ଭାରତକୁ ଏକ ଦ୍ୱିତୀୟ ଆକୁଲା ଶ୍ରେଣୀର ପରମାଣୁ ଶକ୍ତିଚାଳିତ ଆକ୍ରମଣ ସବମାରାଇନ ଲିଜେରେ ଏବଂ ହସ୍ତାନ୍ତର କରିବାକୁ ପ୍ରସ୍ତାବ ଦେଇଛି। ଏହା ସହିତ ଛଅଟି ପୁନରୁଦ୍ଧାର କରାଯାଇଥିବା କିଲୋ ଶ୍ରେଣୀର ସବମାରାଇନ ଏବଂ ୧୫୦୦ କିଲୋମିଟର ପରିସର ବିଶିଷ୍ଟ କାଲିବର କ୍ରୁଜ ମିସାଇଲ ମଧ୍ୟ ପ୍ରଦାନ କରାଯିବ। ଏହି ପ୍ରସ୍ତାବ ଭାରତର ନୌସେନାର ପୁରୁଣା ସବମାରାଇନକୁ ବଦଳାଇବା ଏବଂ ଆଧୁନିକ ଯୁଦ୍ଧ କ୍ଷମତା ବୃଦ୍ଧି କରିବା ଲକ୍ଷ୍ୟରେ ଆସିଛି। ବର୍ତ୍ତମାନ ଭାରତ ପାଖରେ ୧୭ଟି ପାରମ୍ପରିକ ସମ୍ବରିନ ରହିଛି, ଯେଉଁଗୁଡିକ ଦୁଇ-ତୃତୀୟାଂଶ ୧୯୮୦ ଦଶକରେ କିଣାଯାଇଥିଲା ଏବଂ ଏବେ ସେଗୁଡିକୁ ସେବା ଜୀବନ ଶେଷ ହେଉଛି। ଏହି ପରିପ୍ରେକ୍ଷୀରେ ଭାରତ ନୂଆ ସବମାରାଇନ ଆବଶ୍ୟକ କରୁଛି। ଭାରତ ବର୍ତ୍ତମାନ ପ୍ରୋଜେକ୍ଟ ୭୫ଆଇ ଉପରେ କାମ କରୁଛି, ଯାହା ଦ୍ୱାରା ନୌସେନାର କ୍ଷମତାକୁ ଆହୁରି ବୃଦ୍ଧି କରାଯିବ। ଏହି ଆକୁଲା ଶ୍ରେଣୀର ସବମାରାଇନ ୨୦୨୮ ସୁଦ୍ଧା ଭାରତୀୟ ନୌସେନାକୁ ହସ୍ତାନ୍ତର କରାଯିବ, ଯାହା ୨୦୧୯ରେ ସ୍ୱାକ୍ଷରିତ ୩ ବିଲିୟନ ଡଲାରର ଏକ ଆନ୍ତଃସରକାରୀ ଚୁକ୍ତିର ଅଂଶ। ଏହି ସବମାରାଇନ ଅତ୍ୟାଧୁନିକ ୩ଏମ୧୪କେ କାଲିବର (ଏସଏସ-ଏନ-୩୦ଏ) କ୍ରୁଜ ମିସାଇଲରେ ସଜ୍ଜିତ ହେବ, ଯାହାର ଆକ୍ରମଣ ପରିସର ୧୫୦୦ରୁ ୨୦୦୦ କିଲୋମିଟର ପର୍ଯ୍ୟନ୍ତ ରହିଛି। ଏହା ପୂର୍ବ ଯୋଜନାର ୫୦୦-୬୦୦ କିଲୋମିଟର ତୁଳନାରେ ଏକ ବଡ ଉନ୍ନତି। ଅନ୍ୟପକ୍ଷରେ, ପୁନରୁଦ୍ଧାର କରାଯାଇଥିବା କିଲୋ ଶ୍ରେଣୀର ସବମାରାଇନକୁ ନୋଭାଟର କାଲିବର କ୍ରୁଜ ମିସାଇଲରେ ସଜ୍ଜିତ ହେବ, ଯାହା ଭାରତୀୟ ନୌସେନାର ମାରିଟାଇମ ଏବଂ ସ୍ଥଳଭାଗ ଆକ୍ରମଣ କ୍ଷମତାକୁ ବୃଦ୍ଧି କରିବ। ଏହି ସବମାରାଇନଗୁଡିକୁ ସମସ୍ତ ଛଅଟି ଟର୍ପେଡୋ ଟ୍ୟୁବର ମିସାଇଲ ଉତକ୍ଷେପଣ କରାଯାଇପାରିବ, ଯାହା ବର୍ତ୍ତମାନର ଭାରତୀୟ କିଲୋ ଫ୍ଲିଟରେ ମାତ୍ର ଦୁଇଟି ଟ୍ୟୁବ ମାଧ୍ୟମରେ ମିସାଇଲ ଉତ୍କ୍ଷେପଣର ସୀମିତ କ୍ଷମତା • ପୃଷ୍ଠା ୭ ଦେଖନ୍ତୁ...

## ଶେଖ ହସିନାଙ୍କୁ ୬ ମାସର ଜେଲଦଣ୍ଡ



ଢାକା, ୨।୭ (ହି.ସ): ବିକ୍ଷୋଭ ଯୋଗୁ ଦେଶ ଛାଡ଼ି ଦେଇଥିବା ବାଂଲାଦେଶର ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କୁ ସେଠାକାର ଗୋଟିଏ କୋର୍ଟ ୬ ମାସର ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଗୋଟିଏ ଅଦାଲତ ଅବମାନନା ମାମଲାରେ କୋର୍ଟ ଏପରି ଦଣ୍ଡବିଧାନ କରିଛନ୍ତି। ଢାକା ଟ୍ରିବ୍ୟୁନରେ ପ୍ରକାଶିତ ରିପୋର୍ଟରେ କୁହାଯାଇଛି ଯେ ଶେଖ ହସିନାଙ୍କ ଦଣ୍ଡ ବିଧାନ ନିଷ୍ପତ୍ତି ଅନ୍ତର୍ଜାତୀୟ ଅପରାଧିକ ଟ୍ରିବ୍ୟୁନାଲ -୧ର ୩ ଜଣିଆ ବେଞ୍ଚ ନେଇଛନ୍ତି। ଏହାର ନେତୃତ୍ୱ ଅଧ୍ୟକ୍ଷ ତଥା ଜଷ୍ଟିସ ଏମଡି ଗୁଲାମ ମୁର୍ତାଜା ମୋଜୁମଦାର ନେଇଥିଲେ। ହସିନାଙ୍କ ଦଣ୍ଡ ବିଧାନର ଅବଧି ସେ ଗିରଫ କିମ୍ବା ଆତ୍ମସମର୍ପଣ କରିବା ଦିନ ଠାରୁ କାର୍ଯ୍ୟକାରୀ ହେବ। ହସିନାଙ୍କ ବ୍ୟତୀତ ଗାଇବନ୍ଧରେ ଥିବା ଗୋବିନ୍ଦଗଞ୍ଜର ଶକିଲ ଅଖଣ୍ଡ ବୁଲବୁଲଙ୍କୁ ମଧ୍ୟ ଅଦାଲତ ଅବମାନନା ମାମଲାରେ କୋର୍ଟ ୨ ମାସର ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ବୁଲବୁଲ ହେଉଛନ୍ତି ଢାକାର ଜଣେ ରାଜନୀତିକ ସଦସ୍ୟ। ହସନାଙ୍କ ଆବାମ ଲିଗର ଛାତ୍ର ସଂଗଠନ ବାଂଲାଦେଶ ଛାତ୍ର ଲିଗ ବା ବିସିଏଲ ସହ ତାଙ୍କର ଲିଙ୍କ ରହିଥିଲା। ଗତବର୍ଷ ଅକ୍ଟୋବର ମାସରେ ଶକିଲ ଅଖଣ୍ଡ ବୁଲବୁଲଙ୍କ ସହ ହସିନା ଫୋନରେ କଥାର ଅଡିଓ ଲିକ ହେବା ଘଟଣା ସହ ଏହି ଅଦାଲତ ଅବମାନନା ମାମଲା ଜଡ଼ିତ। ଲିକ ଅଡିଓରେ ହସିନା କହିଥିଲେ ଯେ ମୋ ନାଁରେ ୨୨୭ଟି ମାମଲା ରୁଜୁ ହୋଇଛି। ତେଣୁ ମୁଁ ୨୨୭ ଜଣଙ୍କୁ ହତ୍ୟା କରିବାର ଲାଇସେନ୍ସ ପାଇଛି। ଏଥିରେ କେତେ ସତ୍ୟତା ରହିଛି, ସେକଥା କୌଣସି ନିରପେକ୍ଷ ସଂସ୍ଥା ସ୍ପଷ୍ଟ କରି ନାହାନ୍ତି। ଅଡିଓ ଭାଇରାଲ ହେବା ପରେ ସରକାରୀ ଓକିଲ ଏହାକୁ ଅଦାଲତକୁ ଧମକ ଦେବାକୁ ଚେଷ୍ଟା କରିଥିବା କଥା କହି କୋର୍ଟରେ ଅବମାନନା ମାମଲା କରିଥିଲେ। ଗତବର୍ଷ ଅଗଷ୍ଟ ମାସରେ ବାଂଲାଦେଶରେ ଭୀଷଣ ଛାତ୍ର ଆନ୍ଦୋଳନ ଦେଖିବାକୁ ମିଳିଥିଲା। ଏହି ଆନ୍ଦୋଳନ ଭୟଙ୍କର ରୂପ ନେବାରୁ ୭୭ ବର୍ଷୀୟ ହସିନା ବାଂଲାଦେଶ ଛାଡ଼ିବାକୁ ବାଧ ହୋଇଥିଲେ।

## ଉତ୍ତର-ପଶ୍ଚିମରେ ପ୍ରବଳ ବର୍ଷା ଆଶଙ୍କା: ପୁଣି ଘୂର୍ଣ୍ଣିବଳୟ ସମ୍ଭାବନା

ଭୁବନେଶ୍ୱର, ୨।୭ (ହି.ସ): ସୁବର୍ଣ୍ଣରେଖା, ବୁଢାବଳଙ୍ଗ, ବୈତରଣୀ, ଜଳକାରେ ଜଳସ୍ତର ଖସିବାରେ ଲାଗିଛି। ବାଲେଶ୍ୱର, ମୟୂରଭଞ୍ଜରେ ଜଳମଗ୍ନ ଅଞ୍ଚଳରେ ପାଣି କମିଛି। ହେଲେ ଯାଜପୁର ଦଶରଥପୁରରେ ବିପଦ ସଙ୍କେତ ଡେଇଁଛି ବ୍ରାହ୍ମଣୀ। ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି, ପାଣି ଖସିବା ମାତ୍ରେ ତୁରନ୍ତ କ୍ଷୟକ୍ଷତି ଆକଳନ ହେବ। ସମସ୍ତ କ୍ଷତିଗ୍ରସ୍ତଙ୍କୁ ଶୀଘ୍ର କ୍ଷତିପୂରଣ ରାଶି ଦିଆଯିବ। ଏପଟେ କିନ୍ତୁ, ସମ୍ଭାବ୍ୟ ବର୍ଷାକୁ ନେଇ ଡର ଯାଉନି। ବିଶେଷ କରି ଉତ୍ତର ଓଡ଼ିଶାରେ ପ୍ରବଳ ବର୍ଷା ଆଶଙ୍କା ରହିଛି। ଯଦି ଏଭଳି ହୁଏ, ତେବେ ନଦୀ ପୁଣି ଫୁଲିପାରେ। ପାଣିପାଗ ବିଭାଗର ପୂର୍ବାନୁମାନ କହୁଛି, ଆସନ୍ତା ୫ ତାରିଖ ପର୍ଯ୍ୟନ୍ତ ଅନେକ ସ୍ଥାନରେ ବର୍ଷା ସମ୍ଭାବନା ରହିଛି। ବିଶେଷ କରି ଉତ୍ତର ପଶ୍ଚିମ ଓଡ଼ିଶା ଓ ସଂଲଗ୍ନ ଜିଲ୍ଲାର ସ୍ଥାନେ ସ୍ଥାନେ ପ୍ରବଳ ବର୍ଷା ହୋଇପାରେ। ଗୁରୁବାର ରାଜ୍ୟର ଅନେକ ସ୍ଥାନରେ ହାଲୁକାରୁ ମଧ୍ୟମ ବର୍ଷା ସହ ମୟୂରଭଞ୍ଜ, କେନ୍ଦୁଝର ଓ ସୁନ୍ଦରଗଡ଼ର ସ୍ଥାନେ ସ୍ଥାନେ ପ୍ରବଳରୁ



ପ୍ରବଳତର ବର୍ଷା ଆଶଙ୍କା ଅଛି। ଦେବଗଡ଼, ଅନୁଗୁଳ, ଢେଙ୍କାନାଳ, ସମ୍ବଲପୁର, ବରଗଡ଼ରେ ପ୍ରବଳ ବର୍ଷା ହୋଇପାରେ। ଶୁକ୍ରବାର ମଧ୍ୟ ରାଜ୍ୟର ଅନେକ ସ୍ଥାନରେ ବର୍ଷା ଓ ଝାରସୁଗୁଡ଼ାରେ ପ୍ରବଳରୁ ପ୍ରବଳତର ଏବଂ ବରଗଡ଼, ନୂଆପଡ଼ା, ବଲାଙ୍ଗୀରରେ ପ୍ରବଳ ବର୍ଷା ନେଇ ସତର୍କ ସୂଚନା ଜାରି କରାଯାଇଛି। ଅନ୍ୟପଟେ ସୋଆ ଜଳବାୟୁ ଓ ପରିବେଶ କେନ୍ଦ୍ର ନିର୍ଦ୍ଦେଶକ ଡକ୍ଟର ଶରତ ଚନ୍ଦ୍ର ସାହୁ କହିଛନ୍ତି, ଝାଡ଼ଖଣ୍ଡ ଉପରେ ଆସନ୍ତା ୪ ତାରିଖବେଳକୁ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇପାରେ। ଏହା ଝାଡ଼ଖଣ୍ଡରେ ବର୍ଷା ପୁଣି ବଢାଇବ। ଓଡ଼ିଶାରେ ୫ ତାରିଖବେଳକୁ ବର୍ଷା ବିପାରେ। ବିଶେଷ କରି ପଶ୍ଚିମ ଓଡ଼ିଶା ଓ ଏହା ସଂଲଗ୍ନ ଅଞ୍ଚଳରେ ବର୍ଷା ବଢିବା ସମ୍ଭାବନା ଅଛି। ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି, ଲଗାଣ ବର୍ଷା ଯୋଗୁ ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଯାଜପୁର ଓ ଭଦ୍ରକ ଜିଲ୍ଲାବାସୀ ପ୍ରଭାବିତ ହୋଇଛନ୍ତି। ଆଉ ବର୍ଷା ନ ହେଲେ ବନ୍ୟା ଟଳି ଯିବ। ମୟୂରଭଞ୍ଜ ଓ ବାଲେଶ୍ୱର ସ୍ଥିତି ସୁଧୁରିଛି। ବୈତରଣୀ, ବୁଢାବଳଙ୍ଗ ଓ ସୁବର୍ଣ୍ଣରେଖା ନଦୀଟ ଜଳସ୍ତର ବିପଦ ସଂକେତ ତଳକୁ ଆସିଲାଣି। ସୁନ୍ଦରଗଡ଼ ଓ ଝାରସୁଗୁଡ଼ା ଜିଲ୍ଲା ପାଇଁ ବିପଦ ଥିବା ଇବ ନଦୀର ଜଳ ପତ୍ତନ ମଧ୍ୟ ଖସିଲାଣି। ରାଜ୍ୟ ବନ୍ୟା ନିୟନ୍ତ୍ରଣ କକ୍ଷର ସନ୍ଧ୍ୟା ୬ଟାବେଳର ତଥ୍ୟ ଅନୁସାରେ ସୁବର୍ଣ୍ଣରେଖା ଜଳସ୍ତର ଜାମଶୋଳାରେ ୪୯.୬୦ ମିଟର ଥିଲା। ଏହା ବିପଦ ସଙ୍କେତ (୪୯.୧୬ ମିଟର) ଠାରୁ ଉପରେ ଥିଲେ ମଧ୍ୟ ଜଳସ୍ତର ଖସୁଛି। ରାଜଘାଟରେ ଜଳସ୍ତର ୧୦.୪୦ ମିଟର ଥିଲା। ଏହା ବିପଦ ସଙ୍କେତ ୧୦.୩୬ ମିଟରଠାରୁ ସାମାନ୍ୟ ଅଧିକ ଥିଲେ ମଧ୍ୟ ଜଳସ୍ତର କମିବାରେ ଲାଗିଛି। ଜଳକା ଜଳସ୍ତର ବିପଦ ସଙ୍କେତରୁ ଖସି ୬.୪୭ ମିଟରରେ ପହଞ୍ଚିଥିବାବେଳେ କ୍ରମଶଃ ହ୍ରାସ ପାଉଛି। ବ୍ରାହ୍ମଣୀ ଜେନାପୁରରେ ୧୯.୨୨ ମିଟରରେ ପ୍ରବାହିତ ହେଉଥିବାବେଳେ ଜଳସ୍ତର ସାମାନ୍ୟ ବିଢଛି। ବୈତରଣୀ ଆଖୁଆପଦାରେ ୧୮.୧୧ ମିଟରରେ ପ୍ରବାହିତ ହେଉଥିବାବେଳେ ଜଳସ୍ତର ହ୍ରାସ ପାଉଛି। ଆମ ଯାଜପୁର ପ୍ରତିନିଧିଙ୍କ ସୂଚନା ଅନୁସାରେ • ପୃଷ୍ଠା ୭ ଦେଖନ୍ତୁ...



# ଟାଟା ଷ୍ଟିଲ୍ ଯୋଡା ପକ୍ଷରୁ ବନ ମହୋତ୍ସବ ପାଳିତ




**ଯୋଡା,(ଡିକେ ନ୍ୟୁଜ୍):** ପରିବେଶ ସନ୍ତୁଳନ ଏବଂ ଜନ ସମାଜ ପାଇଁ ବୃକ୍ଷର ଆବଶ୍ୟକତା ସମ୍ପର୍କରେ ସଚେତନତା ବୃଦ୍ଧି ଏବଂ ଅଧିକରୁ ଅଧିକ ଗଛ ଲଗାଇବା ପାଇଁ ଉତ୍ସାହ ସୃଷ୍ଟି କରିବା ପାଇଁ, ଟାଟା ଷ୍ଟିଲ ଯୋଡା ପକ୍ଷରୁ ବନ ମହୋତ୍ସବ ବୁଧବାର ଯୋଡା ସହର ଅନ୍ତର୍ଗତ ବନେଇକଳା ଠାରେ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ପ୍ରାୟ ୨୦ ଜଣ ସାମ୍ବାଦିକ ସାମିଲ ହୋଇ ଶାଳ, ଶିଶୁ, ଗମ୍ଭାରୀ, କଞ୍ଚନ ଏବଂ କୁଡୁଚୀ ଭଳି ବିଭିନ୍ନ କିସମର ଚାରା ରୋପଣ କରିଥିଲେ। ଏହି ଚାରା ରୋପଣ ଜାପାନର ମିୟାୱାକି ପଦ୍ଧତିକୁ ଅବଲମ୍ବନ କରି କରାଯାଇଥିଲା ଯାହାକି ବୃକ୍ଷର ସ୍ଥାନୀୟ ପ୍ରଜାତି ଦ୍ୱାରା ଅଳ୍ପ ସମୟରେ ଘଞ୍ଚ ଜଙ୍ଗଲ ସୃଷ୍ଟି କରାଯାଇପାରିବ ଓ ଟାଟା ଷ୍ଟିଲ ଯୋଡା ମୁଖ୍ୟ ରାଜେଶ କୁମାର, ଏହି କାର୍ଯ୍ୟକ୍ରମରେ ସାମିଲ ହୋଇ ବୃକ୍ଷର ଉପାଦେୟତା ଏବଂ ପରିବେଶ ସନ୍ତୁଳନରେ ଏହାର ଗୁରୁତ୍ୱପୂର୍ଣ୍ଣ ଭୂମିକା ସଂପର୍କରେ ଆଲୋକପାତ କରିଥିଲେ। ବର୍ତ୍ତମାନର ପରିବର୍ତ୍ତନଶୀଳ ଜଳବାୟୁ ପାଇଁ ଗଛର ବହୁଳ ଆବଶ୍ୟକତା ରହିଛି ଏବଂ ଏହାକୁ ଆବାଳ ବୃଦ୍ଧବନିତା ହୃଦୟଙ୍ଗମ କରି ଚାରା ରୋପଣ କରିବାର ସମୟ ଆସିଛି ବୋଲି ସମସ୍ତେ ମତବ୍ୟକ୍ତ କରିଥିଲେ। ବନ ମହୋତ୍ସବ ପ୍ରତି ବର୍ଷ ଜୁଲାଇ ମାସ ପ୍ରଥମ ସପ୍ତାହରେ ପାଳନ କରାଯାଇଥାଏ। ସ୍ଥାନୀୟ ଜନସାଧାରଣଙ୍କୁ ପରିବେଶ ସନ୍ତୁଳନ ପାଇଁ ଗଛ ଲଗାଇବା କାର୍ଯ୍ୟକ୍ରମରେ ସାମିଲ କରିବା ସହ ସଚେତନତା ସୃଷ୍ଟି କରାଇବା ହେଉଛି ଏହି ବନ ମହୋତ୍ସବର ଉଦ୍ଦେଶ୍ୟ।

# ଦେବଭୂମି ଜିନ୍ଦଲ ନଗରରେ ହେରା ପଞ୍ଚମୀ ନୀତି ସମ୍ପନ୍ନ



**ଅନୁଗୁଳ,(ଡିକେ ନ୍ୟୁଜ୍):** ଦେବଭୂମି ଜିନ୍ଦଲ ନଗର ପରିସରରେ ବେଶ ଉତ୍ସାହ ଓ ଭକ୍ତିଭାବର ସହ ମଙ୍ଗଳବାର ହେରା ପଞ୍ଚମୀ ନୀତି ସମ୍ପନ୍ନ ହୋଇଛି। ଦେବଭୂମିର ଆଦ୍ୟ ସେବିକା ତଥା ଜିନ୍ଦଲ ଫାଉଣ୍ଡେସନର ଅଧକ୍ଷା ଶାଲୁ ଜିନ୍ଦଲ ଶ୍ରଦ୍ଧା ଓ ସମର୍ପଣର ସହ ମୁଖ୍ୟ ପୂଜକ ଶ୍ରୀକାନ୍ତ ଜୀଙ୍କ ମାର୍ଗଦର୍ଶନରେ ସମସ୍ତ ନୀତି ତୁଲାଇ ଥିଲେ। ପରମ୍ପରାର ପ୍ରତୀକ ଭାବେ ଅନୁଷ୍ଠିତ ହୋଇଥିବା ମା' ମହାଲକ୍ଷ୍ମୀଙ୍କ ପାଲିଙ୍କି ଯାତ୍ରାରେ ମଧ ସେ ଅଂଶଗ୍ରହଣ କରିଥିଲେ। ପୌରାଣିକ ରୀତି ଅନୁଯାଇ, ଭାଇ ଓ ଭଉଣୀଙ୍କୁ ନେଇ ଶ୍ରୀମନ୍ଦିରରୁ ଗୁଣ୍ଡିଚା ଘରକୁ ଯାଇଥିବା ମହାପ୍ରଭୁଙ୍କ ବିଷୟରେ ଅନୁସନ୍ଧାନ କରିବା ପାଇଁ ମା' ଲକ୍ଷ୍ମୀ ଗୁଣ୍ଡିଚା ଘରକୁ ଯାଇଥାନ୍ତି। ହେରା ପଞ୍ଚମୀ ଦିନ ଏହି ପରମ୍ପରାକୁ ପ୍ରତୀକାତ୍ମକ ରୂପରେ ପାଳନ କରାଯାଏ। ବିଧି ଅନୁଯାୟୀ ସକାଳ ୫ଟାରେ ମନ୍ଦିର ଶୋଧ, ମଙ୍ଗଳ ଆରତୀ, ମଇଲମ, ଅବକାଶ ନୀତି ସହିତ ପୂଜାର୍ଚ୍ଚନା ଆରମ୍ଭ ହୋଇଥିଲା। ପ୍ରାତଃକାଳୀନ ପୂଜାରେ ରୋଷ ହୋମ, ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା ଏବଂ ବେଶ ଆରତୀ ଆଦି ପ୍ରମୁଖ ନୀତି କରାଯାଇଥିଲା। ପୂଜା ପରମ୍ପରା ଦେଖିବା ସହ ପ୍ରାର୍ଥନା ଏବଂ ଆଶୀର୍ବାଦ ନେବା ପାଇଁ ଗୁଣ୍ଡିଚା ମନ୍ଦିର ପରିସରରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ଅପରାହ୍ନରେ ମଧ୍ୟାହ୍ନ ଧୂପ ଏବଂ ପହୁଡ଼ ନୀତି ସମ୍ପନ୍ନ ହୋଇଥିବା ବେଳେ ସନ୍ଧ୍ୟାରେ ଆରତୀ, ୬ଟା୧୦ରେ ଶ୍ରୀଦେବୀଙ୍କ ବେଶ ଲାଗି ଏବଂ ୭ଟାରେ ପଟୁଆରରେ ଦିବ୍ୟ ବିମାନରେ ଯାଇ ଗୁଣ୍ଡିଚା ମନ୍ଦିରରେ ଆଜ୍ଞାମାଳ ବିଜେ ହୋଇଥିଲେ। ସେହିପରି ଅଧ୍ୟାତ୍ମିକ ପରିବେଶ ମଧ୍ୟରେ ୮ଟା ୩୦ରେ ବଡ଼ ସିଂହାର ବେଶ ସହିତ ରୀତିନୀତି ଶେଷ ହୋଇଥିଲା। ବର୍ତ୍ତମାନ ଚତୁର୍ଦ୍ଧାମୁର୍ତ୍ତୀଙ୍କ ବାହୁଡ଼ା ଯାତ୍ରା ଦେଖିବା ପାଇଁ ସମସ୍ତ ଶ୍ରଦ୍ଧାଳୁ ଆସନ୍ତା ଶନିବାର ଦିନକୁ ଅପେକ୍ଷା କରି ରହିଛନ୍ତି।

# ବିର୍ଲା ଓପସ ପେଣ୍ଟସର ନୂତନ ଅଭିଯାନର ଶୁଭାରମ୍ଭ

**ଭୁବନେଶ୍ୱର,(ଡିକେ ନ୍ୟୁଜ୍):** ଆଦିତ୍ୟ ବିର୍ଲା ଗ୍ରୁପର ଗ୍ରାସିମ ଇଣ୍ଡଷ୍ଟ୍ରୀଜ, ଅଧିନସ୍ଥ ବିର୍ଲା ଓପସ ପେଣ୍ଟସ୍ ଏହାର ମୂଳ ଦର୍ଶନ 'ଦୁନିଆ କୋ ରଙ୍ଗ୍ ଦୋ' ଉପରେ ଆଧାର କରି ଏକ ନୂଆ ବ୍ରାଣ୍ଡ କ୍ୟାମ୍ପେନ ଉନ୍ମୋଚନ କରିଛି। ଏହା ହେଉଛି ଏକ ହୃଦୟସ୍ପର୍ଶୀ ଜାତୀୟସ୍ତରୀୟ ଅଭିଯାନ ଯାହା କିମ୍ବଦନ୍ତୀ ଗେଟ୍‌ୱେ ଅଫ୍ ଇଣ୍ଡିଆଠାରୁ ଆରମ୍ଭ କରି ଭାରତର କାଳଜୟୀ ସ୍ମାରକୀଗୁଡ଼ିକୁ ଜୀବନ୍ତ କରିଛି ଏବଂ ରଙ୍ଗର ଶକ୍ତି କିଭଳି ଦେଶବ୍ୟାପୀ ଗୌରବ, ସୌନ୍ଦର୍ଯ୍ୟ ଓ ରୂପାନ୍ତରଣକୁ ପୁନର୍ଜୀବିତ କରିପାରିବ ତାହାକୁ ଉନ୍ମୋଚିତ କରୁଛି। ଆନିମେଟେଡ୍ ପଦ୍ଧତି ସହିତ ଜାରି ରଖି, ଏହି ହୃଦୟସ୍ପର୍ଶୀ ଫିଲ୍ମଟି ଓପସ୍ ବୟକୁ ପୁନଃ ପରିଚିତ କରାଇଛି, ଯାହା ଚାରିପାଖର ଦୁନିଆକୁ ରଙ୍ଗୀନ କରିବା ଏବଂ ଆନନ୍ଦ ବିସ୍ତାର କରିବାର ପ୍ରୟାସରେ, ରଙ୍ଗ ମାଧ୍ୟମରେ ପରିବର୍ତ୍ତନର ମୂଳଦୁଆକୁ ଆହୁରି ଗଭୀର କରିଛି। ଚଳିତ ଥର ଏକ ସମୃଦ୍ଧ, ନିମଜ୍ଜିତ ଅନୁଭୂତି ସୃଷ୍ଟି କରିବା ପାଇଁ ୩ଡି ଫିଚର ଆନିମେଶନକୁ ଭାରତର ଅନ୍ୟତମ ଆଇକୋନିକ ଭିଜୁଆଲଗୁଡ଼ିକର ପୃଷ୍ଠଭୂମିରେ ସେଟ୍ କରାଯାଇଛି। ଏହି ନୂଆ କ୍ୟାମ୍ପେନ ଓପସ୍ ବୟର ଆରମ୍ଭ କରିଥିବା ପ୍ରିମିୟର କ୍ୟାମ୍ପେନର ସଫଳତା ଉପରେ ଆଧାରିତ ଯାହା କମ୍ପାନୀର ଲକ୍ଷ୍ୟକୁ ଆଗକୁ ବଢାଉଛି। ଏହା ପ୍ରତ୍ୟେକ ସ୍ତରରେ କେବଳ ସ୍ଥାନଗୁଡ଼ିକୁ ନୁହେଁ, ବରଂ ଦୃଷ୍ଟିକୋଣକୁ ପରିବର୍ତ୍ତନ କରିବା ପାଇଁ ରଙ୍ଗର ଶକ୍ତିକୁ ପ୍ରକାଶ କରୁଛି। ଏହି ଫିଲ୍ମର ଶୁଭାରମ୍ଭ ସମ୍ପର୍କରେ ବିର୍ଲା ଓପସ୍ ପେଣ୍ଟସର ସିଇଓ ରକ୍ଷିତ ହର୍‌ଗଭେ କହିଛନ୍ତି, "ଆମର ପୂର୍ବ କ୍ୟାମ୍ପେନଗୁଡ଼ିକରୁ ମିଳିଥିବା ପ୍ରଭାବଶାଳୀ ବାର୍ତ୍ତା ଓ ଦର୍ଶକଙ୍କ ପ୍ରତିକ୍ରିୟାକୁ ଅନୁସରଣ କରି ଆମେ ଗର୍ବର ସହିତ ଆମର ନୂଆ କ୍ୟାମ୍ପେନକୁ ଶୁଭାରମ୍ଭ କରିଛୁ ଯାହା ଜୀବନ୍ତ ରଙ୍ଗ ଓ ଶୈଳୀଗୁଡ଼ିକ ମାଧ୍ୟମରେ ପରିବର୍ତ୍ତନର ସମ୍ଭାବନାକୁ ପରିକଳ୍ପନା କରି ଭାରତର ଐତିହ୍ୟକୁ ପାଳନ କରିଛି।" ସେହିପରି ବିର୍‌ଲା ଓପସ୍ ପେଣ୍ଟସ୍‌ର ମାର୍କେଟିଙ୍ଗ ବିଭାଗର ମୁଖ୍ୟ ଇନ୍ଦରପ୍ରିତ ସିଂହ କହିଛନ୍ତି, "ଜାତୀୟ ଐତିହାସିକ ସ୍ଥାନ ଓ ଗଭୀର ସାଂସ୍କୃତିକ ମହତ୍ୱ ସହ ଆମର ପେଣ୍ଟ୍‌ଗୁଡ଼ିକର ସମ୍ଭାବନାକୁ ପ୍ରଦର୍ଶିତ କରି, ଆମେ ଆଶାର ଏକ ଶକ୍ତିଶାଳୀ କାହାଣୀ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛୁ, ଯାହା ପ୍ରତ୍ୟେକ ଭାରତୀୟଙ୍କୁ ସେମାନଙ୍କ ଚାରିପାର୍ଶ୍ୱରେ ଥିବା ସୌନ୍ଦର୍ଯ୍ୟତା ଓ ପେଣ୍ଟ୍‌ର ପରିବର୍ତ୍ତନଶୀଳ କ୍ଷମତାକୁ ମନେ ପକାଇବ।" ଲିଓ ଇଣ୍ଡିଆର ଚିଫ୍ କ୍ରିଏଟିଭ ଅଫିସର ସଚିନ କାମ୍ବଲେ କହିଛନ୍ତି, "ବହୁ ପ୍ରଶଂସିତ ଲଞ୍ଚ୍ ଫିଲ୍ମର ସଫଳତା ଉପରେ ଭିତି କରି ଏହି ନୂଆ ସେଟ୍‌ର ବିର୍‌ଲା ଓପସ୍ ଫିଲ୍ମଗୁଡ଼ିକ 'ଦୁନିଆ କୋ ରଙ୍ଗ ଦୋ' ବିଚାରଧାରାକୁ ପ୍ରଦର୍ଶିତ କରୁଛି। ଏହି ଫିଲ୍ମର ବାର୍ତ୍ତାକୁ ଲିଓ ଇଣ୍ଡିଆ ଓ ଜୋମ୍ବି ଷ୍ଟୁଡିଓଜ୍, ବ୍ରାଜିଲ ଦ୍ୱାରା ପରିକଳ୍ପନା କରାଯାଇଛି।

# ମନ୍ତ୍ରୀଙ୍କୁ ସାକ୍ଷାତ କଲେ ପିଏନ୍‌ବି କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ



**ଭୁବନେଶ୍ୱର,(ଡିକେ ନ୍ୟୁଜ୍):** ରାଷ୍ଟ୍ରାୟତ୍ତ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ବିଭୁ ପ୍ରସାଦ ମହାପାତ୍ର ଭୁବନେଶ୍ୱର ଗସ୍ତରେ ଆସିଥିଲେ। ତାଙ୍କର ଏହି ଗସ୍ତ ଅବସରରେ ସେ ରାଜ୍ୟ ସରକାରଙ୍କ ଶିକ୍ଷ ବିଭାଗର ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କୁ ସାକ୍ଷାତ କରିଥିଲେ। ଅନୁସୂଚୀତ ଜାତି/ ଜନଜାତି ଏବଂ ଓବିସି ବିକାଶ ବିଭାଗର ପ୍ରମୁଖ ସଚିବ ଆଇଏଏସ୍ ସଞ୍ଜୀବ କୁମାର ମିଶ୍ର, ପିଉବ୍ଲୁଡି ଏବଂ ଖାଦ୍ୟ ଯୋଗାଣ ବିଭାଗର ପ୍ରମୁଖ ସଚିବ ଆଇଏଏସ୍ ସଞ୍ଜୟ କୁମାର ସିଂ ଏବଂ ପଞ୍ଚାୟତରାଜ ବିଭାଗର ନିର୍ଦ୍ଦେଶକ ଆଇଏଏସ୍ ଜ୍ୟୋତି ପ୍ରକାଶ ଦାଶ ପ୍ରମୁଖଙ୍କୁ ମଧ୍ୟ ସେ ଗସ୍ତ ସମୟରେ ସାକ୍ଷାତ କରିଥିଲେ। ଓଡିଶାର ବିକାଶରେ ବ୍ୟାଙ୍କର ଅଂଶଗ୍ରହଣ ଏବଂ ସମସ୍ତ ସରକାରୀ ପ୍ରାୟୋଜିତ ଯୋଜନାରେ ବ୍ୟାଙ୍କର ସହଯୋଗ ସମ୍ପର୍କରେ ସେ ସମସ୍ତଙ୍କୁ ଅବଗତ କରାଇଥିଲେ। ସେ ମନ୍ତ୍ରୀଙ୍କୁ ସରକାରଙ୍କ ସହିତ ବ୍ୟାଙ୍କର ସମ୍ପର୍କକୁ ସୁଦୃଢ଼ କରିବାକୁ ଅନୁରୋଧ କରିଥିଲେ। ଏଥି ସହିତ ଶ୍ରୀ ମହାପାତ୍ର ସମସ୍ତ କର୍ତ୍ତୃପକ୍ଷଙ୍କୁ ବ୍ୟାଙ୍କରେ ନୂତନ ଭାବେ ଆରମ୍ଭ ହୋଇଥିବା ବିଭିନ୍ନ ଯୋଜନାର ଲାଭ ସମ୍ପର୍କରେ ବୁଝାଇ କହିଥିବା ସହ ଏହି ଯୋଜନା ସମ୍ପର୍କୀତ ବୁକ୍‌ଲେଟ୍ ପ୍ରଦାନ କରିଥିଲେ। ସେ ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟ ଏବଂ ମଣ୍ଡଳ କାର୍ଯ୍ୟାଳୟ ମଧ ପରିଦର୍ଶନ କରିଥିଲେ। ଶ୍ରୀ ମହାପାତ୍ର ଭୁବନେଶ୍ୱର ଅଞ୍ଚଳ କାର୍ଯ୍ୟାଳୟ ଏବଂ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ, ଓଡିଶା ଅନ୍ତର୍ଗତ ସମସ୍ତ କର୍ମଚାରୀଙ୍କୁ ସମ୍ବୋଧିତ କରିବା ସହ ସେମାନଙ୍କ ସହିତ ଆଲୋଚନା କରିଥିଲେ। ଏହି ଅବସରରେ ଅଞ୍ଚଳ ପ୍ରମୁଖ ଭୂଷଣ ଶର୍ମା, ଉପ-ଅଞ୍ଚଳ ପ୍ରମୁଖ କ୍ଷେତ୍ରବାସୀ ମିଶ୍ର ଏବଂ ଭୁବନେଶ୍ୱର ମଣ୍ଡଳର ମଣ୍ଡଳ ପ୍ରମୁଖ ଲକ୍ଷ୍ମୀକାନ୍ତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ପରିଚାଳନା ନେଟ୍‌ୱର୍କକୁ ଉନ୍ନତ କରିବା ପାଇଁ ୨୦୦୦ କୋଟିର ନିବେଶ କରିବ ଆମାଜନ ଇଣ୍ଡିଆ

**ଭୁବନେଶ୍ୱର,(ଡିକେ ନ୍ୟୁଜ୍):** ଭାରତର ସବୁଠାରୁ ସୁରକ୍ଷିତ, ଦ୍ରୁତତମ ଓ ନିର୍ଭରଯୋଗ୍ୟ ପରିଚାଳନା ନେଟ୍‌ୱର୍କର ନିର୍ମାଣ ଓ କାର୍ଯ୍ୟକାରିତା ପ୍ରତି ନିଜର ପ୍ରତିବଦ୍ଧତାର ଅଂଶ ଭାବେ ଆମାଜନ ୨୦୨୫ରେ ୨୦୦୦ କୋଟି ଟଙ୍କା (୨୩୩ ମିଲିୟନ ଡଲାର) ନିବେଶ କରିବ। ଏହି ନିବେଶ ଅର୍ଥକ. ପରିଚାଳନା ଭିତ୍ତିଭୂମିର ସମ୍ପ୍ରସାରଣ ଓ ଅପ୍‌ଗ୍ରେଡ କରିବା, ସହଯୋଗୀଙ୍କ ସୁରକ୍ଷା ଓ ସୁସ୍ଥତା କାର୍ଯ୍ୟକ୍ରମକୁ ଉନ୍ନତ କରିବା ଏବଂ ଏହର ଫୁଲ୍‌ଫିଲମେଣ୍ଟ ନେଟ୍‌ୱର୍କ ପାଇଁ ନୂଆ ଟୁଲ ଓ ଟେକ୍ନୋଲୋଜି ବିକଶିତ କରିବା ପାଇଁ ବ୍ୟବହାର କରାଯିବ। ଏହା କମ୍ପାନୀକୁ ଭାରତର ସମସ୍ତ ସର୍ଭିସେବୁଲ ପିନକୋଡରେ ସେବା ପ୍ରଦାନ କରିବାରେ ସାହାଯ୍ୟ କରିବ। ଏହି ନିବେଶ କମ୍ପାନୀର ପରିଚାଳନା ନେଟ୍‌ୱର୍କରେ ପ୍ରୋସେସିଂ କ୍ଷମତା ବଢାଇବ, ଫୁଲ୍‌ଫିଲମେଣ୍ଟ ବେଗକୁ ଉନ୍ନତ କରିବ ଓ ଦକ୍ଷତା ବୃଦ୍ଧି କରିବ ଯାହା ଆମାଜନକୁ ଭାରତର ଗ୍ରାହକଙ୍କୁ ଅଧିକ ଦ୍ରୁତ ଓ ନିର୍ଭରଯୋଗ୍ୟ ଭାବେ ସେବା ପ୍ରଦାନ କରିବାରେ ସାହାଯ୍ୟ କରିବ। ଏସମ୍ପର୍କରେ ଆମାଜନ ଇଣ୍ଡିଆ ଓ ଅଷ୍ଟ୍ରେଲିଆର ଅପରେଶନ୍ସ ବିଭାଗର ଭିପି ଅଭିନବ ସିଂହ କହିଛନ୍ତି, "ଏହି ନୂତନ ନିବେଶ ଆମର ଫୁଲ୍‌ଫିଲମେଣ୍ଟ, ସର୍ଟେଶନ ଓ ଡେଲିଭରି ନେଟ୍‌ୱର୍କରେ ଆମର ପରିଚାଳନାଗୁଡ଼ିକୁ ନିରନ୍ତର ଭାବେ ବିସ୍ତାର ଓ ଅପ୍‌ଗ୍ରେଡ କରିବା ପାଇଁ ଆମର ପ୍ରତିବଦ୍ଧତାକୁ ପ୍ରତିଫଳନ କରୁଛି। ଆମର ଭିତିଭୂମି କ୍ଷମତାଗୁଡ଼ିକୁ ମଜବୁତ କରି, ପ୍ରୋସେସିଂ କ୍ଷମତା ବୃଦ୍ଧି କରି ଓ ଅତ୍ୟାଧୁନିକ ଟେକ୍ନୋଲୋଜିକୁ ଉପଯୋଗ କରି ଆମେ ଆମାଜନକୁ ଭାରତବ୍ୟାପୀ ଗ୍ରାହକଙ୍କୁ ସର୍ବୋତମ ସେବା ପ୍ରଦାନ କରିବା ପାଇଁ ସୁବ୍ୟବସ୍ଥିତ କରୁଛୁ ଏବଂ ଆମର କର୍ମଚାରୀ, ଆସୋସିଏଟ ଓ ପାର୍ଟନରଙ୍କୁ ସହଯୋଗ କରୁଛୁ ଯିଏ ଆମ ପରିଚାଳନାର କେନ୍ଦ୍ର ଅଟନ୍ତି।" ଆମାଜନ ଏହାର ନିବେଶ ଏବଂ ପରିଚାଳନା ନେଟ୍‌ୱର୍କରେ କର୍ମଚାରୀ ଓ ସହଯୋଗୀଙ୍କ ସ୍ୱାସ୍ଥ୍ୟ ଓ ଆର୍ଥିକ କଲ୍ୟାଣକୁ ଉନ୍ନତ କରିବା ପାଇଁ ଲକ୍ଷ୍ୟ ରଖିଥିବା ପଦକ୍ଷେପଗୁଡ଼ିକର ବିସ୍ତାର ଜାରି ରଖିବ। ଏଥିରେ ଡେଲିଭରି ଆସୋସିଏଟଙ୍କ ପାଇଁ, ଏପରିକି ଆମାଜନ ପାଇଁ ଡେଲିଭରି କରୁନଥିବା ଡେଲିଭରି ଆସୋସିଏଟଙ୍କ ପାଇଁ ମଧ୍ୟ ଉତ୍ସର୍ଗୀକୃତ ବିଶ୍ରାମ କେନ୍ଦ୍ର ପ୍ରଦାନ କରିବା ପାଇଁ 'ଆଶ୍ରୟ' ଭଳି ପ୍ରୋଗ୍ରାମଗୁଡ଼ିକର ବିସ୍ତାର ସାମିଲ ରହିଛି ଯାହା ଆସୋସିଏଟଙ୍କୁ ବସିବା ସ୍ଥାନ, ପାନୀୟ ଜଳ, ଚାର୍ଜିଂ ଷ୍ଟେସନ ଓ ୱାଶରୁମ ସୁବିଧା ପ୍ରଦାନ କରୁଛି। ଆମାଜନ ଡେଲିଭରି ଆସୋସିଏଟ ଓ ପାର୍ଟନରଙ୍କୁ ଅସୁରକ୍ଷିତ ବେଗ ସମ୍ପର୍କରେ ସତର୍କ କରାଇବା ଏବଂ ବିଶ୍ରାମ ବିରତି ପାଇଁ ପ୍ରୋତ୍ସାହିତ କରିବା ଲାଗି ନୂତନ ଟେକ୍ନୋଲୋଜିଗୁଡ଼ିକର ବ୍ୟବହାର କରି ସଡକ ସୁରକ୍ଷା ବୃଦ୍ଧି କରିବା ଜାରି ରଖିଛି। ଆମାଜନ ରାସ୍ତାର ଜଟିଳତାକୁ ମାପୁଥିବା ଏବଂ ଡେଲିଭରି ରୁଟଗୁଡ଼ିକର ସମାନ ବିତରଣ ନିଶ୍ଚିତ କରିବା ପାଇଁ ଟୁଲଗୁଡ଼ିକରେ ନିବେଶ କରୁଛି, ଏଥିସହିତ ପ୍ରତ୍ୟେକ ଡେଲିଭରି ପାଇଁ ପର୍ଯ୍ୟାପ୍ତ ସମୟର ଅନୁମତି ଦେଉଛି। ଆମାଜନ ଡ୍ରାଇଭର ଅନ୍‌ବୋର୍ଡିଂ ପ୍ରୋସେସକୁ ଶୃଙ୍ଖଳିତ କରୁଛି ଏବଂ ଉତମ ଆୟ ସ୍ୱଚ୍ଛତା ଓ ଲାଭ ସୂଚା ପାଇଁ ଡ୍ରାଇଭର ଆପ୍‌କୁ ଉନ୍ନତ କରିଛି।

# ୟୁକୋ ବ୍ୟାଙ୍କର ନୂତନ ଆଞ୍ଚଳିକ ମୁଖ୍ୟ



**ଭୁବନେଶ୍ୱର,(ଡିକେ ନ୍ୟୁଜ୍):** ଶ୍ରୀମତୀ ବର୍ଷା ୟୁକୋ ବ୍ୟାଙ୍କର ନୂତନ ଭାବେ ଗଠିତ କଟକ ଜୋନର ଆଞ୍ଚଳିକ ମୁଖ୍ୟ ଭାବେ ଯୋଗ ଦେଇଛନ୍ତି। ସେ ବ୍ୟାଙ୍କ ମୁଖ୍ୟାଳୟରେ ରିସ୍କ ମ୍ୟାନେଜମେଣ୍ଟ ବିଭାଗର ସହାୟକ ମହାପ୍ରବନ୍ଧକ ଭାବେ କାର୍ଯ୍ୟ କରୁଥିଲେ। ଶ୍ରୀମତୀ ବର୍ଷା ୨୦୦୬ ମସିହାରେ ୟୁକୋ ବ୍ୟାଙ୍କରେ ପ୍ରୋବେସନାରୀ ଅଫିସର ଭାବରେ ତାଙ୍କର କ୍ୟାରିୟର ଆରମ୍ଭ କରିଥିଲେ। ସେ କୋଲକାତାରେ ଖୁଚୁରା ଋଣ ହବ୍ ମୁଖ୍ୟ ସମେତ ବିଭିନ୍ନ ସ୍ଥାନରେ କାର୍ଯ୍ୟ କରିଥିଲେ। କଟକ ଅଞ୍ଚଳର ଆଞ୍ଚଳିକ ମୁଖ୍ୟ ଭାବରେ ତାଙ୍କ କାର୍ଯ୍ୟକାଳ ମଧ୍ୟରେ ସେ ଖୁଚୁରା, କୃଷି ଏବଂ ଏମ୍‌ଏସ୍‌ଏମଇ କ୍ରେଡିଟ୍, କାସା ଜମା, ଆର୍ଥିକ ଅନ୍ତର୍ଭୁକ୍ତି ଏବଂ ଉନ୍ନତ ଗ୍ରାହକ ସେବା ଉପରେ ଅଧିକ ଗୁରୁତ୍ୱ ଦେବେ ବୋଲି ଜଣାପଡ଼ିଛି।




# ହିମାଚଳ ପ୍ରଦେଶରେ ୫ରୁ ୭ ଜୁଲାଇ ପର୍ଯ୍ୟନ୍ତ ପ୍ରବଳ ବର୍ଷାର ପୂର୍ବାନୁମାନ, ମଣ୍ଡିରେ ରିଲିଫ ଏବଂ ଉଦ୍ଧାର କାର୍ଯ୍ୟ ଜାରି



**ଶିମଳା,(ହି.ସ):** ହିମାଚଳପ୍ରଦେଶରେ ମୌସୁମୀ ବର୍ଷା ପ୍ରବଳ କ୍ଷତି ଘଟାଉଛି ଏବଂ ଆଗାମୀ ଦିନରେ ପରିସ୍ଥିତି ଆହୁରି ଖରାପ ହୋଇପାରେ। ପାଣିପାଗ ବିଜ୍ଞାନ କେନ୍ଦ୍ର ରାଜ୍ୟରେ ୫ରୁ ୭ ଜୁଲାଇ ପର୍ଯ୍ୟନ୍ତ ଅନେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ ବୋଲି ପୂର୍ବାନୁମାନ କରାଯାଇଛି। ଏହା ବ୍ୟତୀତ ଆଜିଠାରୁ୪ ଜୁଲାଇ ପର୍ଯ୍ୟନ୍ତ ୟେଲୋ ଆର୍ଲଟ ମଧ ଜାରି କରାଯାଇଛି। ବିଭାଗ ୮ ଜୁଲାଇ ପର୍ଯ୍ୟନ୍ତ ରାଜ୍ୟରେ ପାଗ ଖରାପ ରହିବ ବୋଲି ବିଭାଗ ସତର୍କ କରାଇଦେଇଛି ଏବଂ ଲୋକଙ୍କୁ ସତର୍କ ରହିବାକୁ ନିବେଦନ କରିଛି। ରାଜ୍ୟର ଅନେକ ସ୍ଥାନରେଆଜି ମଧ ମେଘୁଆ ରହିଛି। ପାଣିପାଗ ବିଜ୍ଞାନ କେନ୍ଦ୍ରଅନୁସାରେ ଗତ ୨୪ ଘଣ୍ଟାରେ ସୋଲନ ଜିଲ୍ଲାର କସୌଲୀରେ ସର୍ବାଧିକ ୫୫ମି.ମି ବର୍ଷା ରେକର୍ଡ କରାଯାଇଛି।ଏହା ବ୍ୟତୀତ ବାଗୀରେ ୫୪ ମି.ମି, ଧର୍ମପୁରରେ ୩୮ ମି.ମି ,ମଣ୍ଡିରେ ୩୬ ମି.ମି ,ସରାହନରେ ୩୨ ୩୨ ମି.ମି ଏବଂ ସୋଲନରେ ୨୮ ମି.ମି ବର୍ଷା ହୋଇଛି। ନିରନ୍ତର ବର୍ଷା ଯୋଗୁଁ ଭୂସ୍ଖଳନ ଏବଂ ଜଳବନ୍ଦୀ ଘଟଣାର ଆଶଙ୍କା ବୃଦ୍ଧି ପାଇଛି।

# କୋରୋନା ଭ୍ୟାକ୍‌ସିନ ଓ ହାର୍ଟ ଆଟାକ୍ ଯୋଗୁ ହେଉଥିବା ମୃତ୍ୟୁ ମଧ୍ୟରେ ନାହିଁ ସଂପର୍କ : ସ୍ୱାସ୍ଥ୍ୟ ମନ୍ତ୍ରାଳୟ




**ନୂଆଦିଲ୍ଲୀ,(ହି.ସ):** ଦେଶରେ ଗତ କିଛି ଦିନ ହେବ ହାର୍ଟ ଆଟାକ କାରଣରୁ ହଠାତ୍ ମୃତ୍ୟୁର ଅନେକ ଘଟଣା ଦେଖିବାକୁ ମିଳୁଛି। ଏହାପରେ ଏହି ପ୍ରଶ୍ନ ଉଠିବାରେ ଲାଗିଛି ଯେ, ଏହାର ସଂପର୍କ କୋଭିଡ୍ ଟିକା ସହ ଅଛି କି? ଏହି ପରିସ୍ଥିତିରେ କେନ୍ଦ୍ରୀୟ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ କୋଭିଡ୍-୧୯ ଟୀକାକରଣ ସଂପର୍କରେ ଚାଲିଥିବା ସମସ୍ତ ଗୁଜବକୁ ଖଣ୍ଡନ କରି ସ୍ପଷ୍ଟ କରିଛି ଯେ, ଦେଶରେ ଅନେକ ଏଜେନ୍ସି ମାଧ୍ୟମରେ ହଠାତ୍ ଏବଂ ଅସ୍ପଷ୍ଟ ମୃତ୍ୟୁ ଘଟଣାର ତଦନ୍ତ କରାଯାଇଛି। ଏହି ଅଧ୍ୟୟନଗୁଡିକ ନିଷ୍କର୍ଷରେ ପ୍ରମାଣିତ କରିଛି ଯେ, କୋଭିଡ୍ ଟୀକାକରଣ ଓ ଦେଶରେ ହଠାତ୍ ମୃତ୍ୟୁ ଘଟଣା ମଧ୍ୟରେ କୌଣସି ପ୍ରତ୍ୟକ୍ଷ ସମ୍ପର୍କ ନାହିଁ। କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ କହିଛି ଯେ ଭାରତୀୟ ଆୟୁର୍ବିଜ୍ଞାନ ଅନୁସନ୍ଧାନ ପରିଷଦ ଓ ଜାତୀୟ ରୋଗ ନିୟନ୍ତ୍ରଣ କେନ୍ଦ୍ର ଦ୍ୱାରା କରାଯାଇଥିବା ଅଧ୍ୟୟନଗୁଡ଼ିକ ଏହା ସ୍ପଷ୍ଟ କରିଛି ଯେ, ଭାରତରେ କରୋନା ଟିକା ସୁରକ୍ଷିତ ଓ ପ୍ରଭାବୀ ଅଟେ । ଏଥିରୁ ଗୁରୁତର ପାର୍ଶ୍ୱ ପ୍ରତିକ୍ରିୟାର ଘଟଣା ବହୁତ କମ୍ ସଂଖ୍ୟାରେ ଦେଖିବାକୁ ମିଳିଛି। ମନ୍ତ୍ରଣାଳୟ କହିଛି ଯେ ହୃଦୟ ସମ୍ବନ୍ଧୀୟ ହଠାତ ମୃତ୍ୟୁ ବିଭିନ୍ନ କାରଣରୁ ହୋଇପାରେ, ଯେଉଁଥିରେ ବଂଶାନୁକ୍ରମିକ ଗୁଣ, ଜୀବନଶୈଳୀ, ପୂର୍ବରୁ ଥିବା ରୋଗ ଓ କୋଭିଡ୍ ପରେ ଦେଖାଦେଇଥିବା ଜଟିଳତା ଅନ୍ତର୍ଗତ।

# ସଡକ ଦୁର୍ଘଟଣାରେ ବାପା-ପୁଅ ସମେତ ତିନିଜଣଙ୍କ ମୃତ୍ୟୁ

**ଗିରିଡିହ,(ହି.ସ):** ଗିରିଡୀହ -ଦେବଘର ମୁଖ୍ୟ ରାସ୍ତାର ବେଙ୍ଗାବାଦ ଥାନା ଅଞ୍ଚଳର ମଘଓ୍ୱା ଟୋଲ ଟ୍ୟାକ୍ସ ନିକଟରେ ମଙ୍ଗଳବାର ରାତିରେ ଏକ ସଡକ ଦୁର୍ଘଟଣା ଘଟିଛି।ସେଠାରେ ଏକ ଦ୍ରୁତଗାମୀ ଟ୍ରକ ଏକ ସ୍ୱିଫ୍ଟ ଡେଜେୟାର କାରକୁ ଧକ୍କା ଦେଇଥିଲା।ଏହି ଭୟଙ୍କର ଦୁର୍ଘଟଣାରେ ପିତା- ପୁତ୍ର ସମେତ ତିନିଜଣଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବାବଳେ କାରରେ ଥିବା ଦୁଇ ମହିଳା ସୋନୀ ଦେବୀଏବଂ ସଙ୍ଗୀତା ଦେବୀ ଗୁରୁତର ଆହତ ହୋଇଛନ୍ତି।ମୃତକଙ୍କ ପରିଚୟ ଲିଲୋ ତୁରୀ ,ଛୋଟୁ ତୁରୀ ଓବଂ ରାଜନ ତୁରୀ ବୋଲି ଚିହ୍ନଟ କରାଯାଇଛି।କୁହାଯାଉଛି ଯେ ଛୋଟୁ ତୁରୀ ଏବଂ ରାଜନ ତୁରୀ ପିତା ଏବଂ ପୁତ୍ର ଥିଲେ।ସମସ୍ତ ଲୋକ ନବଡିହା ଓପି ଅଞ୍ଚଳର ଜଙ୍ଗରୀଡିହରୁ ବେଙ୍ଗାବାଦ ଥାନା ଅଞ୍ଚଳର ମହୁଆର ଗ୍ରାମରେ ଲିଲୋ ତୁରୀଙ୍କ ଭାଣିଜୀଙ୍କ ଘର ଅଷାଢୀ ପୁଜା ଅବସରରେ ପ୍ରସାଦ ଖାଇବାକୁ ଯାଇଥିଲେ।ଫେରିବା ସମୟରେ ଏହି ଭୟଙ୍କର ଦୁର୍ଘଟଣା ଘଟିଥିଲା।

# ମଣିପୁରରେ ପାଞ୍ଚ ଉଗ୍ରବାଦୀ ଗିରଫ

**ଇମ୍ଫାଲ,(ହି.ସ):** ମଣିପୁର ପୋଲିସ ଏବଂ ସୁରକ୍ଷାବାହିନୀ ମିଳିତ ଭାବରେ ଗତ ୩୦ ଜୁନ ଏବଂ ଏକ ଜୁଲାଇରେ ଅନ୍ୟ ଜିଲ୍ଲାରେ ଗୁପ୍ତଚର ସୁଚନା ଆଧାରିତ ଅଭିଯାନ ସମୟରେ ନିଷିଦ୍ଧ ସଂଗଠନର ଜଣେ ଶୀର୍ଷ ନେତା ସମେତ ପାଞ୍ଚ ଉଗ୍ରବାଦୀଙ୍କୁ ଗିରଫ କରିଛନ୍ତି।ପୋଲିସ ଅନୁଯାୟୀ ଜେଡିୟୁଏଫ (ଜେ)ର ଆତ୍ମଘୋଷିତ ଉପମୁଖ୍ୟ ନାମଗକଲୁଙ୍ଗ କାମୋଇ ଓରଫ ନଭେମ୍ବର (୪୨)କୁ ଏକ ଜୁଲାଇରେ ଇମ୍ଫାଲ ପଶ୍ଚିମର କେକରୁପଟ ନିକଟରେ ଗିରଫ କରିଛନ୍ତି।ତାଙ୍କ ନିକଟରୁ ୯ଏମଏମର ପିସ୍ତଲ,୧୦ ଜୀବନ୍ତ କାରତୁସ ଏବଂ ଗୋଟିଏ ମୋବାଇଲ ଫୋନ ଉଦ୍ଧାର କରାଯାଇଛି।ସେହି ଦିନ ଇମ୍ଫାଲ ପୁର୍ବରୁ ପୋଲିସ କେୱାଇକେଏଲ (ସୋରେପା)ର ମୁତୁମ ଇବୋହନବୀ ସିଂହ (୪୯)କୁ ଗିରଫ କରାଯାଇଛି।ତାଙ୍କଠାରୁ ଏକ ମୋବାଇଲ ଫୋନ ଉଦ୍ଧାର କରାଯାଇଛି।ଏହା ବ୍ୟତୀତ କେସୀପୀ (ପୀଡବ୍ଲୁଜୀ)ର କ୍ୟାଡର ମୋହମ୍ମଦ ଅଜାଦ ଖାନ ଓରଫକଥୋକପା(୨୯)ଙ୍କୁ ପୋରୋମ୍ପଟ ପୋଲିସ ଷ୍ଟେସନ ଅନ୍ତର୍ଗତ ଖୁରଇ ଚୌଥାବୀ ଲୀରାକରୁ ଗିରଫ କରାଯାଇଛି।ତାଙ୍କ ନିକଟରୁ ଗୋଟିଏ ମୋବାଇଲ ଫୋନ ମିଳିଛି।

# ପୁରୀ ରଥଯାତ୍ରା ଭିଡ଼ ଦୁର୍ଘଟଣା ତଦନ୍ତ ପାଇଁ ଚାରି ଜଣିଆ ଟିମ୍ ଗଠନ କଲେ ରାଜ୍ୟ ସରକାର



ଭୁବନେଶ୍ୱର, (ହି.ସ): ପୁରୀ ଗୁଣ୍ଡିଚା ମନ୍ଦିର ନିକଟରେ ସମ୍ପ୍ରତି ଘଟିଥିବା ଭିଡ଼ ଦୁର୍ଘଟଣାର ତଦନ୍ତ ପାଇଁ ରାଜ୍ୟ ସରକାର ଚାରି ଜଣିଆ ଓଡ଼ିଶା ପ୍ରଶାସନିକ ସେବା (ଓଏଏସ) ଅଧିକାରୀଙ୍କୁ ନେଇ ଏକ ଟିମ ଗଠନ କରିଛନ୍ତି। ଏହି ଟିମ ବିକାଶ କମିଶନର-ତଥା-ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କୁ ତଦନ୍ତରେ ସହାୟତା କରିବ। ଏହି ନିଷ୍ପତ୍ତି ଓଏଏସ ଆସୋସିଏସନ ତାଙ୍କର ଦାବି-ଯେପରି ଭୁବନେଶ୍ୱର ମହାନଗର ନିଗମ (ବିଏମସି) ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କ ଉପରେ ଆକ୍ରମଣ ଅଭିଯୋଗରେ ଜଗନ୍ନାଥ ପ୍ରଧାନଙ୍କୁ ଗିରଫ କରାଯାଉ-ପୂରଣ ନହେବା ପର୍ଯ୍ୟନ୍ତ ଛୁଟିରେ ରହିବେ ବୋଲି ପୁନଃ ଘୋଷଣା କରିବା ପରେ ଆସିଛି। ତଦନ୍ତ ଟିମରେ ନିଯୁକ୍ତ ଅଧିକାରୀମାନେ ହେଲେ: ମାନସ ରଞ୍ଜନ ସାମଲ, ଯୁଗ୍ମ ନିର୍ଦ୍ଦେଶକ (ଏଷ୍ଟେଟ) ତଥା ସାଧାରଣ ପ୍ରଶାସନ ଓ ଜନ ଅଭିଯୋଗ (ଜିଏ ଆଣ୍ଡ ପିଜି) ବିଭାଗର ଅତିରିକ୍ତ ସଚିବ, ବିନୟ କୁମାର ଦାଶ, ଅତିରିକ୍ତ ସଚିବ, ଗୃହ ଓ ନଗର ଉନ୍ନୟନ ବିଭାଗ, ରଶ୍ମୀ ରଞ୍ଜନ ନାୟକ, ଅତିରିକ୍ତ ସଚିବ, ଜଳ ସମ୍ପଦ ବିଭାଗ ଏବଂ ପ୍ରଦୀପ କୁମାର ସାହୁ, ଅତିରିକ୍ତ ସଚିବ, କାର୍ଯ୍ୟ ବିଭାଗ। ଜିଏ ଆଣ୍ଡ ପିଜି ବିଭାଗର ନିର୍ଦ୍ଦେଶ ଅନୁଯାୟୀ, ଦାଶ ଓ ସାହୁ ବର୍ତ୍ତମାନ ପୁରୀରେ ଅଛନ୍ତି ଏବଂ ୮ ଜୁଲାଇ ପର୍ଯ୍ୟନ୍ତ ସେଠାରେ ରହିବେ। ଏହି ଚାରି ଅଧିକାରୀ ନିଜ ନିଜର ବର୍ତ୍ତମାନର ଦାୟିତ୍ୱ ସହିତ ଏହି ତଦନ୍ତ କାର୍ଯ୍ୟ ମଧ ପରିଚାଳନା କରିବେ। ନିର୍ଦ୍ଦେଶରେ ଆହୁରି କୁହାଯାଇଛି ଯେ, ଏହି ଅଧିକାରୀମାନେ ପ୍ରତିଦିନ ଅପରାହ୍ନ ୩ଟାରୁ ଦୁଇ ଘଣ୍ଟା ପାଇଁ ଯୋଜନା ଓ ସମନ୍ୱୟ ବିଭାଗର ବିକାଶ କମିଶନର-ତଥା-ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ କାର୍ଯ୍ୟାଳୟରେ ଉପସ୍ଥିତ ରହି ତଦନ୍ତରେ ସହାୟତା କରିବେ। ଗତ ୨୯ ଜୁନରେ ବାର୍ଷିକ ରଥଯାତ୍ରା ଉତ୍ସବ ସମୟରେ ଗୁଣ୍ଡିଚା ମନ୍ଦିର ନିକଟରେ ଏହି ଭିଡ଼ ଦୁର୍ଘଟଣା ଘଟିଥିଲା, ଯେତେବେଳେ ଶ୍ରୀଜଗନ୍ନାଥ ଓ ତାଙ୍କ ଭାଇଭଉଣୀଙ୍କ ଦର୍ଶନ ପାଇଁ ବିପୁଳ ସଂଖ୍ୟାରେ ଭକ୍ତଭକ୍ତ ଏକାଠି ହୋଇଥିଲେ। ଏହି ଦୁଃଖଦ ଘଟଣାରେ ତିନି ଜଣ ଭକ୍ତଙ୍କର ମୃତ୍ୟୁ ହୋଇଥିବା ବେଳେ ଅନେକ ଆହତ ହୋଇଛନ୍ତି। ଏହି ଘଟଣା ପୁରୀରେ ରଥଯାତ୍ରା ପରିଚାଳନା ଓ ଭିଡ଼ ନିୟନ୍ତ୍ରଣ ବ୍ୟବସ୍ଥା ଉପରେ ଗମ୍ଭୀର ପ୍ରଶ୍ନ ଉଠାଇଛି। ସରକାରଙ୍କ ଏହି ତଦନ୍ତ ଟିମ ଗଠନ ଦୁର୍ଘଟଣାର କାରଣ ଚିହ୍ନଟ କରିବା ଏବଂ ଭବିଷ୍ୟତରେ ଏଭଳି ଘଟଣା ରୋକିବା ପାଇଁ ଆବଶ୍ୟକ ପଦକ୍ଷେପ ସୁପାରିଶ କରିବାରେ ସହାୟକ ହେବ ବୋଲି ଆଶା କରାଯାଉଛି।

# ରାଜଧାନୀ ଏବଂ ରାଜ୍ୟରାଣୀ ଏକ୍ସପ୍ରେସ୍ ଟ୍ରେନରେ ଅତିରିକ୍ତ କୋଚ୍ ସଂଯୋଗ



ଭୁବନେଶ୍ୱର, (ପିଆଇବି): ଯାତ୍ରୀ ସୁବିଧା ବୃଦ୍ଧି କରିବା ପାଇଁ ଏକ ସକ୍ରିୟ ପଦକ୍ଷେପ ସ୍ୱରୂପ ପୂର୍ବତଟ ରେଳପଥ ରାଜଧାନୀ ଏବଂ ରାଜ୍ୟରାଣୀ ଏକ୍ସପ୍ରେସ୍ ଟ୍ରେନ ଦ୍ୱୟରେ ଅତିରିକ୍ତ ଏସି-୩ ଟାୟାର କୋଚ୍ ଅସ୍ଥାୟୀ ସଂଯୋଗ ପାଇଁ ନିଷ୍ପତ୍ତି ନେଇଛି। ଏହି ପଦକ୍ଷେପର ଲକ୍ଷ୍ୟ ହେଉଛି ଅଧିକ ଚାହିଦା ଥିବା ସମୟରେ ଯାତ୍ରୀମାନଙ୍କ ପାଇଁ ଅଧିକ ଆରାମଦାୟକ ଏବଂ ସୁଗମ ଯାତ୍ରା ସୁନିଶ୍ଚିତ କରିବା। ୨୨୮୨୩/୨୨୮୨୪ ଭୁବନେଶ୍ୱର-ନୂଆଦିଲ୍ଲୀ-ଭୁବନେଶ୍ୱର ରାଜଧାନୀ ଏକ୍ସପ୍ରେସ ଭୁବନେଶ୍ୱରରୁ ୮ ଏବଂ ୧୧ ଜୁଲାଇ ୨୦୨୫ରେ ଏବଂ ନୂଆଦିଲ୍ଲୀରୁ ୯ ଏବଂ ୧୨ ଜୁଲାଇ ୨୦୨୫ରେ ଗୋଟିଏ ଅତିରିକ୍ତ ଏସି-୩ ଟାୟାର କୋଚ୍ ସଂଯୋଗ ସହିତ ଏହାର ଗଠନକୁ ବର୍ଦ୍ଧିତ କରାଯିବ। ୧୮୪୧୭/୧୮୪୧୮ ରାଉରକେଲା-ଗୁଣୁପୁର-ରାଉରକେଲା ରାଜ୍ୟରାଣୀ ଏକ୍ସପ୍ରେସ ୩ରୁ ୯ ଜୁଲାଇ ୨୦୨୫ ପର୍ଯ୍ୟନ୍ତ ପ୍ରତିଦିନ ରାଉରକେଲାରୁ ଏବଂ ୪ରୁ ୧୦ ଜୁଲାଇ ୨୦୨୫ ପର୍ଯ୍ୟନ୍ତ ପ୍ରତିଦିନ ଗୁଣୁପୁରରୁ ଗୋଟିଏ ଅତିରିକ୍ତ ଏସି-୩ ଟାୟାର କୋଚ୍ ସଂଯୋଗ ସହିତ ବର୍ଦ୍ଧିତ କରାଯିବ। ଏହି ଅସ୍ଥାୟୀ ବୃଦ୍ଧିର ଲକ୍ଷ୍ୟ ହେଉଛି ଯାତ୍ରୀଙ୍କ ଅତିରିକ୍ତ ଭିଡ଼ ଦୂର କରିବା ଏବଂ ଏହି ସମୟ ମଧ୍ୟରେ ସୁଗମ ଯାତ୍ରା ସୁନିଶ୍ଚିତ କରିବା। ଯାତ୍ରୀମାନଙ୍କୁ ସେହି ଅନୁସାରେ ସେମାନଙ୍କର ଯାତ୍ରା ଯୋଜନା କରିବାକୁ ଏବଂ ଉପଲବ୍ଧ ଅତିରିକ୍ତ ରହଣି ବ୍ୟବସ୍ଥା ଉପରେ ଧ୍ୟାନ ଦେବାକୁ ପରାମର୍ଶ ଦିଆଯାଇଛି। ପୂର୍ବତଟ ରେଳପଥ ଯାତ୍ରୀଙ୍କ ସୁବିଧା ବୃଦ୍ଧି କରିବା ଏବଂ ବର୍ଦ୍ଧିତ ଟ୍ରାଫିକକୁ ଦକ୍ଷତାର ସହିତ ପରିଚାଳନା କରିବା ପାଇଁ ପ୍ରତିବଦ୍ଧ ଅଧିକ ବିବରଣୀ ଏବଂ ବୁକିଂ ପାଇଁ, ଯାତ୍ରୀମାନେ www.irctc.co.in ପରିଦର୍ଶନ କରିପାରିବେ କିମ୍ବା ନିକଟସ୍ଥ ରେଳ ଷ୍ଟେସନ ଅନୁସନ୍ଧାନ କେନ୍ଦ୍ର ସହିତ ଯୋଗାଯୋଗ କରିପାରିବେ।

# ବାହୁଡା ଯାତ୍ରା , ସୁନାବେଶ ପାଇଁ ପୁରୀରେ ରେଳ ସୁରକ୍ଷା ସମ୍ବନ୍ଧୀୟ ସମୀକ୍ଷା ବୈଠକ

ଭୁବନେଶ୍ୱର, (ହି.ସ): ଶ୍ରୀଜଗନ୍ନାଥଙ୍କ ବାହୁଡା ଯାତ୍ରା ଏବଂ ସୁନାବେଶରେ ବିପୁଳ ଭକ୍ତସମାବେଶକୁ ଦୃଷ୍ଟିରେ ରଖି ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ସତ୍ୟବ୍ରତ ସାହୁ ବୁଧବାର ପୂର୍ବତଟ ରେଳପଥ, ଭୁବନେଶ୍ୱରର ମହାପ୍ରବନ୍ଧକଙ୍କ ସହିତ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଡକାଇ ପୁରୀ ରେଳ ଷ୍ଟେସନରେ ଭିଡ଼ ପରିଚାଳନା ଏବଂ ଯାତ୍ରୀ ସୁରକ୍ଷା ପ୍ରୋଟୋକଲର ସମୀକ୍ଷା କରିଛନ୍ତି। ଡିଜିପି, ଏଡିଜି ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନଙ୍କ ଉପସ୍ଥିତିରେ ଅନୁଷ୍ଠିତ ଏହି ଉଚ୍ଚସ୍ତରୀୟ ବୈଠକରେ ପୁରୀରେ ଆସିବାକୁ ଥିବା ଲକ୍ଷ ଲକ୍ଷ ଭକ୍ତଙ୍କ ସୁରକ୍ଷା ଏବଂ ସୁଗମ ଅନୁଭୂତି ପାଇଁ ରାଜ୍ୟ ସରକାରଙ୍କ ସର୍ବୋଚ୍ଚ ଚିନ୍ତା ଉପରେ ଗୁରୁତ୍ୱାରୋପ କରାଯାଇଛି। ଜୁଲାଇ ୪ ତାରିଖରେ ପବିତ୍ର ବାହୁଡା ଯାତ୍ରା ଓ ଜୁଲାଇ ୫ ତାରିଖରେ ଶ୍ରୀଜୀଉମାନଙ୍କ ପବିତ୍ର ସୁନାବେଶ ଅନୁଷ୍ଠିତ ହେଉଥିବାରୁ ପୁରୀରେ ଅଭୂତପୂର୍ବ ଭକ୍ତସମାବେଶ ହେବ। ଶ୍ରଦ୍ଧାଳୁ ଭକ୍ତମାନଙ୍କ ଭିଡ ନିୟନ୍ତ୍ରଣ ଏକ ବିଶାଳ ଓ ମହାନ ଦାୟିତ୍ୱ । ଭିଡ଼କୁ ରୋକିବା, ଶୃଙ୍ଖଳିତ ଗତିବିଧିକୁ ସହଜ କରିବା ଏବଂ ଯେକୌଣସି ଜରୁରୀକାଳୀନ ପରିସ୍ଥିତିରେ ତୁରନ୍ତ ସହାୟତା ପ୍ରଦାନ କରିବା ପାଇଁ ପୂର୍ବତଟ ରେଳପଥ କର୍ତ୍ତୃପକ୍ଷ ଏବଂ ରାଜ୍ୟ ପୋଲିସ ମଧ୍ୟରେ ସୁଗମ ସମନ୍ୱୟର ଆବଶ୍ୟକତା ଉପରେ ସେ ଆଲୋକପାତ କରିଛନ୍ତି। ବର୍ଦ୍ଧିତ ସୁରକ୍ଷା ବ୍ୟବସ୍ଥା, କର୍ମଚାରୀଙ୍କ ଦକ୍ଷ ନିୟୋଜନ ଏବଂ ପ୍ରଭାବଶାଳୀ ଯୋଗାଯୋଗ ଚ୍ୟାନେଲ ସମେତ ଏକ ବ୍ୟାପକ ରଣନୀତି ଉପରେ ଆଲୋଚନା କରାଯାଇଥିଲା ।ତୀର୍ଥଯାତ୍ରୀଙ୍କ ପ୍ରତୀକ୍ଷାସ୍ଥଳୀ , ବର୍ଦ୍ଧିତ ଚିକିତ୍ସା ସୁବିଧା, ସ୍ପଷ୍ଟ ସାଇନେଜ୍ ଏବଂ ସୁଦୃଢ଼ ସାର୍ବଜନୀନ ସମ୍ବୋଧନ ବ୍ୟବସ୍ଥା ଭଳି ପଦକ୍ଷେପଗୁଡ଼ିକୁ ପ୍ରାଥମିକତା ଦିଆଯାଉଛି ।ଆଧୁନିକ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରି ବାସ୍ତବ-ସମୟ ଭିଡ଼ ଆକଳନର ଗୁରୁତ୍ୱ ଉପରେ ଅତିରିକ୍ତ ମୁଖ୍ୟ ସଚିବ ଶ୍ରୀ ସାହୁ ଗୁରୁତ୍ୱାରୋପ କରିଛନ୍ତି । ଏହା ପ୍ରଭାବଶାଳୀ ଭାବରେ ସର୍ବାଧିକ ଭିଡ ସମୟର ପୂର୍ବାନୁମାନ ଏବଂ ପରିଚାଳନା କରିଥାଏ। ଚଳିତ ରଥଯାତ୍ରା ଉତ୍ସବ ସମୟରେ ଭିଡ଼ ପରିଚାଳନା ସମ୍ପର୍କରେ ସାମ୍ପ୍ରତିକ ଚିନ୍ତାଧାରା ପରିପ୍ରେକ୍ଷୀରେ ଏହି ବୈଠକ ଅନୁଷ୍ଠିତ ହୋଇଛି, ଯାହା ବାହୁଡା ଯାତ୍ରା ଏବଂ ସୁନାବେଶ ପାଇଁ ସମୀକ୍ଷାକୁ ଆହୁରି ଅଧିକ ଗୁରୁତ୍ୱପୂର୍ଣ୍ଣ କରିଛି ।ଅତିରିକ୍ତ ମୁଖ୍ୟ ସଚିବ ଶ୍ରୀ ସାହୁ ସମସ୍ତ ଭକ୍ତଙ୍କ ପାଇଁ ଏକ ନିରାପଦ ଏବଂ ଆଧ୍ୟାତ୍ମିକ ଭାବରେ ସମୃଦ୍ଧ ଅଭିଜ୍ଞତା ସୁନିଶ୍ଚିତ କରିବା ପାଇଁ ସରକାରଙ୍କ ପ୍ରତିବଦ୍ଧତାକୁ ଦୋହରାଇଛନ୍ତି, ସମସ୍ତ ଅଂଶୀଦାରଙ୍କୁ 'ଭକ୍ତ-କୈନ୍ଦ୍ରିକ' ଆଭିମୁଖ୍ୟ ସହିତ ସମ୍ପୂର୍ଣ୍ଣ ସମନ୍ୱୟରେ କାମ କରିବାକୁ ଅନୁରୋଧ କରିଛନ୍ତି। ଶ୍ରୀଜଗନ୍ନାଥଙ୍କ ବାହୁଡା ଯାତ୍ରା ଏବଂ ସୁନାବେଶ ଭଳି ଗୁରୁତ୍ୱପୂର୍ଣ୍ଣଉତ୍ସବ ଓ ବିପୁଳ ଭକ୍ତ ସମାବେଶ ଅବସରରେ ଭିଡର ସଫଳ ଏବଂ ସୁରକ୍ଷିତ ପରିଚାଳନା ସୁନିଶ୍ଚିତ କରିବା ପାଇଁ ରେଳବାଇର ବିଦ୍ୟମାନ ବ୍ୟବସ୍ଥା ଉପରେ ଆବଶ୍ୟକୀୟ ଉନ୍ନତିକୁ କାର୍ଯ୍ୟକାରୀ କରିବାଗୃହ ବିଭାଗ ଏବଂ ପୂର୍ବତଟ ରେଳପଥ ମଧ୍ୟରେ ସହଯୋଗ ଓ ସମନ୍ୱୟର ଲକ୍ଷ୍ୟ।

# କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲର ପ୍ରତିଷ୍ଠା ଦିବସ ପାଳିତ




ଭୁବନେଶ୍ୱର, (ଡିକେ ନ୍ୟୁଜ୍): କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲ ନବନିର୍ବାଚିତ ଛାତ୍ର କ୍ୟାବିନେଟର ଶପଥ ଗ୍ରହଣ ଏବଂ ପ୍ରଖ୍ୟାତ ସାମ୍ବାଦିକ, ସ୍ନାୟୁ ବିବିଧତା ପ୍ରବକ୍ତା ଏବଂ ଲେଖିକା ମୁଗ୍ଧା କାଲରାଙ୍କ ପ୍ରେରଣାଦାୟକ ଅଭିଭାଷଣ ସହିତ ଏକ ସ୍କୁଲର ୧୯ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ମୁଗ୍ଧା କାଲରା କହିଲେ, ମୁଁ ଦେଶର ଅନେକ କ୍ୟାମ୍ପସକୁ ଯାଇଛି, କିନ୍ତୁ ଏହି କ୍ୟାମ୍ପସକୁ ଆସି ମୁଁ ଗର୍ବିତ। ସେ ସ୍କୁଲର ଭିତ୍ତିଭୂମି ଓ ଛାତ୍ର-ଅନୁକୂଳ ସୁବିଧାଗୁଡ଼ିକୁ ପ୍ରଶଂସା କରି କହିଥିଲେ, କିଟ୍ ଏଭଳି ପରିବେଶ ସୃଷ୍ଟି କରିଛି ଯେଉଁଥି ପାଇଁ କିଟ୍ ଇଣ୍ଟରନ୍ୟାସନାଲ୍ ସ୍କୁଲରେ ସ୍ୱତନ୍ତ୍ର ପିଲାଙ୍କ ସହ ଅନ୍ୟ ସାଧାରଣ ଛାତ୍ରମାନେ ଏକାଠି ପାଠ ପଢିପାରୁଛନ୍ତି। ଏହି ଅବସରରେ ସେ ଛାତ୍ରଛାତ୍ରୀମାନଙ୍କୁ ସହାନୁଭୂତି ଏବଂ ସାମାଜିକ ସଚେତନତା ସୃଷ୍ଟି କରୁଥିବା ଏପରି ଅନ୍ତର୍ଭୁକ୍ତିମୂଳକ ଅଭ୍ୟାସଗୁଡ଼ିକୁ ପ୍ରଶଂସା ଏବଂ ଦୃଢ଼ କରିବାକୁ ପରାମର୍ଶ ଦେଇଥିଲେ। ଛାତ୍ରଛାତ୍ରୀମାନେ ନିଜକୁ ଫିଟ୍ ରଖିବା ସହ ସର୍ବଦା ପରିବାର ଏବଂ ବନ୍ଧୁମାନଙ୍କ ସହିତ ରହିବା, ସନ୍ତୁଳିତ ଜୀବନ ଧାରଣ ଏବଂ ମନଯୋଗ ଦେଇ ଉତ୍କର୍ଷତା ପ୍ରତିପାଦିତ କରିବା ପାଇଁ ସେ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲର ସମସ୍ତ କର୍ମଚାରୀ ଏବଂ ଛାତ୍ରଛାତ୍ରୀମାନଙ୍କୁ ଅଭିନନ୍ଦନ ଜଣାଇବା ସହ ନିଜ ବାର୍ତ୍ତା ଜରିଆରେ କିଟ୍ ଏବଂ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କାର୍ଯ୍ୟକ୍ରମର ସଫଳତା କାମନା କରିଥିଲେ। କାର୍ଯ୍ୟକ୍ରମରେ କିଟ୍ ଓ କିସ୍ ସଭାପତି ଶାଶ୍ୱତୀ ବଳ ଯୋଗଦେଇ ପିଲାମାନଙ୍କୁ ଭଲ ମଣିଷ ହେବା ପାଇଁ ପରାମର୍ଶ ଦେଇଥିଲେ। ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇ କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲର ଚେୟାରପର୍ସନ ଡ. ମୋନା ଲିସା ବଳ କହିଲେ, ଅନ୍ୟମାନଙ୍କଠାରୁ ନିଆରା ହେବା ପାଇଁ କେବେ ବି ଭୟ କରନାହିଁ। ତୁମମାନଙ୍କ ଚିନ୍ତାଧାରା ଅଲଗା ଜଣାପଡୁଥିଲେ ମଧ ଏଥିପାଇଁ କେବେ ବି ଭୟ କରନାହିଁ। କାରଣ ଏକ ଅଲଗା ଚିନ୍ତାଧାରା ଅନେକ ସମୟରେ ବିଶ୍ୱକୁ ପରିବର୍ତ୍ତନ କରିଥାଏ। ସର୍ବଦା ଉତ୍ତମ ଓ ଗଭୀର ଚିନ୍ତନ ତଥା ଦୃଢ଼ତାର ସହ ଆଗେଇ ଯିବା ପାଇଁ ସେ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ସ୍କୁଲ୍ ଅଧ୍ୟକ୍ଷ ଡ ସଞ୍ଜୟ ସୁଆର ଛାତ୍ରଛାତ୍ରୀଙ୍କ ସର୍ଜନାତ୍ମକ ଚିନ୍ତାଧାରା ବୃଦ୍ଧି ସହ ଶିକ୍ଷାରେ କିଭଳି ଅଧିକ ଭଲ କରିବେ ସେ ନେଇ ପରାମର୍ଶ ଦେଇଥିଲେ।

# ବନ୍ୟା ପ୍ରଭାବିତ ମୟୂରଭଂଜ ଓ ବାଲେଶ୍ୱରରେ ୧୧ ଓଡ୍ରାଫ୍ ଟିମ୍ ନିୟୋଜିତ

ଭୁବନେଶ୍ୱର, (ହି.ସ): ଉତ୍ତର ଓଡିଶାର ବାଲେଶ୍ୱର ଓ ମୟୁରଭଞ୍ଜ ଜିଲ୍ଲାରେ ଲଗାଣ ବର୍ଷା ଯୋଗୁଁ ସୁବର୍ଣ୍ଣରେଖା, ବୁଢାବଳଙ୍ଗ ଏବଂ ଜଳକା ଭଳି ପ୍ରମୁଖ ନଦୀର ଜଳସ୍ତର ବୃଦ୍ଧି ପରେ ବନ୍ୟା ପରିସ୍ଥିତି ଦେଖା ଯାଇଥିଲା। ଏହି ପରିପ୍ରେକ୍ଷୀରେ ଓଡ଼ିଶା ବିପର୍ଯ୍ୟୟ ରାପିଡ୍ ଆକ୍ସନ ଫୋର୍ସ ବନ୍ୟା ପ୍ରଭାବିତ ଉଭୟ ଜିଲ୍ଲାରେ ବ୍ୟାପକ ଉଦ୍ଧାର ଏବଂ ରିଲିଫ୍ କାର୍ଯ୍ୟରେ ନିରନ୍ତର ନିୟୋଜିତ ହୋଇଛି। ମୟୂରଭଞ୍ଜରେ ୦୬ଟି ଓଡ୍ରାଫ ଦଳ ଏବଂ ବାଲେଶ୍ୱରରେ ୦୫ଟି ଓଡ୍ରାଫ ଦଳ ମୁତୟନ କରାଯାଇଛି ।ଓଡ୍ରାଫ ଟିମ ଲୋକଙ୍କ ଧନ ଜୀବନ ସୁରକ୍ଷିତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରୁଥିବା ବେଳେ ଜଳମଗ୍ନ ଅଂଚଳରୁ ଲୋକଙ୍କୁ ପାଣି ଘେରରୁ ଉଦ୍ଧାର କରି ସୁରକ୍ଷିତ ସ୍ଥାନରେ ଲୋକଙ୍କୁ ଥଇଥାନ କରିବାରେ ମୁଖ୍ୟ ଦାୟିତ୍ୱ ତୁଲାଉଛି। ଉଭୟ ଜିଲ୍ଲାର ୧୮ଟି ବ୍ଲକରୁ ଅଦ୍ୟାବଧି ୮୧୯୧ରୁ ଅଧିକ ଲୋକଙ୍କୁ ଉଦ୍ଧାର କରାଯାଇ ସୁରକ୍ଷିତ ସ୍ଥାନରେ ଥଇଥାନ କରାଯାଇଥିଲା। ଓଡ୍ରାଫ ଦଳଗୁଡ଼ିକ ଅଗ୍ନିଶମ ସେବା ସହିତ ଉପଯୁକ୍ତ ସମନ୍ୱୟ ରକ୍ଷା କରି ୨୪ ଘଂଟା ଉପସ୍ଥିତ ରହି ପ୍ରଭାବିତ ଲୋକଙ୍କ ସୁରକ୍ଷାକୁ ସୁନିଶ୍ଚିତ କରୁଛନ୍ତି। ଡ଼ଃ ସତ୍ୟଜିତ ନାଏକ, ଆଇପିଏସ, ଡିଆଇଜି (ପୂର୍ବାଞ୍ଚଳ ରେଞ୍ଜ) ବାଲେଶ୍ୱରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଓଡ୍ରାଫ ଟିମ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ତୁଲାଉଛନ୍ତି। ବାଲେଶ୍ୱର ଜିଲ୍ଲାର ବାଲିଆପାଳ, ଭୋଗରାଇ, ବସ୍ତା, କମର୍ଦ୍ଦା, ସିଙ୍ଗଲା ଆଦି ଅଂଚଳର ୨ହଜାରରୁ ଅଧିକ ସ୍ଥାନୀୟ ବାସିନ୍ଦାଙ୍କୁ ଜଳ ଘେରରୁ ଉଦ୍ଧାର କରାଯାଇଛି। ସେହିପରି ମୟୁରଭଞ୍ଜ ଜିଲ୍ଲାର ସାରସକଣା, ରସଗୋବିନ୍ଦପୁର, ବଡସାହି, ବେତନଟୀ ଏବଂ ବାରିପଦା ଅଂଚଳର ୬ ହଜାରରୁ ଅଧିକ ଲୋକଙ୍କୁ ଉଦ୍ଧାର କରାଯାଇ ସୁରକ୍ଷିତ ସ୍ଥାନରେ ଅବସ୍ଥାପିତ କରାଯାଇଥିଲା। ଓଡ୍ରାଫ ଟିମର କର୍ମଚାରୀମାନେ ରାତି ଦିନ ଏହି ଉଦ୍ଧାର କାର୍ଯ୍ୟରେ ନିୟୋଜିତ ରହିଥିଲେ। ତଳିଆ ଅଂଚଳର ବାସିନ୍ଦାମାନଙ୍କୁ ସତର୍କ କରିବା ଏବଂ ସେମାନଙ୍କୁ ନିର୍ଦ୍ଦିଷ୍ଟ ଆଶ୍ରୟସ୍ଥଳକୁ ସ୍ଥାନାନ୍ତର କରିବାରେ ଓଡ୍ରାଫ ଟିମ ସକ୍ରିୟ ଭୂମିକା ଗ୍ରହଣ କରିଥିଲା।

# ଗୁହାରିର ଦ୍ୱିତୀୟ ସଂଧ୍ୟାରେ ଦର୍ଶକ ବିଭୋର

ଭୁବନେଶ୍ୱର, (ହି.ସ): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଦ୍ୱାରା ଆୟୋଜିତ ଓ ଗୁରୁ କେଲୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ଦ୍ୱାରା ନିବେଦିତ ଶ୍ରୀ ଜଗନ୍ନାଥ ଭକ୍ତି ସଙ୍ଗୀତ ସମାରୋହ 'ଗୁହାରି ୨୦୨୫'ର ଆଜି ଥିଲା ଦ୍ୱିତୀୟ ସଂଧ୍ୟା । ଶ୍ରୀ ମନ୍ଦିରରୁ ତିନି ଗୋଟି ରଥ ବାହାରି ଗୁଣ୍ଡିଚା ମନ୍ଦିର ଅଭିମୁଖେ ଓ ଶ୍ରୀ ଗୁଣ୍ଡିଚା ମନ୍ଦିରରୁ ବାହାରି ଶ୍ରୀମନ୍ଦିର ଯାତ୍ରା ଅତୀବ ରହସ୍ୟମୟ। ଅଗଣିତ ବିଶ୍ୱବାସୀଙ୍କ ଆଶା ଓ ଆକାଂକ୍ଷା ଏବଂ ଉଦ୍ଦୀପନାର ଏ ଯାତ୍ରା, କିଏ କହେ ଘୋଷ ଯାତ୍ରା, କିଏବା କହେ ନବଦିନାତ୍ମକ ଯାତ୍ରା । କେହିବା କହନ୍ତି ଜନ୍ମ ବେଦୀକୁ ଚତୁର୍ଦ୍ଧାମୂର୍ତ୍ତିଙ୍କର ଯାତ୍ରା । ଏଭଳି ଏକ ଭାବାପୂର୍ଣ୍ଣ ପରିବେଶରେ କଣ୍ଠଶିଳ୍ପୀମାନଙ୍କର ଜଗନ୍ନାଥଙ୍କ ଉପରେ ଭକ୍ତି ସଙ୍ଗୀତ ପ୍ରବିବେଷଣ ଏହି ଉତ୍ସବକୁ ଦ୍ୱିଗୁଣିତ କରିଛି । ଦ୍ୱିତୀୟ ସଂଧ୍ୟାର ପ୍ରଥମ ଗାୟକ ଥିଲେ ମହାପ୍ରସାଦ କର ସେ ପରିବେଷଣ କରିଥିଲେ ଭୁଜ ତଳେ ଓ ସାଲବେଗଙ୍କ ରଚିତ ଗୁଣନିଧୀ ମୋ। ପରେ ପରେ ଅନସୂୟା ନାଥ ସାଲବେଗଙ୍କ ରଚିତ ଆହେ ନୀଳଗିରୀ ଓ ସାରିଆ ଭିକଙ୍କ ରଚିତ ଥକା ମନ ଚାଲ ଯିବା ଗାୟନ କରିଥିଲେ । ପରବର୍ତ୍ତୀ ପ୍ରସ୍ତୁତିରେ ଥିଲା ଦୁଃଖ ନାଶନ ହେ ଓ ଦୀନବନ୍ଧୁ ଦୈତାରୀ ଯାହାକୁ ଗାୟନ କରିଥିଲେ ବସନ୍ତ ପାତ୍ର । ତା ପରେ ସୃଷ୍ଟି ସରୂପା ପରିବେଷଣ କରିଥିଲେ ବନମାଳୀଙ୍କ ରଚିତ ଏହି କଥାରେ ମୋ ମନ ଓ ଗୌଡ ଦ୍ୱିଜଙ୍କ ରଚିତ ନୀଳ ଚକ୍ର ହେ। ପରେ ପରେ ଆଲୋକ କୁଣ୍ଡୁଙ୍କ ପ୍ରସ୍ତୁତିରେ ଥିଲା ସାଲବେଗଙ୍କ ଦ୍ୱାରା ରଚିତ ଅଣସର ଘରୁ ଆଜ ବାହାର ହେଲ ଓ ଭୀମଭୋଇ ରଚିତ ମନରେ ହରି ଭଜନ । ପରବର୍ତ୍ତୀ କଣ୍ଠଶିଳ୍ପୀ ଥିଲେ ନିଶିପ୍ରଭା ପାଣି ସେ ପ୍ରଥମେ ବୀରକିଶୋରଙ୍କ ରଚିତ ପତିତପାବନ ବାନା ଓ ପରେ ପରେ ବନମାଳୀ ରଚିତ ଦୀନବନ୍ଧୁ ଦୈତାରୀ ଗାୟନ କରିଥିଲେ । ପରବର୍ତ୍ତୀ ସଙ୍ଗୀତଟି ଥିଲା ଗୋପାଳ କୃଷ୍ଣଙ୍କ ରଚିତ ରାଧା ଶ୍ରୀ ପାଦ ବ୍ରଜ ଓ ବାଙ୍କ ଦାଶଙ୍କ ରଚିତ ଶ୍ରୀପତି ମୋ ବିପତି କୁ ପରିବେଷଣ କରିଥିଲେ ପ୍ରଭାତ କୁମାର ପାତ୍ର । ପରେ ପରେ ଦିପ୍ତି ଦାଶ ଗାୟନ କରିଥିଲେ ଭୀମଭୋଇଙ୍କ ରଚିତ ଶ୍ରୀ ଗୁରୁଙ୍କ ପାଦେ ରଖ ଓ ଦୀନବନ୍ଧୁଙ୍କ ଦ୍ୱାରା ରଚିତ ଜୟ ଜଗବନ୍ଧୁ ହେ ଜଦୁ ନନ୍ଦନ । ଦ୍ୱିତୀୟ ସନ୍ଧ୍ୟାର ଅନ୍ତିମ ପରିବେଷଣରେ ଥିଲା ଦିବ୍ୟରଂଜନ ଦାଶଙ୍କ ଦ୍ୱାରା ଅଭିମନ୍ୟୁ ସାମନ୍ତସିଂହାରଙ୍କ ରଚିତ ଜୟ ଜୟ ଜଗନ୍ନାଥ ଓ ଭୀମଭୋଇଙ୍କ ରଚିତ ମନରେ ହରି ଭଜନ । ସେମାନଙ୍କୁ ତବଲାରେ ଦୁଷ୍ମନ୍ତ କୁମାର ପରିଡ଼ା, ଢୋଲକରେ ବୈଭବ କୁମାର ଦାଶ, ବଂଶୀରେ ପ୍ରିତୀ ରଞ୍ଜନ ସ୍ୱାଇଁ, ଅକ୍ଟୋନପ୍ୟାଡ଼ରେ ସୁଧାଂଶୁ ଶେଖର ଜେନା, କିବୋର୍ଡ଼ରେ ଚିନ୍ତାମଣୀ ମିଶ୍ର ଏବଂ ହାରମୋନିୟମରେ ସୁମନ୍ତ ମହାରଣା ସହଯୋଗ କରିଥିଲେ । ଦ୍ୱିତୀୟ ସଂଧ୍ୟାର ଅତିଥିମାନେ ଥିଲେ ବିଶିଷ୍ଟ କଣ୍ଠଶିଳ୍ପୀ ପଦ୍ମଶ୍ରୀ ଶ୍ରୀମତୀ ଶ୍ୟାମାମଣି ଦେବୀ ବିଶିଷ୍ଟ ଓଡ଼ିଶୀ ନୃତ୍ୟାଙ୍ଗନା ପଦ୍ମଶ୍ରୀ ଡ଼କ୍ଟର କୁମକୁମ୍ ମହାନ୍ତି ; ବିଶିଷ୍ଟ କଣ୍ଠଶିଳ୍ପୀ ଶ୍ରୀମତୀ ଗୀତା ପଟ୍ଟନାୟକ; ବିଶିଷ୍ଟ ଭାଷାବିତ୍ ପ୍ରଫେସର କିର୍ତ୍ତନ ନାରାୟଣ ପାଢୀ ଓ ଗୁରୁ କେଲୁ ଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରର ପ୍ରଶାସନିକ ଅଧିକାରୀ ଶ୍ରୀମତୀ ଅନୁଜା ତାରିଣୀ ମିଶ୍ର । କାର୍ଯ୍ୟକ୍ରମଟିକୁ ସଂଚାଳନ କରିଥିଲେ ଡ଼କ୍ଟର ମୃତ୍ୟୁଞ୍ଜୟ ରଥ ।

# ଅଧ୍ୟାପକ ରଘୁନାଥ ମଣ୍ଡଳ ସମ୍ବର୍ଦ୍ଧିତ




ଭୁବନେଶ୍ୱର, (ଡିକେ ନ୍ୟୁଜ୍): ବୁଦ୍ଧିଷ୍ଟ ଇଣ୍ଟରନେସନାଲ ଫୋରମ୍ ଫର୍ ପିସ୍ ପକ୍ଷରୁ ଜାତୀୟ ଡାକ୍ତର ଦିବସ ପାଳନ ଅବସରରେ ଇନ୍‌ଷ୍ଟିଚ୍ୟୁଟ ଅଫ ମିଡ଼ିଆ ଷ୍ଟଡ଼ିଜ (ଆଇଏମଏସ)ର ସମାଜସେବା ବିଭାଗ ଅଧ୍ୟାପକ ତଥା ଜାତୀୟ ସେବା ଯୋଜନା (ଏନଏସଏସ)ର ଖୋର୍ଦ୍ଧା ଜିଲ୍ଲା ସଂଯୋଜକ ରଘୁନାଥ ମଣ୍ଡଳ ସମ୍ବର୍ଦ୍ଧିତ ହୋଇଛନ୍ତି। ମୁଖ୍ୟଅତିଥି ଭାବରେ ଯୋଗଦେଇ ଓଡ଼ିଶା ବିଧାନସଭା ବାଚସ୍ପତି ସୁରମା ପାଢୀ ତାଙ୍କୁ ମାନପତ୍ର ତଥା ଉତ୍ତରୀୟ ପ୍ରଦାନକରି ସମ୍ବର୍ଦ୍ଧିତ କରିଥିଲେ। ଶ୍ରୀ ମଣ୍ଡଳ ଗ୍ରାମାଞ୍ଚଳ, ସହରାଞ୍ଚଳ ଓ ବସ୍ତିରେ ବସବାସ କରୁଥିବା ଯୁବକ ଯୁବତୀଙ୍କର ଶିକ୍ଷା କ୍ଷେତ୍ରରେ ଉନ୍ନତି ଆଣିବା ତଥା ନିଯୁକ୍ତି କ୍ଷେତ୍ରରେ ବ୍ୟାପକ ପ୍ରୋତ୍ସାହନ ଯୋଗଦେବାରେ ଅନେକ ଅବଦାନ ରହିଛି। ତାଙ୍କର ଭୂମିକାକୁ ସମ୍ମାନ ଜଣାଇ ଏହି ଜାତୀୟ ଡାକ୍ତର ଦିବସ ଅବସରରେ ତାଙ୍କୁ ସମ୍ମାନିତ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ପଦ୍ମଶ୍ରୀ ଆନ୍ତର୍ଜାତୀୟ ଖ୍ୟାତିସଂପନ୍ନ ପ୍ରଫେସର୍ ଡକ୍ଟର ଅଶୋକ କୁମାର ମହାପାତ୍ର ଉପସ୍ଥିତ ରହି ଜନସାଧାରଣଙ୍କର ସୁସ୍ଥ ଜୀବନ ପାଇଁ ପରାମର୍ଶ ଦେଇଥିଲେ।

# ସମାଜ ସେବା ପାଇଁ ଋଷି ପଟ୍ଟନାୟକଙ୍କୁ ଡକ୍ଟରେଟ ଉପାଧି

ଭୁବନେଶ୍ୱର, (ହି.ସ): ସମାଜସେବୀ ତଥା ଅଭିନେତା, ନିର୍ଦ୍ଦେଶକ, ପରିବେଶବିତ ତଥା ଲେଖକ ଋଷି ପଟ୍ଟନାୟକଙ୍କୁ ମିଳିଲା ଡକ୍ଟରେଟ୍ ଉପାଧି। ଦିଲ୍ଲୀସ୍ଥିତ ସାହା ଅଡିଟୋରିୟମରେ ଅନୁଷ୍ଠିତ ସମାବର୍ତ୍ତନ ଉତ୍ସବରେ ତାଙ୍କୁ ଡକ୍ଟରେଟ ଉପାଧି ପ୍ରଦାନ କରାଯାଇଛି। ଦୀର୍ଘ ୫୦ ବର୍ଷ ଧରି ସେ ସମାଜସେବା କରି ଆସୁଛନ୍ତି। ଏହି ସଫଳତା ପାଇଁ ସେ ବାପାବୋଉଙ୍କର ଆଶୀର୍ବାଦ, ପରିବାରର ସ୍ନେହ, ଲୋକମାନଙ୍କ ଭଲ ପାଇବା ଏବଂ ସହଯୋଗକୁ ଶ୍ରେୟ ଦେଇଛନ୍ତି। ଏହା ପୂର୍ବରୁ ଋଷି ପଟ୍ଟନାୟକ ଅନେକ ଆନ୍ତର୍ଜାତୀୟ, ଜାତୀୟ ଓ ରାଜ୍ୟ ସରକାରଙ୍କ ପୁରସ୍କାର ଲାଭ କରିଛନ୍ତି। ନିଜର ଆଗାମୀ ସିନେମା ଶ୍ରୀଜଗନ୍ନାଥଙ୍କ ନବକଳେବରରେ ଦାନପାତ୍ରର ଚରିତ୍ର ପାଇଁ ସେ ବେଶ ଚର୍ଚ୍ଚାରେ। ସମାଜସେବା ପାଇଁ ନୂଆଦିଲ୍ଲୀରେ ଅନୁଷ୍ଠିତ ସ୍ୱତନ୍ତ୍ର ସମାବର୍ତ୍ତନ ଉତ୍ସବରେ ଡକ୍ଟରେଟ ଉପାଧି ପାଇଥିବା ଋଷି ପଟ୍ଟନାୟକ ସାଢେ ଚାରିକୋଟି ଓଡ଼ିଆ ଭାଇ ଭଉଣୀ ଓ କଳାକାରଙ୍କୁ ଏହା ଉତ୍ସର୍ଗ କରିଛନ୍ତି।

# ରେଲୱାନ ଆପ୍ ଉନ୍ମୋଚନ: ସମସ୍ତ ଅତ୍ୟାବଶ୍ୟକ ଯାତ୍ରୀ ସେବା ପାଇଁ ଏକ ୱାନ୍-ଷ୍ଟପ୍ ସମାଧାନ




ଭୁବନେଶ୍ୱର, (ପିଆଇବି): ଭାରତୀୟ ରେଳ ଯାତ୍ରୀ ସୁବିଧାରେ ଉନ୍ନତି ଆଣିବା ପାଇଁ ନିରନ୍ତର ପଦକ୍ଷେପ ନେଇ ଆସୁଛି। ନୂତନ ପିଢ଼ିର ଟ୍ରେନ ପ୍ରଚଳନ, ଷ୍ଟେସନଗୁଡ଼ିକର ପୁନଃବିକାଶ, ପୁରୁଣା କୋଚଗୁଡ଼ିକୁ ନୂତନ ଏଲ୍‌ଏଚ୍‌ବି କୋଚରେ ରୂପାନ୍ତରଣ ଏବଂ ଏହିପରି ଅନେକ ପଦକ୍ଷେପ ଗତ ଦଶନ୍ଧିରେ ଯାତ୍ରୀଙ୍କ ଅଭିଜ୍ଞତାକୁ ଉନ୍ନତ କରିଛି। କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ନୂଆଦିଲ୍ଲୀର ଇଣ୍ଡିଆ ହାବିଟାଟ୍ ସେଣ୍ଟରରେ ସେଣ୍ଟର ଫର୍ ରେଲୱେ ଇନଫର୍ମେସନ୍ ସିଷ୍ଟମ୍ସ (ସିଆର୍‌ଆଇଏସ୍)ର ୪୦ତମ ପ୍ରତିଷ୍ଠା ଦିବସରେ ଏକ ନୂତନ ଆପ୍, ରେଲୱାନ ଉନ୍ମୋଚନ କରିଛନ୍ତି। ରେଲୱାନ ରେଳବାଇ ସହିତ ଯାତ୍ରୀଙ୍କ ପାରସ୍ପରିକ କ୍ରିୟାକୁ ଉନ୍ନତ କରିବା ଉପରେ ଧ୍ୟାନ କେନ୍ଦ୍ରିତ କରେ। ଏହା ଏକ ବ୍ୟାପକ, ଅଲ୍-ଇନ୍-ୱାନ୍ ଆପ୍ଲିକେସନ୍ ଯାହାର ବ୍ୟବହାରକାରୀ-ଅନୁକୂଳ ଇଣ୍ଟରଫେସ୍ ଅଛି। ଏହି ଆପ୍ ଆଣ୍ଡ୍ରଏଡ୍ ପ୍ଲେ ଷ୍ଟୋର ଏବଂ ଆଇଓଏସ୍ ଆପ୍ ଷ୍ଟୋରରେ ଡାଉନଲୋଡ୍ ପାଇଁ ଉପଲବ୍ଧ। ଏହା ସମସ୍ତ ଯାତ୍ରୀ ସେବାକୁ ଏକୀକୃତ କରେ ଯେପରିକି: ଅଣସଂରକ୍ଷିତ ଏବଂ ପ୍ଲାଟଫର୍ମ, ଟିକେଟରେ ୩% ରିହାତି, ଲାଇଭ୍ ଟ୍ରେନ୍ ଟ୍ରାକିଂ, ଅଭିଯୋଗ ସମାଧାନ, ଇ-କେଟରିଂ, ପୋର୍ଟର ବୁକିଂ ଏବଂ ଶେଷ ମାଇଲ୍ ଟ୍ୟାକ୍ସି। ଆଇଆର୍‌ସିଟିସିରେ ଟିକେଟର ସଂରକ୍ଷଣ ଜାରି ରହିବ। ଆଇଆର୍‌ସିଟିସି ସହିତ ସହଭାଗୀତା କରୁଥିବା ଅନେକ ବାଣିଜ୍ୟିକ ଆପ୍ ପରି ରେଲୱାନ ଆପ୍ ଆଇଆର୍‌ସିଟିସି ଦ୍ୱାରା ଅନୁମୋଦିତ। ରେଲୱାନରେ ସିଙ୍ଗଲ୍ ସାଇନ୍-ଅନ୍ ସୁବିଧା ଅଛି ଯେଉଁଠାରେ ଏମ୍-ପିଆଇଏନ୍ କିମ୍ବା ବାୟୋମେଟ୍ରିକ୍ ମାଧ୍ୟମରେ ଲଗଇନ୍ କରାଯାଇପାରିବ। ଏହା ବିଦ୍ୟମାନ ରେଳକନେକ୍ଟ ଏବଂ ୟୁଟିଏସ୍ ପ୍ରମାଣପତ୍ରକୁ ମଧ ସମର୍ଥନ କରେ। ଏହି ଆପ୍ ସ୍ଥାନ ସଂରକ୍ଷଣକାରୀ କାରଣ ଏହା ବ୍ୟବହାରକାରୀଙ୍କ ପାଇଁ ବିଭିନ୍ନ ସେବା ପାଇଁ ପୃଥକ ଆପ୍ ରଖିବାର ଆବଶ୍ୟକତାକୁ ଦୂର କରେ। ଡିସେମ୍ବର ୨୦୨୫ ସୁଦ୍ଧା ଆଧୁନିକ ଯାତ୍ରୀ ସଂରକ୍ଷଣ ବ୍ୟବସ୍ଥା (ପିଆର୍‌ଏସ୍): ସିଆର୍‌ଆଇଏସ୍‌ର ସମଗ୍ର ଦଳକୁ ଏହାର ପ୍ରତିଷ୍ଠା ଦିବସରେ ରେଳମନ୍ତ୍ରୀ ଅଭିନନ୍ଦନ ଜଣାଇଥିଲେ। ସେ ସିଆର୍‌ଆଇଏସ୍‌କୁ ଭାରତୀୟ ରେଳବାଇର ଡିଜିଟାଲ୍ କୋରକୁ ଆହୁରି ମଜବୁତ କରିବା ଉପରେ ଧ୍ୟାନ ଦେବାକୁ କହିଥିଲେ। ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ବିଦ୍ୟମାନ ପିଆର୍‌ଏସ୍‌କୁ ଅପଗ୍ରେଡ୍ କରିବାରେ ହୋଇଥିବା ଅଗ୍ରଗତି ପାଇଁ ସିଆର୍‌ଆଇଏସ୍ ଦଳକୁ ପ୍ରଶଂସା କରିଥିଲେ। ଆଧୁନିକ ପିଆର୍‌ଏସ୍ ଦ୍ରୁତ, ବହୁଭାଷୀ ଏବଂ ବିଦ୍ୟମାନ ପିଆର୍‌ଏସ୍ ତୁଳନାରେ ୧୦ ଗୁଣ ଅଧିକ ଲୋଡ୍ ପରିଚାଳନା କରିବାକୁ ସକ୍ଷମ ହେବ। ଏହା ପ୍ରତି ମିନିଟରେ ୧.୫ ଲକ୍ଷ ଟିକେଟ୍ ବୁକିଂ ଏବଂ ୪୦ ଲକ୍ଷ ଅନୁସନ୍ଧାନ ସୁବିଧା ପ୍ରଦାନ କରିବ। ନୂତନ ପିଆର୍‌ଏସ୍ ବ୍ୟାପକ ହେବ ଏବଂ ଏଥିରେ ସିଟ୍ ଚୟନ, ଟିକେଟ୍ ମୂଲ୍ୟ କ୍ୟାଲେଣ୍ଡର ଏବଂ ଦିବ୍ୟାଙ୍ଗଜନ, ଛାତ୍ର ଏବଂ ରୋଗୀଙ୍କ ପାଇଁ ସମନ୍ୱିତ ବିକଳ୍ପ ପାଇଁ ଉନ୍ନତ ବୈଶିଷ୍ଟ୍ୟ ରହିବ। ଭବିଷ୍ୟତକୁ ପରିଭାଷିତ କରୁଥିବା ପ୍ରଯୁକ୍ତିବିଦ୍ୟା: ଭାରତୀୟ ରେଳବାଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୃଷ୍ଟିକୋଣ ସହିତ କାର୍ଯ୍ୟ କରୁଛି ଯାହା ଦ୍ୱାରା ଏହାକୁ ଭାରତର ବିକାଶ ଯାତ୍ରାର ଇଞ୍ଜିନ କରାଯାଇପାରିବ। ରେଲୱାନ ଆପ୍‌ର ଶୁଭାରମ୍ଭ ଭାରତୀୟ ରେଳବାଇର ପ୍ରଯୁକ୍ତିବିଦ୍ୟାକୁ ଗଣତାନ୍ତ୍ରିକୀକରଣ କରିବା ଏବଂ ପ୍ରତ୍ୟେକ ଯାତ୍ରୀଙ୍କୁ ବିଶ୍ୱସ୍ତରୀୟ ଗତିଶୀଳତା ପ୍ରଦାନ କରିବାର ପ୍ରତିବଦ୍ଧତାକୁ ପୁନଃନିର୍ଦ୍ଦିଷ୍ଟ କରୁଛି। ଭାରତୀୟ ରେଳବାଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୃଷ୍ଟିକୋଣକୁ ଭାରତର ପ୍ରଗତିର ଇଞ୍ଜିନ କରିବା ପାଇଁ ଅନୁସରଣ କରୁଛି। ରେଲୱାନ ଆପ୍‌ର ଶୁଭାରମ୍ଭ ଭାରତୀୟ ରେଳବାଇର ପ୍ରଯୁକ୍ତିବିଦ୍ୟାକୁ ସୁଗମ କରିବା ଏବଂ ପ୍ରତ୍ୟେକ ଯାତ୍ରୀଙ୍କୁ ବିଶ୍ୱସ୍ତରୀୟ ପରିବହନ ସୁବିଧା ପ୍ରଦାନ କରିବାର ପ୍ରତିବଦ୍ଧତାକୁ ପୁନଃନିର୍ଦ୍ଦିଷ୍ଟ କରୁଛି।

## — ସମ୍ପାଦକୀୟ —

# ତୁଳସୀ ଓ ଜଗନ୍ନାଥ

ତୁଳନାହୀନ ମହିମାରେ ଯିଏ ପରିପୂର୍ଣ୍ଣ, ତୃଷ୍ଣା ଠାରୁ ମୃଗତୃଷ୍ଣ ପର୍ଯ୍ୟନ୍ତ ଯାହାର ଲୀଳା ପରିବ୍ୟାପ୍ତ, ତୁଳନାରେ ବୈକୁଣ୍ଠ ଅପେକ୍ଷା ଭକ୍ତକୁ ଶ୍ରେଷ୍ଠ ମନେ କରିବା ସହିତ ତାର ଭାବ ରାଜ୍ୟରେ ଯିଏ ସଦା ଯାଜ୍ଜ୍ୱଲ୍ୟମାନ, ତୁଳସୀ ସହ ସେହି ମହାପ୍ରଭୁ ଜଗନ୍ନାଥଙ୍କର ପବିତ୍ର ସମ୍ପର୍କ ଓ ତୁଳସୀ ମହିମା ଉପସ୍ଥାପନ କରିବା ଏହି ପ୍ରବନ୍ଧର ଲକ୍ଷ୍ୟ।

ତୁଳସୀ ଶବ୍ଦର ଅର୍ଥ ଓ ତୁଳସୀ ନାମକରଣର ସାର୍ଥକତା ପ୍ରତିପାଦନରୁ ଲେଖା ଆରମ୍ଭ କରାଯାଉ। ଚିନ୍ତା କଲେ ଜଣାଯାଏ ଯେ 'ତ୍ୱମ୍ + ସମ ଲମ – ଇ ଦତ୍ତେ ତୁଳସୀ । ଅର୍ଥାତ୍ ବ୍ରହ୍ମବିଦ୍ୟା ସାଧନ କ୍ଷେତ୍ରରେ ଯାହାଙ୍କର ପଟ୍ଟାନ୍ତର ନାହିଁ। ତୁଳସୀ ନାମକରଣର ସାର୍ଥକତା ପ୍ରତିପାଦନ କରି ଭକ୍ତକବି ଦୀନକୃଷ୍ଣ ଦାସ 'ନାମରତ୍ନ ଗୀତା'ର ଷଡ଼ବିଂଶ ଅଧ୍ୟାୟରେ ଲେଖିଛନ୍ତି – 'ଜଗନ୍ନାଥ ସଙ୍ଗେ ହୋଇଲେ ଏ ସମ, ତେଣୁ କରି ଏହାଙ୍କ ତୁଳସୀ ବୋଲି ନାମ। ଠାକୁରଙ୍କ ସଙ୍ଗତରେ ସରି ହେଲେ ଏହି, ତୁଳସୀ ବୋଲିଣ ଆଉ ନଭୁଲିବେ କେହି। ତୁଳସୀ ବୋଲିଣ ତିନିପୁର ଲୋକ ବୋଲ, ଜଗନ୍ନାଥଙ୍କର ସଙ୍ଗେ ହୋଇଲେକ ତୁଲ। ତୁଳସୀ ବୋଲିଣ ନାମ ଦେଲେ ଦେବଋଷି, ପ୍ରଣାମ ହୋଇଲେ ସର୍ବେ ତାଙ୍କ ପାଦେ ଆସି।'

କାର୍ତ୍ତିକ ମାହାତ୍ମ୍ୟ ବା କାର୍ତ୍ତିକେୟ ପୁରାଣରେ ମଧ୍ୟ ତୁଳସୀ ଜଗନ୍ନାଥଙ୍କ ସହ ସମାନ ବୋଲି ବର୍ଣ୍ଣିତ ହୋଇଛି। ଏହି ପୁରାଣର ପଞ୍ଚଦଶ ଅଧ୍ୟାୟ-ବର୍ଣ୍ଣନା ଅନୁଯାୟୀ ଲକ୍ଷ୍ମୀପତି ନିଜେ ତୁଳସୀ ତାଙ୍କ ସହ ସମାନ ବୋଲି ସ୍ୱୀକାର କରିଛନ୍ତି। କାର୍ତ୍ତିକେୟ ପୁରାଣର କବି ମହାଦେବ ଦାସଙ୍କ ଭାଷାରେ – 'କହନ୍ତି ପ୍ରଭୁ ଲକ୍ଷ୍ମୀପତି, ଏମନ୍ତ ତିନି ବନସ୍ପତି। ସେ ବୃନ୍ଦାବତୀ ତିନିଗୁଣେ, ତ୍ରିପୁରା ଆଜ୍ଞା ପରମାଣେ। ଅଁଳା, ତୁଳସୀ, ମାଳତୀ, ଏ ତିନି ମୋହ ପ୍ରିୟବତୀ। ବିଶେଷ ତୁଳସୀ ପ୍ରଧାନ, ସଂସାରେ ମୋହରି ସମାନ।

ମହିମାମୟ ଜଗନ୍ନାଥଙ୍କ ଭଳି ତୁଳସୀ ମହିମା ମଧ୍ୟ ଅସୀମ ଏବଂ ପ୍ରତ୍ୟକ୍ଷ ତଥା ପରୋକ୍ଷ ଭାବେ ଜଗନ୍ନାଥଙ୍କ ସତ୍ତା ହିଁ ଏହି ମହିମାର ମୂଳାଧାର। ଏଣୁ ଆଲୋଚନାର ଏଇ ପର୍ଯ୍ୟାୟରେ ତୁଳସୀ ମହିମା ସମ୍ପର୍କରେ ପାଠକ ମାନଙ୍କୁ ଅବଗତ କରାଇବା ଆବଶ୍ୟକ ମନେ କରୁଛି। ପୁରୁଷୋତ୍ତମ ଜଗନ୍ନାଥ ତୁଳସୀମୟ ଏବଂ ତୁଳସୀ ଦ୍ରୁମ ପୁରୁଷୋତ୍ତମ ରୂପରେ ବିଦ୍ୟମାନ ବୋଲି 'ମହାଭାଗବତ ପୁରାଣ'ରେ ଉଲ୍ଲେଖ ଅଛି।

ଯଥା – 'ତୁଳସୀ ଦ୍ରୁମ ରୂପସ୍ଥୂ ଭଗବାନ ପୁରୁଷୋତ୍ତମଃ ସର୍ବଲୋକପରିତ୍ରାତା ବିଶ୍ୱାତ୍ମା ପରିପାଳକଃ'। ତୁଳସୀ ଦର୍ଶନ ପୁରୁଷୋତ୍ତମ ଦର୍ଶନ ଭଳି ପୁଣ୍ୟମୟ। ଏଣୁ ଏହି 'ଭାଗବତ ମହାପୁରାଣ'ରେ ବର୍ଣ୍ଣନା ଅଛି – ଦୃଷ୍ଟ୍ୱା ଗଦାଧରଂ ଦେବଂ କ୍ଷେତ୍ରେ ଶ୍ରୀ ପୁରୁଷୋତ୍ତମେ, ଯତ୍ ପୁଣ୍ୟଂ ସମବାପ୍ନୋତି ତୁଳସୀଦର୍ଶନାଜ ତତ୍।'

ଜଗନ୍ନାଥଙ୍କ ନାଭି କମଳରେ ତୁଳସୀ ସ୍ଥାପନା କରାଯାଇଥାଏ। ପ୍ରଭୁଙ୍କ ବଡ଼ ସିଂହାର ବେଶରେ ନଖ ତୁଳସୀ ଲାଗି କରାଯାଏ ଏବଂ ଦୈନନ୍ଦିନ ନୀତିରେ ତୁଳସୀ ବିଭିନ୍ନ ଭାବରେ ଜଗନ୍ନାଥଙ୍କୁ ସମର୍ପଣ କରାଯାଇଥାଏ, କାରଣ ତୁଳସୀ ବିନା ଶ୍ରୀହରି ପୂଜା ସଫଳ ହୁଏନାହିଁ। ଏଣୁ ପଦ୍ମ ପୁରାଣରେ ବର୍ଣ୍ଣନା ଅଛି – 'ଯଜ୍ଞ ବ୍ରତ ବିଷ୍ଣୁ ହରିର ଅର୍ଚ୍ଚନା, ସଫଳ ନୁହଇ ତୁଳସୀ ପତ୍ର ବିନା। ତୁଳସୀ ନସେବି ଯେତେ କର୍ମ ସେ କରନ୍ତି, ବିଫଳ ସେ ହୁଏ ହରି ପ୍ରସନ୍ନ ନୁହଁନ୍ତି।'

ମହାପ୍ରଭୁ ଜଗନ୍ନାଥଙ୍କ ଭକ୍ତି ଭଳି ତୁଳସୀ ଭକ୍ତି ମଧ୍ୟ ନଅ ପ୍ରକାରରେ ବିଭକ୍ତ। ନବଧା ଭକ୍ତି ସହ ତୁଳସୀ ଆରାଧନାରେ ଯେଉଁ ସୁକୃତ ଲାଭ ହୁଏ ସମସ୍ତ କୋଟି ଯୁଗ ପର୍ଯ୍ୟନ୍ତ ସେହି ସୁକୃତ ଫଳ ଭୋଗ କରିବାର ସୌଭାଗ୍ୟ ମିଳିଥାଏ। ଗର୍ଗ ସଂହିତାର ବୃନ୍ଦାପନ ଖଣ୍ଡରେ ଗର୍ଗ ମୁନି ଏହି ପ୍ରସଙ୍ଗରେ ଲେଖିଛନ୍ତି – 'ଦୃଷ୍ଟା ସ୍ପୃଷ୍ଟୋଥ ବା ଧାତା କୀର୍ତ୍ତିତା ନାମିତା ସ୍ତୁତା। ରୋପିତା ସଞ୍ଚିତା ନିତ୍ୟଂ ପୂଜିତା ତୁଳସୀଷ୍ଟଦା। ନବଧା ତୁଳସୀ ଭକ୍ତିଂ ଯେ କୁର୍ବନ୍ତି ଦିନେ ଦିନେ, ଯୁଗକୋଟିସହସ୍ରାଣି ତେ ଯାନ୍ତି ସୁକୃତଂ ଶୁଭେ।'

ତୁଳସୀ ଓ ଜଗନ୍ନାଥ ଅଙ୍ଗାଅଙ୍ଗୀ ଭାବେ ଜଡ଼ିତ। ଉଭୟଙ୍କର ସଂଯୋଗ ଯେତିକି ମହିମାମୟ, ସେତିକି ପୁଣ୍ୟମୟ। ଶେଷରେ ପାଠକମାନଙ୍କ ସହ ଭକ୍ତକବି ବନମାଳୀଙ୍କ ଭାଷାରେ କଳା ଶ୍ରୀମୁଖକୁ ମାଗୁଣି କରୁଛି – 'ମଥାରେ ଥିବ ମୋ ତୁମ୍ଭ ଛଡ଼ାମାଳ, ମୁଖରେ ଥିବ ତୁଳସୀ। ମନେ ମନେ ଭାବି ରଟି ହେଉଥିବି, ନୀଳାଦ୍ରି ଶିଖରବାସୀ। ମଣିମା ହେ! ଏତିକି ମାଗୁଣି ମୋର ମରଣ କାଳରେ ଦରଶନ ଦେବ କଳାମୁଖ କଳାକର।'

## ଆପଣଙ୍କ ମତାମତ

ଡୁମାଣୀ ଖବର ପକ୍ଷରୁ ପାଠକଙ୍କ ମତାମତ ଓ ଆବଶ୍ୟକୀୟ ପରାମର୍ଶ ଗ୍ରହଣ କରାଯିବ। ପାଠକମାନେ ସେମାନଙ୍କର ପ୍ରବନ୍ଧ ଓ ସମୟୋପଯୋଗୀ ଗଳ୍ପ ତଥା ଆପଣଙ୍କ ଅଞ୍ଚଳର ସମସ୍ୟା ସମ୍ପର୍କରେ ଆମକୁ ସୂଚନା ଦେଲେ ଆମେ ସେଥିପ୍ରତି ଗୁରୁତ୍ୱ ଦେବୁ ଏବଂ ତାହାକୁ ଆବଶ୍ୟକସ୍ଥଳେ ଆମ ସମ୍ବାଦପତ୍ରରେ ପ୍ରକାଶ କରିବୁ ।

Mob/ whatsapp : 9090962011
Ph. No. : 0674-2975387
E-mail : dumanikhabar2020@gmail.com

# ପରିବେଶ ସୁରକ୍ଷା – ଜୀବନ ରକ୍ଷା


ହିମାଂଶୁ ଶେଖର ଆଚାର୍ଯ୍ୟ

କୁହାଯାଏ – ସବୁଜିମା କୋଳରେ ହସଖୁସି ଖେଳେରେ । ଅର୍ଥାତ୍ ବୃକ୍ଷଲତାହିଁ ଆମକୁ ବଞ୍ଚିବାର ଖୋରାକ ଯୋଗାଏ । ସବୁଜ ପରିବେଶ ସୃଷ୍ଟି କରେ। ଏହି କଥାକୁ ଲକ୍ଷ ରଖି ୧୯୫୦ ମସିହାରୁ ପ୍ରତିବର୍ଷ ଜୁଲାଇ ପହିଲାରୁ ସପ୍ତାହବ୍ୟାପୀ "ବନମହୋତ୍ସବ" ଆମ ଦେଶରେ ପାଳିତ ହୋଇଆସୁଅଛି । ଚଳିତ ବର୍ଷ ଆମେ ପାଳୁଛେ ୭୫ତମ ବନମହୋତ୍ସବ ସପ୍ତାହ । ବନୋମହୋତ୍ସବ ପାଳନର ଉଦ୍ଦେଶ୍ୟ ହେଲା ପରିବେଶ ସନ୍ତୁଳନ ରକ୍ଷାପାଇଁ ଲୋକମାନଙ୍କୁ ଗଛଲଗାଇବା ଓ ଏହାର ଯତ୍ନ ନେବାକୁ ସଚେତନ କରାଇବା। ଅନ୍ୟ ଅର୍ଥରେ କହିଲେ ଏହି ଦିବସ ପାଳନ କରିବାର ଉଦ୍ଦେଶ୍ୟ ହେଉଛି ପରିବେଶ ପ୍ରଦୂଷଣର ଭୟଙ୍କରତା ସମ୍ବନ୍ଧରେ ପ୍ରତ୍ୟେକ ଦେଶର ଜନସାଧାରଣଙ୍କୁ ସଚେତନ କରିବା ଓ ଏହି ପ୍ରଦୂଷଣର ଦୂରୀକରଣ ପାଇଁ ସର୍ବତ୍ର ଜନସହଯୋଗକୁ ଉତ୍ସାହିତ କରିବା । ପରିବେଶ ପ୍ରଦୂଷଣ ଏବେ ସାରା ବିଶ୍ୱ ପାଇଁ ଚିନ୍ତାର କରାଣ ହୋଇଛି । ମଣିଷଟି-ଗଛଟିଏ ସ୍ଲୋଗାନ ମଧ୍ୟ ଦିଆଯାଉଛି । ପ୍ରତ୍ୟେକ ମଣିଷ ଗଛଟିଏ ଲଗାଇ ତାକୁ ବଞ୍ଚାଇ ରଖିବା ପାଇଁ କୁହାଯାଉଛି । ପ୍ରତିବର୍ଷ ଚାରାରୋପଣ କରାଯାଉଛି । କିନ୍ତୁ କେତେ ବଞ୍ଚୁଛି ତାହାର ହିସାବ କାହା ପାଖରେ ନାହିଁ । ଏମିତି ଆମ ପରିବେଶ ସୁରକ୍ଷା ଚିନ୍ତା ଏହି ଅବସରରେ ଜୁଲାଇ ଏକ ଠାରୁ ସାତ ତାରିଖ ପର୍ଯ୍ୟନ୍ତ ଆମ ଦେଶରେ ଆରମ୍ଭ ହେଉଛି ବନମହୋତ୍ସବ ସପ୍ତାହ। ଏଠାରେ ସୂଚନା ଯୋଗ୍ୟ ଯେ, ଉଦ୍ଭିଦ ଓ ପ୍ରାଣୀଜଗତ ଈଶ୍ୱରୀୟ ସୃଷ୍ଟି ଓ ଅନାଦି ଅଟେ। ପ୍ରାଣୀଜଗତର ସ୍ଥିତି, ବିକାଶ ଓ ବିଲୟ ଜଙ୍ଗଲର ଅବସ୍ଥିତି ଉପରେ ନିର୍ଭର କରିଥାଏ। କିନ୍ତୁ ଆଧୁନିକ ସଭ୍ୟତା ଜଙ୍ଗଲ ସମ୍ପଦ ଅବକ୍ଷୟର କାରଣ ହୋଇଛି। ଫଳସ୍ୱରୂପ, ତାପାୟନ ବଢ଼ି ଚାଲିଛି, ଭୂତଳ ଜଳସ୍ତର ନିମ୍ନଗାମୀ ହେଉଛି, ମୃତ୍ତିକା କ୍ଷୟ ବଢ଼ିବାରେ ଲାଗିଛି, ବୃଷ୍ଟିପାତ ହ୍ରାସ ପାଉଛି ଓ ଉତ୍ପାଦନ ବ୍ୟାହତ ହେଉଛି ।ଏସବୁ ସତ୍ତ୍ୱେ ପୃଥିବୀ ସମେତ ଆମ ଦେଶ ତଥା ରାଜ୍ୟରେ ପ୍ରତିଦିନ ହଜାର ହଜାର ହେକ୍ଟର ଜଙ୍ଗଲ ଧ୍ୱଂସ ପାଉଛି। ପରିଣାମ ସ୍ୱରୂପ, ତାପାୟନ ବଢ଼ି ଚାଲିଛି, ଭୂତଳ ଜଳସ୍ତର ନିମ୍ନଗାମୀ ହେଉଛି, ମୃତ୍ତିକା କ୍ଷୟ ବଢ଼ିବାରେ ଲାଗିଛି, ବୃଷ୍ଟିପାତ ହ୍ରାସ ପାଉଛି ଓ ଉତ୍ପାଦନ ବ୍ୟାହତ ହେଉଛି।

ସମ୍ପ୍ରତି ପରିବେଶ ପ୍ରଦୂଷଣ,ଅସହନୀୟ ତାପମାତ୍ରା ବୃଦ୍ଧି ଓ ଜଳବାୟୁରେ ଅସ୍ୱାଭାବିକ ପରିବର୍ତ୍ତନ ସମଗ୍ର ଜୀବଜଗତପାଇଁ ସତର୍କର ଘଣ୍ଟି ବଜାଇ ସାରିଲାଣି । ପରିଣାମ ସ୍ୱରୂପ, ଋତୁ ଚକ୍ରରେ ମଧ୍ୟ ପରିବର୍ତ୍ତନ ଘଟିଲାଣି। ଛଅ ଋତୁ ଆଜି ସାତ ସପନ। ପୌଷ ଓ ମାଘର ହାଡ ଭଙ୍ଗା ଶୀତ ଆଉ ନାହିଁ । ଶୀତର ପ୍ରଭାବ ଢେର କମି ଗଲାଣି। ଗରମ ପୋଷାକ ଆଗ ଭଳି ଦରକାର ପଡୁନି । ବରଂ ଘରେ ଫ୍ୟାନ୍‌ର ଆବଶ୍ୟକତା ପଡୁଛି। ଫାଲ୍‌ଗୁନ-ଚୈତ୍ର ନା ଥାଏ ଖରା ନା ଶୀତ। ମଳୟ ପବନ ସାଥେ ଭାସିଆସେ କୋଇଲିର କୁହୁତାନ । ମୃଦୁ ମଳୟ ପବନ ତନୁମନରେ ଶିହରଣ ଆଣେ । କିନ୍ତୁ ଆଗଭଳି ଶୁଭୁନାହିଁ କୋଇଲିର ସ୍ୱର କି ବହୁନାହିଁ ସୁଲୁସୁଲିଆ ପବନ । ହେମନ୍ତ ଓ ଶରତ ଋତୁର କଥା ନକହିବା ଭଲ। ଗ୍ରୀଷ୍ମଋତୁର ଅବଧି ବଢ଼ି ବଢ଼ି ଚାଲିଛି । କେବଳ ବୈଶାଖ-ଜ୍ୟେଷ୍ଠ ନୁହେଁ ବର୍ଷର ଅନେକ ସମୟରେ ମୁଣ୍ଡଫଟା ଖରା । ସବୁଠି ହା-ହୁତାଶମୟ ପରିବେଶ। ଘରେ ଗରମ ତ – ବାହାରେ ଅଗ୍ନିବର୍ଷା । ଅସହନୀୟ ହେଉଛି ଜୀବନ ଯାତ୍ରା । ଆଦ୍ୟ ଆଷାଢ଼ର ପହିଲି ବର୍ଷାର ମହକ ଆଉ ନାହିଁ । ସାରୁ ଗଛମୂଳରୁ ଶୁଭୁନି ବେଙ୍ଗର ରଡି । ଏବେ ମୌସୁମୀର ରହୁନି ଠିକଣା। ଧାରା ଶ୍ରାବଣ ହରାଇ ବସିଛି ତା'ର ପ୍ରାସଙ୍ଗିକତା ।

ଗତ ୨୦୧୬ ମଇ ୨୩ ତାରିଖରେ ରାଜଧାନୀ ଭୁବନେଶ୍ୱର, କଟକ ସମେତ ରାଜ୍ୟର ବିଭିନ୍ନ ଅଞ୍ଚଳରେ କାଳବୈଶାଖୀର ତାଣ୍ଡବ ଲୀଳାକୁ ଦେଖି ଲାଗୁଥିଲା ଯେପରି ମହାବାତ୍ୟା ହେଉଛି । ଗତବର୍ଷ ଭୟଙ୍କର ଭୂମିକମ୍ପ ନେପାଳର ଜନଜୀବନ ଓ ଅର୍ଥନୀତିକୁ ଧ୍ୱସ୍ତବିଧ୍ୱସ୍ତ କରିଦେଇଥିବା ବେଳେ ଆମ ଦେଶ ତଥା ରାଜ୍ୟରେ ମଧ୍ୟ ଏହାର ପ୍ରଭାବ ଅନୁଭୂତ ହୋଇଥିଲା। ଏହି ଭୂକମ୍ପର ନିର୍ଘାତ ପ୍ରହାରରେ ନେପାଳ ସମେତ ସିକିମ୍,ଭୁଟାନ,ଭାରତ,ପାକିସ୍ତାନ ପର୍ଯ୍ୟନ୍ତ ଏସୀୟ ଭୂଖଣ୍ଡ ଥରିଉଠିଥିଲା । ହିମାଳୟରେ ବାଦଲଫଟା ବର୍ଷାରୁ ସୃଷ୍ଟ ଉତ୍ତରାଖଣ୍ଡ ମହାପ୍ରଳୟକୁ ଏବେ ଚାରିବର୍ଷ ପୂରିବାକୁ ଯାଉଛି। ସେହି ମହାପ୍ରଳୟର କଥା ମନେ ପଡ଼ିଲେ ଏବେବି ଲୋମ ଟାଙ୍କୁରି ଉଠେ, ଦୀର୍ଘଶ୍ୱାସ ବାହାରି ଆସେ। ବିଗତ ଦିନରେ ଜାପାନରେ ଘଟିଯାଇଥିବା ଭୂମିକମ୍ପ ଓ ସୁନାମି ପ୍ରକୃତିର କ୍ରୁରତା ଓ ପରିବେଶ ପ୍ରଦୂଷଣ ଭୟାବହତାର ଜ୍ୱଳନ୍ତ ଦୃଷ୍ଟାନ୍ତ। ସେହିପରି ୧୯୯୯ ମସିହାରେ ମହାବିନାଶକାରୀ ମହାବାତ୍ୟା ଓ ୧୯୯୮ର ଅଂଶୁଘାତ ଜନିତ ପରିସ୍ଥିତିକୁ ଆମେ ଭୁଲିପାରିବା ନାହିଁ । ଆଗାମୀ ଦିନରେ ପ୍ରକୃତିର ଏହି କ୍ରୁର ରୂପ କିଭଳି ଆକାର ଧାରଣ କରିବ ତାହା ଆମ କଳ୍ପନାର ବାହାରେ। ପ୍ରତି ମୁହୂର୍ତ୍ତରେ ମହାପ୍ରଳୟର ଆଶଙ୍କାରେ ଆମେ ଶଙ୍କିତ ଓ ଅତିଷ୍ଠ। ପରିସ୍ଥିତି ଏପରି ହୋଇଛି ଯେ ସାମାନ୍ୟ ଟିକେ ପବନ ହେଲେ ମହାବାତ୍ୟା ଓ ଲଘୁଚାପ ସୃଷ୍ଟି ହେଲେ ସୁନାମି ଆସିବାର ଆଶଙ୍କା ଲୋକଙ୍କ ମନରେ କୋକୁଆ ଭୟ ସୃଷ୍ଟି କରୁଛି । ଜଙ୍ଗଲ ଧ୍ୱଂସ ହିଁ ଏହାର ପ୍ରମୁଖ କାରଣ ରୂପେ ଉଭା ହୋଇଛି ।

ବର୍ଷ ବର୍ଷ ଧରି ପ୍ରକୃତି ମାତା ଉପରେ ହୁମ୍‌ଦୁମ୍ ଚାଲିଛି । ମାଆ ଚପଳ ବାଳକର ହୁମ୍‌ଦୁମ୍ ସମ୍ଭାଳି ନିଏ । କିନ୍ତୁ ଏକବିଂଶ ଶତାବ୍ଦୀର ମଣିଷ ବଡ ହୋଇଛି। ଏହାର ଜ୍ଞାନ ହୋଇଛି । ବିଜ୍ଞାନ ବଳରେ ଜଗତକୁ ଜିଣିବାର ପ୍ରୟାସ ଜାରି ରଖିଛି । କିନ୍ତୁ ଏସବୁ ସତ୍ତ୍ୱେ ସେ ଜାଣି ନ ଜାଣିଲା ପରି ପ୍ରକୃତି ଉପରେ ଅତ୍ୟାଚାର କରିଚାଲିଛି। କାରଣ ଖୋଜି ବସିଲେ ପ୍ରକୃତି ବିଶ୍ୱ ମାନବ ସମାଜକୁ ଦେଇଛି ଜଳ, ବାୟୁ, ମୃତ୍ତିକା ଓ ଜଙ୍ଗଲ। ମାତ୍ର ଦ୍ରୁତ ଜନ ବିସ୍ଫୋରଣ, ଶିଳ୍ପ ଅଭିବୃଦ୍ଧି, ସଡକ ନିର୍ମାଣ, ଲୋକଙ୍କ ଚାହିଦା ମେଣ୍ଟାଇବା ପାଇଁ ବସତି ନିର୍ମାଣ ପ୍ରଭୃତି ହେତୁ ବ୍ୟାପକ ଜଙ୍ଗଲ କଟା ଚାଲିଛି । ଫଳରେ ବାୟୁ ମଣ୍ଡଳରୁ ଅମ୍ଳଜାନ କମି ବିଷାକ୍ତ ଅଙ୍ଗାରକାମ୍ଳ ଗ୍ୟାସ୍ ବୃଦ୍ଧି ପାଇ ବିଶ୍ୱ ତାପମାତ୍ରା ବଢ଼ିବାରେ ଲାଗିଛି । ଖାଲି ସେତିକି ନୁହେଁ କଳକାରଖାନାରୁ ନିର୍ଗତ ଗ୍ୟାସ୍ ଏବଂ ଅନ୍ୟାନ୍ୟ ରାସାୟନିକ ପ୍ରକ୍ରିୟା ଓ ପ୍ରତିକ୍ରିୟାରୁ ବାୟୁ, ଜଳ, ମୃତ୍ତିକା ମଧ୍ୟ ପ୍ରଦୂଷିତ ହେଉଛି । ଅଜ୍ଞାନ ବାଳକ ସିନା ଜାଣି ନ ଥିଲା, ହେଲେ ଏବର ବିଜ୍ଞାନୀପୁଅମାନେ ଭଲଭାବେ ଜାଣିଛନ୍ତିଯେ ପ୍ରକୃତିମାତା ସୁକୁମାର ଭାବେ ଗଢା । ଯଦି ପୃଥିବୀର ତାପମାତ୍ରା ଆଉ ୩ ଡିଗ୍ରୀ ବଢ଼ି ଚାଲେ ତାହେଲେ ମେରୁ ନିକଟରେ ଜମା ହୋଇ ଜଳବାୟୁକୁ ନିୟନ୍ତ୍ରଣ କରୁଥିବା ବରଫ ପାହାଡ ସବୁ ତରଳି ଯିବ । ଏପରି ଭାବେ ଯଦି ବରଫ ତରଳେ, ସମୁଦ୍ର ଜଳ ପତ୍ତନ ଆଉ ୧୫ ଫୁଟ୍ ବଢ଼ିଯିବ। ୧୫ ଫୁଟ୍ ତ ଦୂରର କଥା, ଜଳପତ୍ତନ ୩ ରୁ ୫ ଫୁଟ୍ ବଢ଼ିଗଲେ ସମଗ୍ର ବିଶ୍ୱ ପ୍ରଳୟରେ ଲୀନ ହେବ।

ବୈଜ୍ଞାନିକଙ୍କ ମତରେ ତାପ ଓ ଶୀତଳତା ମଧ୍ୟରେ ଭାରସାମ୍ୟ ରକ୍ଷା କରିବା ପାଇଁ ବୃକ୍ଷରାଜି ଓ ବନାନୀ ଏକାନ୍ତ ଆବଶ୍ୟକ। ବର୍ତ୍ତମାନ ଗାଁ ଗଣ୍ଡା ବୃକ୍ଷ ଶୂନ୍ୟ । କାଁ ଭାଁ ଦୁଇ ଚାରିଟା ଗଛ ଥିବ କି ନ ଥିବ । ସେଗୁଡିକର ଶାଖା ମଧ୍ୟ କର୍ତ୍ତିତ । ଯାହାଫଳରେ ଅଦିନରେ ଅନେକ ପ୍ରାକୃତିକ ବିପର୍ଯ୍ୟୟକୁ ଆମେ ଡାକି ଆଣିଛୁ ବୋଲି କହିଲେ ଭୁଲ୍ ହେବ ନାହିଁ । ବିଗତ ଦିନରେ ମିଆଁମାର ଓ ବାଂଲାଦେଶରେ ସାମୁଦ୍ରିକ ବାତ୍ୟା ଯୋଗୁଁ ଲକ୍ଷ ଲକ୍ଷ ଲୋକଙ୍କ ପ୍ରାଣହାନି ଘଟିଲା ତାହାର ମୂଳ କାରଣ ହେଉଛି ଜଙ୍ଗଲ ଧ୍ୱଂସ । ଆମ ଦେଶରେ ମଧ୍ୟ ସେହିପରି ଜଙ୍ଗଲ ଧ୍ୱଂସ ଯୋଗୁଁ ଅସମୟରେ ବନ୍ୟା, ଝଡବାତ୍ୟା, ବଜ୍ରପାତ, ସୁନାମ, ଅଂଶୁଘାତ ଓ ଭୂକମ୍ପ ଭଳି ବିପର୍ଯ୍ୟୟର ସମ୍ଭାବନା ବଢ଼ି ବଢ଼ି ଚାଲିଛି । ଏବେ ଅସହ୍ୟ ଗ୍ରୀଷ୍ମ ପ୍ରବାହ ଲାଗି ରହିଛି। ଅସମ୍ଭାଳ ହୋଇଛି ଗ୍ରୀଷ୍ମ ପ୍ରବାହ ।ଜୁନ୍ ମାସ ସରିବାକୁ ବସିଲା । ଅଥଚ ମୌସୁମୀର ରହୁନି ଠିକଣା । ତାରିଖ ବଦଳଉଛି ମୌସୁମୀ । ଯଦିଓ ପ୍ରାକ୍ ମୌସୁମୀ ବର୍ଷା ହେଉଛି ତାହା ଯଥେଷ୍ଟ ନୁହେଁ । ଅପରପକ୍ଷରେ କାଳବୈଶାଖୀ ଯୋଗୁଁ ବଜ୍ରାଘାତ ହେଉଛି । ପରିଣାମ ସ୍ୱରୂପ ଧନଜୀବନ ହାନି ହେଉଛି । ଅସହ୍ୟ ଗୁଳୁଗୁଳି ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଉଛି । ସବୁଠୁ ଦୟନୀୟ ଅବସ୍ଥା ପଶୁପକ୍ଷୀଙ୍କର,ଅବସ୍ଥା ନକହିଲେ ଭଲ।

ପ୍ରତି ବର୍ଷ ବନମହୋତ୍ସବ ଆସିଲେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ସହ ନୂତନ ଜଙ୍ଗଲର ସୃଷ୍ଟି, ଉଜୁଡା ଜଙ୍ଗଲର ପୁନରୁଦ୍ଧାର, ଲଣ୍ଡା ପାହାଡରେ ବୃକ୍ଷରୋପଣ,ସହରାଞ୍ଚଳରେ ବନୀକରଣ ଇତ୍ୟାଦି କାର୍ଯ୍ୟକ୍ରମ ହାତକୁ ନିଆଯାଇଥାଏ । ମଣିଷଟିଏ -ଗଛଟିଏ ସ୍ଲୋଗାନ ଦିଆଯାଇଥାଏ । ନୂତନ ଚାରା ରୋପଣ କରାଯାଇ ବନମହୋତ୍ସବ ସପ୍ତାହକୁ ଧୁମ୍‌ଧାମରେ ପାଳନ କରାଯାଇଥାଏ। ଛାତ୍ରଛାତ୍ରୀ ମାନଙ୍କୁ ଠାରୁ ଆରମ୍ଭ କରି ବିଭିନ୍ନ ସେଚ୍ଛାସେବୀ ଅନୁଷ୍ଠାନ ଏପରିକି ବେସରକାରୀ ଓ ସରକାରୀ ସ୍ତରରେ ଏହି ସାତ ଦିନ ଧରି ବୃକ୍ଷ ରୋପଣ କାର୍ଯ୍ୟକ୍ରମକୁ ଜୋରଦାର କରାଯାଇଥାଏ। କିନ୍ତୁ ଲଗାଯାଇଥିବା ଚାରା ଗଛ ମଧ୍ୟରୁ ଆସନ୍ତା ବର୍ଷ ଏହି ବର୍ଷକୁ କେତେ ଚାରା ଗଛ ବଞ୍ଚିଥାଏ ତାହା ସମସ୍ତଙ୍କୁ ଜଣା। କାଗଜ କଲମରେ ସବୁ ସୀମିତ ରହିଥାଏ । ସାତ ଦିନ ଚାଲିଗଲେ ସତେ ଯେମିତି ଆମ ଦାୟିତ୍ୱ ସରିଯାଏ । ତାପରେ ଆମେ ଚୁପ୍‌ଚାପ ବସିଯାଉ ଆଉ ଗୋଟିଏ ବର୍ଷ ପର୍ଯ୍ୟନ୍ତ ।

ଏବେ ଚିନ୍ତା କରିବାର ବେଳେ ଆସିଛି । ବେଳକୁ ବେଳ ପ୍ରକୃତିର ତାଣ୍ଡବ ବଢ଼ିବାରେ ଲାଗିଛି । ଯାହାର ପରିଣାମ ପ୍ରତିବର୍ଷ ଆମେ ଭୋଗୁଛେ । ତେଣୁ ପରିବେଶ ସୁରକ୍ଷା ବର୍ତ୍ତମାନ ସମୟରେ ଏକ ବଡ ଆହ୍ୱାନ । ଆମକୁ ମନେରଖିବାକୁ ହେବଯେ, କେବଳ ଆମର ସୁରକ୍ଷା ନୁହେଁ ଉତ୍ତରପିଢ଼ିର ସୁରକ୍ଷା ଦାୟିତ୍ୱ ହିଁ ଆମ ଉପରେ ନ୍ୟସ୍ତ। ଏଥିପାଇଁ ସବୁ ସ୍ତରରେ ସଚେତନତା ସୃଷ୍ଟି ହେବା ଦରକାର । ପରିବେଶକୁ ଭଲପାଉଥିବା ଓ ଏହାର ସୁରକ୍ଷା ପାଇଁ ଚିନ୍ତା କରୁଥିବା ପ୍ରତ୍ୟେକ ବ୍ୟକ୍ତି ଏକଥା ଜାଣିବା ଜରୁରୀ । ପ୍ରତ୍ୟେକ ବ୍ୟକ୍ତି ଗଛଟିଏ ଲଗାଇ ତାକୁ ବଞ୍ଚାଇରଖି ବଡ ଗଛରେ ପରିଣତ କରିପାରିଲେ ତାହାହିଁ ଆମର ପ୍ରକୃତ ଲକ୍ଷ୍ୟ ପୂରଣ କରିପାରିବ । ତାହାନହେଲେ କେବଳ ବନମହୋତ୍ସବ ପାଳନ କରିଦେଲେ ସମସ୍ୟାର ସମାଧାନ ହେବନାହିଁ। ବନମହୋତ୍ସବ ପାଳନ ସପ୍ତାହ ଅବସରରେ ପ୍ରତ୍ୟେକ "ବଞ୍ଚିଲେ ବନ- ବଞ୍ଚିବେ ଜନ" କଥାଟିକୁ ଆପଣେଇ ନେଲେ ଏହାହିଁ ହେବ ବନମହୋତ୍ସବ ପାଳନର ଉପଯୁକ୍ତ ପଦକ୍ଷପ ।

**ସଭାପତି**
**ସାରସ୍ୱତ ପରିଷଦ,**
**ଜଗତସିଂହପୁର**

# ଶ୍ରମ ସଂହିତା ଓ ତାହାର ସକାରାତ୍ମକ ଦିଗ

ବିଭିନ୍ନ ନ୍ୟସ୍ତ ସାର୍ଥଗୋଷ୍ଠୀ ଚାରୋଟି ଶ୍ରମସଂହିତାକୁ ନେଇ ଅନେକ ଅପପ୍ରଚାର ଚଳାଇଛନ୍ତି। କିନ୍ତୁ ଏହି ଚାରୋଟି ଶ୍ରମସଂହିତା ଗୁଡିକର ଉଚିତ ବିଶ୍ଳେଷଣ କଲେ ଜଣାଯାଏ ଯେ ପ୍ରକୃତରେ ଏହି ସଂହିତା ଗୁଡିକ ଦ୍ୱାରା ଶ୍ରମିକମାନେ ଅନେକ ଲାଭ ପାଇପାରିବେ ଏବଂ ଏହାର ଅନେକ ସକାରାତ୍ମକ ପକ୍ଷ ରହିଛି। ସେଗୁଡିକ ହେଲା ସମସ୍ତ ଶ୍ରମିକଙ୍କ ପାଇଁ ସର୍ବନିମ୍ନ ମଜୁରୀ – ପୂର୍ବରୁ ସର୍ବନିମ୍ନ ମଜୁରୀ ଆଇନ ୧୯୪୮ ଅଧିନରେ କେବଳ କିଛି କ୍ଷେତ୍ରକୁ ସୁରକ୍ଷା ଦିଆଯାଇଥିଲା। ବର୍ତ୍ତମାନର ମଜୁରୀ ସଂହିତା-୨୦୧୯ ଅନୁଯାୟୀ ସଫେଇ କର୍ମଚାରୀ, ଡ୍ରାଇଭର ଏବଂ ଆଇଟି କର୍ମଚାରୀଙ୍କ ଭଳି ପ୍ରତ୍ୟେକ ଶ୍ରମିକଙ୍କ ନିମନ୍ତେ ସର୍ବନିମ୍ନ ମଜୁରୀ ସୁରକ୍ଷାକୁ ସନିଶ୍ଚିତ କରାଯାଇଛି। ଯାହାଦ୍ୱାରା କେହି ପଛରେ ରହିଯିବେ ନାହିଁ ଏବଂ ସମସ୍ତଙ୍କୁ ଉଚ୍ଚ ଦରମା ସହ ଉଚିତ ମର୍ଯ୍ୟାଦା ମିଳି ପାରିବ। ସେହିପରି ସଠିକ ସମୟରେ ମଜୁରୀ ପ୍ରଦାନ କରାଯିବାର ବ୍ୟବସ୍ଥା ଶ୍ରମିକମାନଙ୍କର ମର୍ଯ୍ୟାଦା ରକ୍ଷା କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଅଟେ। ପୂର୍ବ ଆଇନ ଅନୁସାରେ ବିଳମ୍ବିତ ମଜୁରୀ ଏକ ଅଭ୍ୟାସରେ ପାଲଟିଯାଇଥିଲା। ଯାହା ଶ୍ରମିକମାନଙ୍କୁ ଆର୍ଥିକ ଅଭାବରେ ଗ୍ରସିତ କରୁଥିଲା। ବର୍ତ୍ତମାନର ମଜୁରୀ ସଂହିତା-୨୦୧୯ ଅନୁଯାୟୀ ସମସ୍ତ ଶ୍ରମିକଙ୍କୁ ସଠିକ୍ ସମୟରେ ମଜୁରୀ ପ୍ରଦାନ କରାଯିବାର ବ୍ୟବସ୍ଥା କରାଯାଇଛି। ଯାହା ଫଳରେ ଶ୍ରମିକମାନେ ଉଚିତ ସମୟରେ ନିଜର ଆବଶ୍ୟକତାକୁ ପୁରଣ କରିପାରୁଛନ୍ତି। ଏହି ଶ୍ରମ ସଂହିତାର ଅନ୍ୟଏକ ସକାରାତ୍ମକ ଦିଗ ହେଲା କର୍ମକ୍ଷେତ୍ରରେ ମହିଳାମାନଙ୍କ ସଶକ୍ତିକରଣ। ପୂର୍ବ ବ୍ୟବସ୍ଥାରେ ଅସମାନ ଦରମା, କାର୍ଯ୍ୟରେ ପ୍ରତିବନ୍ଧକ ତଥା ମହିଳାମାନଙ୍କ ପାଇଁ କାମ କରିବାର ଅବସର ସୀମିତ ଥିଲା। ବର୍ତ୍ତମାନର ଶ୍ରମ ସଂହିତାରେ ମହିଳାଙ୍କ ପାଇଁ ସମାନ ଦରମା, ବୋର୍ଡରେ ପ୍ରତିନିଧିତ୍ୱ ଏବଂ ସୁରକ୍ଷିତ ରାତ୍ରି ସିଫ୍ଟର ବ୍ୟବସ୍ଥା କରାଯାଇଛି। ଯାହାଦ୍ୱାରା ମହିଳା କର୍ମୀମାନଙ୍କୁ ସମସ୍ତ କ୍ଷେତ୍ରରେ ସାଧୀନତା ଏବଂ ସୁରକ୍ଷାକୁ ସୁନିଶ୍ଚିତ କରାଯାଇଛି। ଏହି ନୂତନ ବ୍ୟବସ୍ଥାରେ ନିଯୁକ୍ତିର ଆନୁଷ୍ଠାନୀକରଣ ହୋଇଛି କରଣ ପୂର୍ବରୁ କୌଣସି ନିଯୁକ୍ତି ପତ୍ର ନଥିବା ଦ୍ୱାରା ଚାକିରୀର କୌଣସି ପ୍ରମାଣ ନଥିଲା ଏବଂ କୌଣସି ଅଧୀକାର ମଧ୍ୟ ନଥିଲା। ବର୍ତ୍ତମାନ ଶ୍ରମ ସଂହିତା, ନିୟମ ଏବଂ ସର୍ତ୍ତାବଳୀ ଯୁକ୍ତ ନିଯୁକ୍ତି ପତ୍ରର ବ୍ୟବସ୍ଥାକୁ ସୁନିଶ୍ଚିତ କରାଯାଇଛି, ଯାହା ଫଳରେ ଶ୍ରମିକମାନଙ୍କୁ ଆଇନଗତ ଭାବରେ ସୁରକ୍ଷା ନ୍ୟାୟ ଏବଂ ମର୍ଯ୍ୟାଦା ପାଇବାକୁ ସମର୍ଥ କରେ। ନୂତନ ବ୍ୟବସ୍ଥାରେ ଶ୍ରମିକମାନଙ୍କୁ ନିଜର ବାର୍ଷିକ ସ୍ୱାସ୍ଥ୍ୟ ପରୀକ୍ଷାର ଅଧୀକାର ଦିଆଯାଇଛି। ପୂରାତନ ବ୍ୟବସ୍ଥାରେ ଶ୍ରମିକମାନଙ୍କ ପାଇଁ କୌଣସ ସାସ୍ଥ୍ୟଗତ ଲାଭ ନଥିଲା ଫଳରେ ଶ୍ରମିକମାନଙ୍କ ସାସ୍ଥ୍ୟକଲ୍ୟାଣକୁ ଅଣଦେଖା କରାଯାଉଥିଲା। ବର୍ତ୍ତମାନ ଅଧୀସୂଚିତ କ୍ଷେତ୍ରରେ କର୍ମଚାରୀଙ୍କ ପାଇଁ ମାଗଣା ବାର୍ଷିକ ସାସ୍ଥ୍ୟ ପରୀକ୍ଷା ଏକ ଆଇନଗତ ଅଧିକାର ଅଟେ, ଯାହା ଶ୍ରମିକମାନଙ୍କ ଉତ୍ତମ ସାସ୍ଥ୍ୟ ଆଗୁଆ ରୋଗ ନିର୍ଣ୍ଣୟ ଏବଂ ଅଧୀକ ଉତ୍ପାଦନକ୍ଷମ ଜୀବନକୁ ସୁନିଶ୍ଚିତ କରିଥାଏ। ନୂତନ ବ୍ୟବସ୍ଥାରେ ଦାଦନ ଶ୍ରମିକମାନଙ୍କ ଅଧୀକାରକୁ ସୁନିଶ୍ଚିତ କରାଯାଇଛି। କାରଣ ପୂର୍ବରୁ ଦାଦନ ଶ୍ରମିକମାନଙ୍କର ପରିଚୟ, ସୁବିଧା ଏବଂ ଗୋଟିଏ ସ୍ଥାନରୁ ଅନ୍ୟସ୍ଥାନକୁ ଯିବାର ସୁବିଧା ଉପଲବ୍ଧ ନଥିଲା। ବର୍ତ୍ତମାନ ଦାଦନ ଶ୍ରମିକମାନଙ୍କ ପାଖରେ ଆଇନଗତ ପରିଚୟ ପତ୍ର, ସ୍ଥାନାନ୍ତରଣର ସୁବିଧା ଓ ଯାତ୍ରା ସହୟତା ରହିଛି ଯାହା ସ୍ଥାନ ନିର୍ବିଶେଷରେ ତାଙ୍କ ଅଧୀକାରକୁ ସୁନିଶ୍ଚିତ କରେ। ପୂର୍ବ ବ୍ୟବସ୍ଥାରେ ଡେଲିଭେରି ଏଜେଣ୍ଟ, ଡ୍ରାଇଭର ଏବଂ ମୋବାଇଲ ଆପ୍ ଆଧାରିତ କର୍ମଚାରୀମାନଙ୍କ ପାଇଁ କୌଣସି ବୀମା କିମ୍ବା ପେନସନର ବ୍ୟବସ୍ଥା ନଥିଲା। ବର୍ତ୍ତମାନ ଏହି ଶ୍ରେଣୀର କର୍ମଚାରୀମାନେ ସାମାଜିକ ସୁରକ୍ଷା ଆଇନ ଅଧୀନରେ ଅର୍ନ୍ତଭୁକ୍ତ, ଯାହା ଡିଜିଟାଲ ଅର୍ଥନୀତିର ଏହି ମହତ୍ୱପୂର୍ଣ୍ଣ ଗୋଷ୍ଠୀଙ୍କ ପାଇଁ ସାସ୍ଥ୍ୟ, ଜୀବନ ଏବଂ ବୀମା ସୁରକ୍ଷାକୁ ସୁନିଶ୍ଚିତ କରୁଛି। ନୂତନ ବ୍ୟବସ୍ଥାରେ ଶ୍ରମିକମାନେ ନିଜର ସରକୁ ଉପସ୍ଥାପନ କରିବା ପାଇଁ ଏକ ମଞ୍ଚ ପ୍ରଦାନ କରାଯାଇଛି। କାରଣ ପୂର୍ବବ୍ୟବସ୍ଥାରେ କର୍ମକ୍ଷେତ୍ରରେ ଅଭିଯୋଗ ସମାଧାନ ପାଇଁ କୌଣସି ସଂଗଠିତ ଉପାୟ ନଥିଲା। ବର୍ତ୍ତମାନ ବ୍ୟବସ୍ଥାରେ ସମସ୍ତ ପ୍ରତିଷ୍ଠାନରେ ଅଭିଯୋଗ ସମାଧାନ କମିଟି ରହିବା ବାଧ୍ୟତାମୂଳକ କରାଯାଇଛି। ଯାହା ସଠିକ୍ ସମୟରେ ସମାଧାନ, ନିରପେକ୍ଷ ଶୁଣାଣିକୁ ପ୍ରୋତ୍ସାହିତ କରିଥାଏ। ନୂତନ ବ୍ୟବସ୍ଥାର ଆଉ ଏକ ସକାରାତ୍ମକ ଦିଗ ହେଲା ସମସ୍ତଙ୍କ ପାଇଁ ଇଏସ୍‌ଆଇସି ବ୍ୟବସ୍ଥା। ପୂର୍ବରୁ ଇଏସ୍‌ଆଇସି ଲାଭ କେବଳ କେତକ କ୍ଷେତ୍ର ପର୍ଯ୍ୟନ୍ତ ସୀମିତ ଥିଲା। କିନ୍ତୁ ବର୍ତ୍ତମାନ ଅଣସଂଗଠିତ କ୍ଷେତ୍ରର ଶ୍ରମିକମାନଙ୍କ ପାଇଁ ସାସ୍ଥ୍ୟ, ପ୍ରସୂତି, ଅକ୍ଷମତା ଏବଂ ଶବଦାହ ସହାୟତା ପାଇଁ ଇଏସ୍‌ଆଇସି ବ୍ୟବସ୍ଥାକୁ ଅନ୍ତର୍ଭୁକ୍ତ କରାଯାଇଛି। ନୂତନ ବ୍ୟବସ୍ଥାରେ ସମସ୍ତ ଶ୍ରମିକମାନଙ୍କ ପାଇଁ ଭବିଷ୍ୟନିଧୀ (ପ୍ରୋଭିଡେଣ୍ଟ ଫର୍ଣ୍ଡ) ଓ ପେନସନର ବ୍ୟବସ୍ଥା କରାଯାଇଛି, ଯାହା ପୂର୍ବରୁ କେବଳ ଆନୁଷ୍ଠାନିକ ଏବଂ ବଡ ନିଯୁକ୍ତିଦାତାଙ୍କ ପାଇଁ ସୀମିତ ଥିଲା। ବର୍ତ୍ତମାନ ବ୍ୟବସ୍ଥାରେ ସନିଯୁକ୍ତି ଏବଂ ଅସଂଗଠିତ କ୍ଷେତ୍ରକୁ ମଧ୍ୟ ଅନ୍ତର୍ଭୁକ୍ତ କରାଯାଇଛି। ଯାହା ଏହିଶ୍ରେଣୀର ଶ୍ରମିକଙ୍କୁ ଏକ ମର୍ଯ୍ୟାଦା ପ୍ରଦାନ କରିଥାଏ। ନୂତନ ଇ-ଶ୍ରମ ବ୍ୟବସ୍ଥା ଶ୍ରମିକମାନଙ୍କ ପରିଚୟ କ୍ଷେତ୍ରରେ ଏକ ବିପ୍ଳବ ସଦୃଶ ଅଟେ କାରଣ ପୂର୍ବରୁ ଅସଂଗଠିତ କର୍ମଚାରୀମାନଙ୍କ କୌଣସି ପରିଚୟ ନଥିଲା। ଏବେ ଇଶ୍ରମ ପୋର୍ଟାଲ ପ୍ରତ୍ୟେକ ଅସଂଗଠିତ କ୍ଷେତ୍ରର ଶ୍ରମିକଙ୍କୁ ଡିଜିଟାଲ ପରିଚୟ ପତ୍ର ଏବଂ ଅନେକ ଯୋଜନାର ଲାଭପ୍ରଦାନ କରୁଛି। ପୂର୍ବ ବ୍ୟବସ୍ଥାରେ ମଜୁରୀ କିମ୍ବା ଚାକିରୀ ଛାଡିବା ଇତ୍ୟାଦି ଅଭିଯୋଗ କରିବା ନେଇ କୌଣସି ଉପଯୁକ୍ତ ବ୍ୟବସ୍ଥା ନଥିଲା। କିନ୍ତୁ ବର୍ତ୍ତମାନର ସମାଧାନ ପୋର୍ଟାଲ ଦ୍ୱାରା କର୍ମଚାରୀମାନେ ଯେକୌଣସି ସ୍ଥାନରୁ ଓ ଯେକୌଣସି ସମୟରେ ଅଭିଯୋଗ ଦାଖଲ କରିପାରିବେ। ଯାହା ଏକ ସ୍ୱଚ୍ଛ ଏବଂ ଦାୟିତ୍ୱପୂର୍ଣ୍ଣ ଅଭିଯୋଗ ସମାଧାନ ପାଇଁ ମଞ୍ଚ ପ୍ରଦାନ କରିପାରିଛି। ତେଣୁ ଉପରୋକ୍ତ ବିନ୍ଦୁଗୁଡିକରୁ ଏହା ସ୍ପଷ୍ଟ ଅନୁମେୟ ଯେ ନୂତନ ଶ୍ରମସଂହିତାର ଅନେକ ସକାରାତ୍ମକ ଦିଗ ରହିଛି ଏବଂ ଏହି ଶ୍ରମ ସଂହିତାର ମୁଖ୍ୟ ଉଦ୍ଦେଶ୍ୟ ହେଲା ଶ୍ରମିକମାନଙ୍କର କଲ୍ୟାଣକୁ ସୁନିଶ୍ଚିତ କରିବା, କାରଣ ଦେଶର ପ୍ରଗତିରେ ସେମାନଙ୍କ ଯୋଗଦାନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ। ତେଣୁ କୌଣସି ପ୍ରକାର ଅପପ୍ରଚାରକୁ ବିଶ୍ୱାସ ନ କରି, ଏହି ଶ୍ରମ ସଂହିତା ଗୁଡିକର ଲାଭ ଉଠାଇବା ପାଇଁ ଶ୍ରମିକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଏକାନ୍ତ ଜରୁରୀ ଅଟେ।

**ଇନସା ଔରସୀ**
**ଚକେଇସିଆଣି, ଭୁବନେଶ୍ୱର**

# ମଣିଷ ଜୀବନଯୁଦ୍ଧରେ ହାରେ କାହିଁକି ?


ମାୟାଧର ନାୟକ

ତ୍ରେତୟାଯୁଗରେ ରାମ-ରାବଣ ଯୁଦ୍ଧ ସମସ୍ତଙ୍କର ସ୍ମରଣରେ ଥିବ। ସେତେବେଳେ ରାବଣ ଶ୍ରେଷ୍ଠଜ୍ଞାନୀ, ଶ୍ରେଷ୍ଠବ୍ରାହ୍ମଣ, ଶ୍ରେଷ୍ଠଯୋଦ୍ଧା, ଶ୍ରେଷ୍ଠଧନୀ, ଶ୍ରେଷ୍ଠମଣିଷ ଥିଲେ। ଯୁଦ୍ଧରେ ସେ ହାରିଲେ କାହିଁକି ? ତାଙ୍କ ପାଖରେ ଯୁଦ୍ଧବେଳେ ତାଙ୍କ ଭାଇ ବିଭୀଷଣ ନଥିଲେ – ରାମଙ୍କ ପାଖରେ ଭାଇ ଲକ୍ଷ୍ମଣ, ସୁଗ୍ରୀବ ଭଳି ବନ୍ଧୁ ଥିଲେ। ଭାଇବନ୍ଧୁ ସଂଗେ ନଥିଲେ ଯୁଦ୍ଧ ହାରିବା ଥୟ।

ଏ କଳିଯୁଗରେ କାହିଁ କେଉଁଦିନୁ ପ୍ରତିବର୍ଷ ରାବଣପୋଡ଼ି ଉତ୍ସବ ପୁରପଲ୍ଲୀରୁ ସହରବଜାର ଯାଏ ବଡ଼ନେତା ଠାରୁ କୁଜିନେତା ଯାଏ, ବିରାଟ ଅନୁଷ୍ଠାନରୁ ଛୋଟ ଛୋଟ ସଂଘ, ସମିତି, ଅନୁଷ୍ଠାନ ଯାଏ ପାଳନ ହୁଏ। ଦଶମୁଣ୍ଡିଆ ରାବଣ ଶରୀର କାନଫଟା ବାଣ ଖଞ୍ଜାଯାଇ ଅଗ୍ନିସଂଯୋଗ ହୁଏ – ଏକପ୍ରକାର ବାଣ ପ୍ରତିଯୋଗିତା। ଅଧଘଂଟାରୁ ଘଂଟାଏକାଳ ଶବ୍ଦ ପ୍ରଦୂଷଣ, ଏପରିକି ବାଣ ବିସ୍ଫୋରଣ ହୋଇଥାଏ। ଧୂଆଁରେ ଚାରିଆଡେ ବାୟୁମଣ୍ଡଳ ଦୂଷିତ କରିଦିଏ। ବହୁଲୋକ ସମାଗମ ହୁଅନ୍ତି । ପ୍ରଥମେ ସଭାରେ ରାବଣର ଚଉଦପୁରୁଷ ଶୋଧାଯାଏ। ପୁଣି ଅନେଇ ଥା ଆରବରଷକୁ।

ତା'ହେଲେ ରାବଣ ମରୁନାହିଁ। ଯଦି ମରିଥାନ୍ତା - ପ୍ରତିବର୍ଷ ରାବଣପୋଡି ହୁଅନ୍ତା ନାହିଁ। ବରଂ ରାବଣକୁ ମାରିବା ବାହାନାରେ ଆମେ କେବଳ ମାରିଆସୁଛୁ ନିଜନିଜର ଗଲୁଗୁଡ଼ାକୁହିଁ ! ଏବେ ଗାଁଗଣ୍ଡାରୁ ଆରମ୍ଭକରି ସହରବଜାର ବିଭିନ୍ନ ଦେଶବିଦେଶରେ ଶାସକ, ପ୍ରଶାସକଙ୍କ ଭିତରେ ଅନେକ ରାବଣ ଅଛନ୍ତି। ଆମେ ସିନା ନିର୍ଜୀବ କାଗଜଜରିଗୁଡା ରାବଣକୁ ପୋଡୁଛେ – ରକ୍ତମାଂସଧାରୀ ରାବଣକୁ କେବେ ଶରବିଦ୍ଧକରି ନିପାତ କରିବା ?

ଦ୍ୱାପରଯୁଗରେ ମହାଭାରତ ଯୁଦ୍ଧରେ ପାଣ୍ଡବ ପକ୍ଷର ଯୁଧିଷ୍ଠିର, ଭୀମ, ଅର୍ଜୁନ, ନକୁଳ, ସହଦେବ ୫ ଭାଇ ବଡ଼ଭାଇଙ୍କ ଆଜ୍ଞାପାଳନ କରୁଥିଲେ। ତାଙ୍କ ପାଖରେ ଧର୍ମ ଥିଲା। ଭଗବାନ ଶ୍ରୀକୃଷ୍ଣ ଥିଲେ। କୌରବ ପକ୍ଷର ଦୁର୍ଯ୍ୟୋଧନଙ୍କ ପାଖରେ ଶହେଭାଇ ଥିଲେ। ସମସ୍ତେ ଅଧର୍ମୀ, ଅନ୍ୟାୟ, ଅତ୍ୟାଚାର, ବ୍ୟଭିଚାର, ଗର୍ବ, ଅହଂକାରରେ ମଜ୍ଜିଯାଇଥିଲେ। କୁମନ୍ତ୍ରଣା ଦେବାକୁ ଶକୁନି ଥିଲେ। ଧାର୍ମିକ, ନ୍ୟାୟବନ୍ତ ବିଦୁର, ଶ୍ରେଷ୍ଠସେନାପତି ଭୀଷ୍ମଙ୍କ କଥା, ପରାମର୍ଶ ଗ୍ରହଣ କରୁନଥିଲେ। ଶେଷରେ ୧୮ଦିନ ମହାଭାରତ ଯୁଦ୍ଧରେ ହାରିଗଲେ।

ଦ୍ୱାପରଯୁଗର ମହାଭାରତ ଯୁଦ୍ଧର ୧୮ ଦିନରୁ ଓଳିଏ ଯୁଦ୍ଧ ବାକି ଅଛି। ସେ ଯୁଦ୍ଧ ଏ କଳିଯୁଗରେ ଶେଷ ହେବ। ଆଜି ଏ ଘୋର କଳିକାଳରେ ପ୍ରତିମୁହୂର୍ତ୍ତରେ ମହାଭାରତ ଯୁଦ୍ଧ ଚାଲିଛି। ସମଗ୍ର ବିଶ୍ୱରେ ଭାରତରେ ଧାର୍ମିକମାନେ, ପାଣ୍ଡବମାନେ ଅଛନ୍ତି – ସେମାନେ ବେଶି ଦୃଶ୍ୟ ହେଉ ନାହାଁନ୍ତି। ଦୁର୍ଯ୍ୟୋଧନ, ଦୁଃଶାସନର ଦଳ ଗାଁଗଣ୍ଡାରୁ ସହରବଜାରରେ ହାଉଯାଉ ହେଉଛନ୍ତି। ସେମାନଙ୍କ କୁବୁଦ୍ଧି, ଅନ୍ୟାୟ, ଅତ୍ୟାଚାର, ବ୍ୟଭିଚାର, ପରସ୍ତ୍ରୀ ହରଣ, ଯୌନାଚାର, ରାଜକୋଷ ଲୁଣ୍ଠନ, ଶୋଷଣ, ରାଜନୈତିକ, ଅର୍ଥନୈତିକ, ସାମାଜିକ, ସାଂସ୍କୃତିକ କ୍ଷେତ୍ରରେ ଚରମ ବିଶୃଙ୍ଖଳା ସୃଷ୍ଟି କରିଚାଲିଛନ୍ତି। ସେମାନଙ୍କ କୁକର୍ମ ଯୋଗୁ ମେଦିନୀମାତା କମ୍ପୁଛି। ଏମାନଙ୍କ ପାପର ବୋଝ ଆଉ ମୁଣ୍ଡେଇ ନପାରିବାରୁ ଭୂମିକମ୍ପ, ଘୂର୍ଣ୍ଣିବାତ୍ୟା, ପ୍ରବଳବନ୍ୟା, ଟାଣଖରା, ପରିବେଷ ପ୍ରଦୂଷଣ ବଢ଼ିଚାଲିଛି। ସାରାବିଶ୍ୱରେ ଦେଶେଦେଶେ, ଗାଁଗାଁରେ ଯୁଦ୍ଧ, ଗୃହଯୁଦ୍ଧ ଲାଗିଛି। ଲୋକେ ଭୋକ-ରୋଗରେ ଆଉଟୁପାଉଟୁ ହେଉଛନ୍ତି। ସମସ୍ତେ କହୁଛନ୍ତି – କଳିର ଏ ଶେଷକାଳ। ସମସ୍ତଙ୍କ ହାତରେ ଖଣ୍ଡା। ଯଦୁବଂଶ ଧ୍ୱଂସ ହେଲାଭଳି ପରସ୍ପର ହଣାକଟାରେ ରାସ୍ତାଘାଟରେ ମୁଣ୍ଡ ଗଡିବ। ଶେଷରେ ଶବ ପୋତିବାକୁ ସ୍ଥାନ ମିଳିବନାହିଁ। ମଣିଷ ଜଳିପୋଡି ପୋକମାଛି ଭଳି ମରିଯିବେ। ଏ ସଂସାରରୁ ୮୦୦ କୋଟି ମଣିଷରୁ ଅଧାରୁ ଅଧିକ ମରିଯିବେ। ଯେଉଁ ଅଳ୍ପ କେତେକ ରହିବେ – ସେମାନେ କୂଳକୁ ବିହନ।

ପଶା-ନିଶା ମଣିଷକୁ ପତନ ଆଡକୁ ନେଇଯାଏ। ଜୁଆଖେଳରେ ପଶାଖେଳରେ ଦ୍ୱାପରଯୁଗରେ ପାଣ୍ଡବମାନେ ହାରିଯାଇ ପତ୍ନୀ ଦ୍ରୌପଦୀକୁ ହରେଇଥିଲେ। ଝିମିଟି ଖେଳରୁ ମହାଭାରତ ସୃଷ୍ଟି। ଜୁଆଖେଳରୁ ଯୁଦ୍ଧ। ଲକ୍ଷ ଲକ୍ଷ ସୈନ୍ୟ ହତାହତ। ସଂପତି ପୋଡିପାଉଁଶ। ସେଇଭଳି ନିଶା ମଣିଷକୁ ହିଂସ୍ର ପଶୁରେ ପରିଣତ କରିଦିଏ। ପରସ୍ପର କାମୁଡାକାମୁଡିରେ ଜୀବନ ଚାଲିଯାଏ। କଳିଯୁଗରେ ଏ ଜୁଆଖେଳ, ନିଶାପାନ ଚାରିଆଡେ ବନ୍ୟାଭଳି ମାଡିଚାଲିଛି। ଏ ପ୍ରବଳ ବନ୍ୟାରେ କାଠିକୁଟାଠୁ ବଡ଼ବଡ଼ ଗଛଘରଦ୍ୱାର ଭସେଇନେଉଛି। ଏ କୂଳ ଖାଇ ସେ କୂଳ ଖାଇଚାଲିଛି। ଏ ପ୍ରାକୃତିକ-ମନୁଷ୍ୟକୃତ ବନ୍ୟାକୁ ଅଟକାଇବ କୋଉ ବନ୍ଧବାଡ଼ ?

ଏବେ ଜ୍ଞାନୀ, ଗୁଣୀ, ପଣ୍ଡିତଙ୍କ କଥା କେହି ଶୁଣିବାକୁ ନାହିଁ। ସେଦିନ କୁରୁସଭାରେ ଯେମିତି ବିଦୁର, ଭୀଷ୍ମ, ଦ୍ରୌଣାଚାର୍ଯ୍ୟ, କୃପାଚାର୍ଯ୍ୟ ପ୍ରମୁଖଙ୍କ ପରାମର୍ଶକୁ ଦୁର୍ଯ୍ୟୋଧନ କର୍ଣ୍ଣପାତ କରିନଥିଲେ। ଯୁଧିଷ୍ଠିର ରାଜ୍ୟ, ୪ ଭାଇ, ଶେଷରେ ପତ୍ନୀ ଦ୍ରୌପଦୀକୁ ହରେଇଦେଇଥିଲେ। କୁରୁସଭାରେ କର୍ଣ୍ଣ ଦ୍ରୌପଦୀକୁ ବେଶ୍ୟା ଆଖ୍ୟା ଦେଇଥିଲେ। ଦୁର୍ଯ୍ୟୋଧନ ଦୁଃଶାସନକୁ ନିର୍ଦ୍ଦେଶଦେଇ ବସ୍ତ୍ରହରଣ କରାଇଥିଲେ। ଶ୍ରୀକୃଷ୍ଣ କୋଟିବସ୍ତ୍ର ଦେଇ ଦ୍ରୌପଦୀଙ୍କ ମାନଇଜ୍ଜତ ରକ୍ଷାକରିଥିଲେ। ଆଜି ଏ କଳିକାଳରେ ସମସ୍ତେ ଖୋଜୁଛନ୍ତି – ସେହି ମାନବଦେହଧାରୀ ଶ୍ରୀକୃଷ୍ଣ - ମାୟାଧର – ଚକ୍ରଧରକୁ।

କଥା କହିଲାବେଳେ ଉଚ୍ଚସ୍ୱର କିଂବା ଅସଂଯତ ଉଚ୍ଚାରଣ କଲେ – ମହାବିପଦ। ଯୁଦ୍ଧ ବି ଲାଗିଯାଇପାରେ। ଏଠାରେ ସ୍ମରଣଯୋଗ୍ୟ ଯେ - ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କ ଗୋଟିଏ ଶବ୍ଦର ଉଚ୍ଚାରଣରେ ଆମେ ଭାରତ-ଚୀନ୍ ଯୁଦ୍ଧରେ ହାରିଗଲେ। ୧୯୬୨ ମସିହାର ଘଟଣା। ହିନ୍ଦ-ଚୀନ୍ ଭାଇଭାଇ ନାରା ଦେଇଥିଲେ ହେଁ ସୀମାବିବାଦ ଲାଗି ରହିଥିଲା। ଚୀନ୍ ନଛୋଡ୍‌ବନ୍ଧା। ଯୁଦ୍ଧ କରିବାକୁ ପ୍ରସ୍ତୁତ। ଆମେ କିନ୍ତୁ ଯୁଦ୍ଧକରିବାକୁ ପ୍ରସ୍ତୁତ ନଥିଲୁ। ଆମର ଅସ୍ତ୍ରଶସ୍ତ୍ର ସେତେ ପରିମାଣରେ ନଥିଲା। କେନ୍ଦ୍ର କ୍ୟାବିନେଟ୍ ବସିଲା। ପ୍ରତିରକ୍ଷାମନ୍ତ୍ରୀ ସମସ୍ତ ବାସ୍ତବ ସମସ୍ୟା ସଂପର୍କରେ ଆଲୋଚନା କଲେ। ସ୍ଥିର ହେଲା - ଯୁଦ୍ଧ ନକରି ସମ୍‌ଝୋତା କରିବା। ସାମ୍ବାଦିକମାନେ ବାହାରେ ଅପେକ୍ଷା କରିଥିଲେ। ନେହେରୁ ପଦାକୁ ଆସିଲାବେଳେ ସାମ୍ବାଦିକମାନେ ଯୁଦ୍ଧ ସଂପର୍କରେ ପଚାରିଲେ। ନେହେରୁ ଟିକେ ଚଢ଼ାଗଳାରେ କହିଲେ – ଦେଖିବା। ହିନ୍ଦୀରେ – ଦେଖେଙ୍ଗେ। ସାମ୍ବାଦିକମାନେ ଯୁଦ୍ଧ ହେବ ବୋଲି ପ୍ରଚାର କରିଦେଲେ। ଏ ଖବର ଚୀନ୍ ପାଇ ରାତାରାତି ତା'ର ସୈନ୍ୟମାନଙ୍କୁ ଭାରତ ଭିତରକୁ ପୂରାଇଦେଲା। ସକାଳୁସକାଳୁ ସେମାନେ ଭାରତୀୟ ସୈନ୍ୟବାହିନୀ ବାରାକ୍ ଘେରିଗଲେ। ସମସ୍ତଙ୍କୁ ବନ୍ଦୀକରି ନେଇଗଲେ। ତା'ହେଲେ କଥା ଠିକ୍ ଭାବେ ନକହିଲେ – ମହାବିପଦ ମଧ୍ୟ ମାଡିଆସେ। କଥାରେ ସଂଯମରକ୍ଷା ଏକାନ୍ତ ଆବଶ୍ୟକ।

ଏଇ ବିଶ୍ୱବ୍ରହ୍ମାଣ୍ଡରେ ମାନବଜୀବନ ସଂସାରର ମୋହମାୟାବନ୍ଧନରେ ବାନ୍ଧିହୋଇଛି। କାମନାବାସନା, ଗର୍ବଅହଂକାର ମଣିଷକୁ ଦିଗହରା ପଥିକ କରିଦିଏ। ଜୀବନ ଜଳୁଛି – ଏ ମାୟାଜଞ୍ଜାଳେ। ତେଣୁ 'ଆପଣା କଳାକର୍ମମାନ - ଆଗୁ ହୋଇବ ସାବଧାନ'।

**ଯାଜପୁର ରୋଡ, ଯାଜପୁର**
**ମୋ : ୯୮୬୧୦୩୪୧୬୩**

## ସମ୍ବଲପୁର ଜିଲ୍ଲାରେ ଯକ୍ଷ୍ମାରୋଗ ଏକ ବଡ ସମସ୍ୟା

# ରେଙ୍ଗାଲି ଶିଳ୍ପାଞ୍ଚଳରେ ଜିଲ୍ଲାର ଦ୍ୱିତୀୟ ସର୍ବାଧିକ ରୋଗୀ ଚିହ୍ନଟ

**ସମ୍ବଲପୁର,(ଡିକେ ନ୍ୟୁଜ୍):** ସମ୍ବଲପୁର ଜିଲ୍ଲାରେ ଟିବି ବା ଯକ୍ଷ୍ମା ରୋଗ ଏବେ ବଡ଼ ସମସ୍ୟା ଭାବେ ଉଭା ହୋଇଛି। ସ୍ୱାସ୍ଥ୍ୟ ବିଭାଗର ସଚେତନତା ସତ୍ତ୍ୱେ ସମ୍ବଲପୁର ଜିଲ୍ଲାରର ସହରରୁ ଗ୍ରାମାଞ୍ଚଳରେ ଏହାର କାୟା ବିସ୍ତାର କରିବାରେ ଲାଗୁଛି। ସରକାରୀ ସ୍ତରରେ ମିଳିଥିବା ସୂଚନା ମୁତାବକ ଗ୍ରାମାଞ୍ଚଳରେ ତ ଏହି ରୋଗ ଅଛି ତେବେ ସମ୍ବଲପୁର ସହରରେ ଗ୍ରାମାଞ୍ଚଳ ଅପେକ୍ଷା ଅଧିକ ରୋଗୀ ଥିବା ତଥ୍ୟରୁ ଜଣା ପଡୁଛି। ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ଗତ ଜାନୁଆରୀରୁ ଜୁନ ମାସ ପର୍ଯ୍ୟନ୍ତ ସମ୍ବଲପୁର ଜିଲ୍ଲାରେ ୧୨୪୩ ଯକ୍ଷ୍ମା ରୋଗୀ ଚିହ୍ନଟ ହୋଇଥିବା ବେଳେ ଏଥିରୁ ୮୧୬ ଜଣ ସମ୍ବଲପୁର ଜିଲ୍ଲାର ଅଟନ୍ତି। ବାକି ଚିହ୍ନଟ ରୋଗୀ ସବୁ ବିଭିନ୍ନ ଜିଲ୍ଲାରୁ ବୁର୍ଲା ଭୀମସାର ମେଡିକାଲକୁ ଚିକିତ୍ସା ପାଇଁ ଆସିଥିଲେ। ତେବେ କେବଳ ଚଳିତ ବର୍ଷ ନୁହେଁ ବିଗତ ୫ ରୁ ୬ ବର୍ଷ ହେଲା ସମ୍ବଲପୁର ଜିଲ୍ଲାର ଗ୍ରାମାଞ୍ଚଳ ଅପେକ୍ଷା ସହରାଞ୍ଚଳରେ ଅଧିକ ରୋଗୀ ଚିହ୍ନଟ ହେଉଥିବା ଡାଟା କହୁଛି। ୨୦୧୯ ମାସିହାରେ ସମ୍ବଲପୁର ଜିଲ୍ଲାରେ ୧୭୪୯ ଜଣ ରୋଗୀ ଚିହ୍ନଟ ହୋଇଥିଲେ। ଏଥିରୁ ସମ୍ବଲପୁର









ସହରରେ ୯୫୬ ଜଣ ରୋଗୀ ହୋଇଥିବା ବେଳେ ରେଙ୍ଗାଲି ବ୍ଲକ ଅଞ୍ଚଳର ୧୪୫ ଜଣ ରୋଗୀ ଥିଲେ। ୨୦୨୦ ମସିହାରେ ୧୪୨୧ ଜଣ ରୋଗୀ ଚିହ୍ନଟ ହୋଇଥିଲେ ଏଥିରୁ ୭୫୮ ଜଣ ସମ୍ବଲପୁର ସହରର ହୋଇଥିବା ବେଳେ ରେଙ୍ଗାଲିର ଥିଲେ ୧୩୧ ଜଣ। ଠିକ ସେହିପରି ୨୦୨୧ ମସିହାରେ ଜିଲ୍ଲାରେ ରୋଗୀ ସଂଖ୍ୟା ୧୭୭୫ ହୋଇଥିବା ବେଳେ ଏଥିରୁ ସମ୍ବଲପୁର ସହରର ୯୪୮ ଜଣ ରୋଗୀ ଥିଲେ ଓ ରେଙ୍ଗାଲିର ରୋଗୀ ଥିଲେ ୧୫୯ ଜଣ । ୨୦୨୨ ମସିହାରେ ସମ୍ବଲପୁର ଜିଲ୍ଲାରେ ମୋଟ ରୋଗୀଙ୍କ ସଂଖ୍ୟା ୧୭୭୫ ଜଣ ଥିବା ବେଳେ ଏଥିରୁ ସମ୍ବଲପୁର ସହରର ରୋଗୀ ଥିଲେ ୯୪୮ ଜଣ ଓ ରେଙ୍ଗାଲିର ରୋଗୀ ସଂଖ୍ୟା ଥିଲା ୧୫୯ ଜଣ । ୨୦୨୩ ରେ ମସିହାରେ ଜିଲ୍ଲାର ମୋଟ ରୋଗୀ ସଂଖ୍ୟା ୨୨୩୧ ଜଣ ଥିବା ବେଳେ ଏଥିରୁ ସମ୍ବଲପୁର ସହରର ରୋଗୀ ସଂଖ୍ୟା ୧୩୦୨ ଜଣ ଓ ରେଙ୍ଗାଲିର ରୋଗୀ ସଂଖ୍ୟା ୨୦୩ ଜଣ ଥିଲେ। ୨୦୨୪ ମସିହାରେ ସମ୍ବଲପୁର ଜିଲ୍ଲାରେ ମୋଟ ରୋଗୀ ସଂଖ୍ୟା ୧୯୬୧ ଜଣ ଥିବା ବେଳେ ଏଥିରୁ ସମ୍ବଲପୁର ସହରର ରୋଗୀ ସଂଖ୍ୟା ଥିଲା ୯୭୫ ଜଣ ଓ ରେଙ୍ଗାଲିର ରୋଗୀ ସଂଖ୍ୟା ଥିଲା ୨୧୮ ଜଣ। ଆଉ ଚଳିତ ବର୍ଷ ଜାନୁଆରୀରୁ ଜୁନ ୧୦ ତାରିଖ ପର୍ଯ୍ୟନ୍ତ ସମ୍ବଲପୁର ଜିଲ୍ଲାରେ ମୋଟ ରୋଗୀ ସଂଖ୍ୟା ୯୬୪ ଜଣ ଥିବା ବେଳେ ଏଥିରୁ ସମ୍ବଲପୁର ଜିଲ୍ଲାର ରୋଗୀ ସଂଖ୍ୟା ୫୨୩ ଜଣ ଓ ରେଙ୍ଗାଲିର ରୋଗୀ ସଂଖ୍ୟା ୭୮ ଜଣ ଅଛନ୍ତି। ଏହି ତଥ୍ୟ ଉପରେ ନଜର ପକେଇଲେ ଏହା ଜଣା ପଡୁଛି ଯେ ଜିଲ୍ଲାରେ ସମ୍ବଲପୁର ସହରରେ ସର୍ବାଧିକ ରୋଗୀ ଚିହ୍ନଟ ହୋଇଥିବା ବେଳେ ରେଙ୍ଗାଲି ବ୍ଲକ ଅଞ୍ଚଳ ଦ୍ୱିତୀୟ ସ୍ଥାନରେ ରହିଛି। ତେବେ କଣ ପାଇଁ ସଚେତନତା ସତ୍ତ୍ୱେ ସହର ରେ ଅଧିକ ଲୋକ ଟିବି ରୋଗରେ ଆକ୍ରାନ୍ତ ହେଉଛନ୍ତି । ଏନେଇ ବୁର୍ଲା ଭୀମସାର ମେଡିକାଲର ସହକାରୀ ପ୍ରଫେସର ସଞ୍ଜୀବ ମିଶ୍ର କୁହନ୍ତି ମୁଖ୍ୟତଃ ଆର୍ଥିକ ଅନଗ୍ରସର ଲୋକଙ୍କ ଠାରେ ଏହି ରୋଗ ଅଧିକ ଦେଖା ଦେଇଥାଏ। କାରଣ ସେମାନଙ୍କ ଠାରେ ପୌଷ୍ଟିକ ଖାଦ୍ୟର ଅଭାବ ଥାଏ। ଫଳରେ ସେମାନଙ୍କ ରୋଗ ପ୍ରତିରୋଧକ ଶକ୍ତି କମ ଥାଏ। ଏହା ସହ ସେମାନେ ଛୋଟ ଛୋଟ ଝାଳ ଘରେ ରହୁଥିବା ବେଳେ ଗୋଟିଏ କୋଠରୀରେ ୪ ରୁ ଅଧିକ ଲୋକ ରୁହନ୍ତି। ଫଳରେ ଘରେ ବାୟୁ ପ୍ରଦୂଷଣ ଅଧିକ ହୋଇଥାଏ ଓ ରୋଗ ଅଧିକ ସଂକ୍ରମିତ ହୋଇଥାଏ। ତେଣୁ ସହରର ବସ୍ତି ଅଞ୍ଚଳରେ ଏହି ରୋଗ ଅଧିକ ଦେଖାଯାଉଛି। ଅନ୍ୟପଟେ ଯେଉଁ ଅଞ୍ଚଳରେ ବାୟୁ ପ୍ରଦୂଷଣ ଅଧିକ ଥାଏ ସେହି ଅଞ୍ଚଳ ମାନଙ୍କ ରେ ମଧ୍ୟ ଏହି ରୋଗ ଅଧିକ ହୋଇଥାଏ। ତେଣୁ ସମ୍ବଲପୁର ଜିଲ୍ଲାର ରେଙ୍ଗାଲି ଅଞ୍ଚଳ ଯାହା ଶିଳ୍ପ ବହୁଳ ଅଟେ ସେହି ଅଞ୍ଚଳରେ ଜିଲ୍ଲାର ଦ୍ୱିତୀୟ ସର୍ବାଧିକ ରୋଗୀ ଚିହ୍ନଟ ହେଉଛନ୍ତି ।

**କଣ ରହିଛି ରୋଗର ଲକ୍ଷଣ-:** ଭୀମସାର ର ସହକାରୀ ପ୍ରଫେସର ସଞ୍ଜୀବ ମିଶ୍ର ଏହାର ଲକ୍ଷଣ ନେଇ କୁହନ୍ତି ଯେ ଏହି ରୋଗ ହେଲେ ରୋଗୀ କୁ କାଶ ହୋଇଥାଏ। ସନ୍ଧ୍ୟା ସମୟରେ ରୋଗୀକୁ ଜ୍ୱର ହୋଇଥାଏ। ରୋଗୀର ଓଜନ ୬ ମାସ ରେ ୧୦% କମିଯାଇଥାଏ। ରୋଗୀକୁ ଖାଦ୍ୟ ରୁଚିକର ଲାଗିନଥାଏ। ମୁଖ୍ୟତଃ ଏହି ରୋଗ ହେଲେ କାଶ ହୋଇଥାଏ। ପାରମ୍ପରିକ ଔଷଧରେ ଏହି କାଶ ଛାଡିବନି। ଆଉ ୧୪ ଦିନରୁ ଅଧିକ କାଶ ହେଲେ ଏହା ଟିବି ର ସମ୍ଭାବନା କୁହାଯାଏ। ଏହି ରୋଗକୁ ପାଲମୋନାରୀ ଟିବିର ଲକ୍ଷଣ। ଅନ୍ୟପଟେ ଏକ୍ସଟ୍ରା ପାଲମୋନାରୀ ଟିଭି ହେଲେ ବହୁ ଦିନ ଧରି ଜ୍ୱର ହୋଇଥାଏ। କୌଣସି ଔଷଧରେ ଜ୍ୱର ଛାଡିନଥାଏ।

**କଣ ରହିଛି ରୋଗର କାରଣ:-** ଏହି ରୋଗର କାରଣ ନେଇ ଶ୍ରୀଯୁକ୍ତ ମିଶ୍ର କୁହନ୍ତି ଯେ ଏହି ରୋଗ ମାଇକ୍ରୋ ବ୍ୟାକଟେରୀୟମ ଟ୍ୟୁବରକଲୋଲୋସିସ ନାମକ ବ୍ୟାକଟେରିଆ ଯୋଗୁଁ ହୋଇଥାଏ। ପାରମ୍ପରିକ ତଥ୍ୟ ଅନୁସାରେ ଆମ ଦେଶର ୩୦ ରୁ ୩୫% ଲୋକଙ୍କ ଦେହରେ ଏହି ବ୍ୟକଟେରିଆର ସଂକ୍ରମଣ ରହିଥାଏ। ତେବେ କୌଣସି ଲୋକର ପ୍ରତିରୋଧକ ଶକ୍ତି ହ୍ରାସ ପାଇଲେ ଏହି ରୋଗର ଲକ୍ଷଣ ବାହାରି ଥାଏ। ଏହି ରୋଗ ସମ୍ବଲପୁର ସହରର ବସତି ଅଞ୍ଚଳ ଓ ରେଙ୍ଗାଲି ପରି ଶିଳ୍ପ ଅଞ୍ଚଳରେ ଅଧିକ ପରିମାଣରେ ଦେଖିବାକୁ ମିଳୁଛି।

**ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏହି ରୋଗ ନିୟନ୍ତ୍ରଣ ପାଇଁ କଣ ସବୁ ପଦକ୍ଷେପ ନିଆଯାଇଛି :** ଜିଲ୍ଲା ପ୍ରଶାସନ ପକ୍ଷରୁ ଟିବି ରୋଗକୁ ନିୟନ୍ତ୍ରଣ କରିବା ତଥା ରୋଗୀଙ୍କୁ ଚିକିତ୍ସା ପାଇଁ ଏନଟିଇପି ପ୍ରୋଗ୍ରାମ ଜରିଆରେ ଅନେକ ପଦକ୍ଷେପ ଗ୍ରହଣ କରାଯାଇଛି। ଏନେଇ ସମ୍ବଲପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଜିଲ୍ଲା ପ୍ରୋଗ୍ରାମ ସଂଯୋଜକ, ଏନଟିଇପି କଲ୍ୟାଣୀ ବାରିକ କୁହନ୍ତି ଯେ ଡ଼ିସେମ୍ବର ୨୫ ରୁ ଟିବି ମୁକ୍ତ ଭାରତ ଅଭିଯାନ ଜାରି ରହିଛି। ଏହି ଅଭିଯାନ ଜରିଆରେ ଅନେକ ପଦକ୍ଷେପ ନିଆଯାଇଛି। ଆମର ଟିମ ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରି ଲକ୍ଷଣ ଥିବା ରୋଗୀଙ୍କ କଫ ପରୀକ୍ଷା କରିବା ସହ ରୋଗୀଙ୍କ ଏକ୍ସରେ ମଧ୍ୟ କରୁଛନ୍ତି ଓ ରୋଗୀଙ୍କୁ ମାଗଣା ଔଷଧ ଦିଆ ଯାଉଛି। ରୋଗୀ ଚିହ୍ନଟ ହେବା ପରେ ପରିବାରର ସବୁ ସଦସ୍ୟଙ୍କ ସହ ପଡୋଶୀଙ୍କ ଟିବି ପରୀକ୍ଷା କରାଯାଉଛି। ଏହା ସହ ଜଣେ ଟିବି ରୋଗୀଙ୍କୁ ପୁଷ୍ଟିକର ଖାଦ୍ୟର ଆବଶ୍ୟକଥିବାରୁ ରୋଗୀ ତଥା ତାଙ୍କ ପରିବାର ବର୍ଗକୁ ପୌଷ୍ଟିକ ଆହାର ଯୋଗେଇବା ପାଇଁ ପ୍ରତ୍ୟେକ ମାସ ଫୁଡ ବାସ୍କେଟ ପ୍ରଦାନ କରାଯାଉଛି। ଏଥିରେ ଡାଲି, ମାଣ୍ଡିଆ, ଅଟା, ସୋୟାବିନ ବଡି, ମିଳକ ପାଉଡର ଆଦି ପ୍ରଦାନ କରାଯାଉଛି। ସ୍ଥାନୀୟ ଶିଳ୍ପ ଅନୁଷ୍ଠାନମାନଙ୍କ ସହାୟତାରେ ଏହା ପ୍ରଦାନ କରାଯାଉଛି। ରୋଗୀଙ୍କୁ ପ୍ରତ୍ୟେକ ମାସ ଔଷଧ ସହ ୬ ହଜାର ଟଙ୍କା ପ୍ରଦାନ କରାଯାଉଛି ଓ ରୋଗୀଙ୍କୁ ଔଷଧ ଖୁଆଇବା ପାଇଁ ସ୍ଥାନୀୟ ଆଶା ଦିଦିଙ୍କୁ ୧ ହଜାର ଟଙ୍କା ଦିଆ ଯାଉଛି। ଗୋଟିଏ ରୋଗୀଙ୍କୁ ଚିହ୍ନଟ କଲେ ଆଶା ଦିଦିଙ୍କୁ ୫୦୦ ଟଙ୍କା ପ୍ରଦାନ କରାଯାଉଛି। ଏହା ସହ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ସଚେତନତା କରାଯାଉଛି।

## ଶଶି ପାଗଡ ହତ୍ୟାକାଣ୍ଡ ପର୍ଦାଫାସ : ଅଭିଯୁକ୍ତ ରାମଚନ୍ଦ୍ର ଗିରଫ





**ସମ୍ବଲପୁର,(ଡିକେ ନ୍ୟୁଜ୍):** ଶଶି ପାଗଡ଼ ହତ୍ୟାକାଣ୍ଡର ପ୍ରାୟ ୧୬ ମାସ ପରେ ପୋଲିସ ଏହି ଘଟଣାର ପର୍ଦାଫାଶ କରିଛି। ବିଳମ୍ବରେ ହେଉ ପଛେ, ଏହି ନୃଶଂସ ହତ୍ୟାକାଣ୍ଡର ଅଭିଯୁକ୍ତ ବୁର୍ଲା ଥାନା ଅନ୍ତର୍ଗତ ଗାନ୍ଧିପଡାର ରାମଚନ୍ଦ୍ର ଶାସନୀ (୪୧)କୁ ପୋଲିସ ଗିରଫ କରିଛି। ଶାସନ ଥାନା ପୋଲିସ ମୃତ ମହିଳାଙ୍କ ପୋଷାକ, ପେଟ୍ରୋଲ ବୋତଲ, ଦିଆସିଲି ଓ ଚପଲ ଆଦି ଜବତ କରିଛି। ଅଧିକ ତଦନ୍ତ ପାଇଁ ଅଭିଯୁକ୍ତକୁ ରିମାଣ୍ଡରେ ଅଣାଯିବ ବୋଲି ଆରକ୍ଷୀ ଅଧିକ୍ଷକ ମୁକେଶ ଭାମୁ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ବରିଷ୍ଠ ବିଜେ ନେତା ସୀମାଞ୍ଚଳ ଖଟେଇଙ୍କ ଘରେ କାମ କରୁଥିବା ଶଶି ପାଗଡ଼ (୫୫)୯ ଫେବୃଆରୀ, ୨୦୨୪ରେ ଅପହରଣ ଓ ହତ୍ୟାର ଶିକାର ହୋଇଥିଲେ। ତାଙ୍କର ଅର୍ଦ୍ଧଦଗ୍ଧ ମୃତଦେହ ଜମାଦାରପାଲି ଏୟାରଷ୍ଟ୍ରିପ ନିକଟ ହୀରାକୁଦ ଡ୍ୟାମର ବାମପଟ ଡାଇକ୍ ଅଞ୍ଚଳରୁ ଉଦ୍ଧାର କରାଯାଇଥିଲା। ଏନେଇ ଶାସନ ଥାନାରେ ୩୧/୨୪ରେ ଏକ ହତ୍ୟା ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ କରାଯାଇଥିଲା। ପୋଲିସର ୪ଟି ଟିମ୍ ଏହି ଘଟଣାର ତଦନ୍ତ କରିଥିଲେ। ବିଭିନ୍ନ ଦିଗକୁ ନେଇ ପୋଲିସ ତଦନ୍ତ କରିଥିଲା। ୩୦ରୁ ୪୦ ଜଣଙ୍କୁ ସନ୍ଦେହ କରି ପୋଲିସ ପଚରାଉଚରା କରିଥିଲା। ତେବେ ସାଇଣ୍ଟିଫିକ ତଦନ୍ତ ବେଳେ ଅଭିଯୁକ୍ତ ରାମଚନ୍ଦ୍ର ଏହି ଘଟଣାର ଅଭିଯୁକ୍ତ ବୋଲି ଜଣାପଡିଥିଲା। ଶଶି ପାଗଡ଼ ଓ ଅଭିଯୁକ୍ତ ରାମଚନ୍ଦ୍ର ଦୁହେଁ ପରିଚିତ ଥିଲେ। ଆବଶ୍ୟକତା ଯୋଗୁଁ ଶଶି କିଛି ଟଙ୍କା ଅଭିଯୁକ୍ତକୁ ଘଟଣା ଦିନ ସନ୍ଧ୍ୟାରେ ହୀରାକୁଦ କାଳି ମନ୍ଦିର ନିକଟରେ ଦେଖିବା ପରେ ମାଗିଥିଲେ। ଅଭିଯୁକ୍ତ ଟଙ୍କା ନଥିବା କହିବା ସହ ଧାର ଆଣି ଦେବ ବୋଲି କହିଥିଲା। ତେଣୁ ନମ୍ବର ବିହୀନ ବାଇକ ଯୋଗେ ଉଭୟେ ସମ୍ବଲପୁର ଆସିଥିଲେ। ଅଇଁଠାପାଲି ଛକ ନିକଟରେ ପହଞ୍ଚିବା ପରେ ଅଭିଯୁକ୍ତ ଏହି ମହିଳାଙ୍କୁ ବାଇକରୁ ଓହ୍ଲାଇ ଟଙ୍କା ଆଣିବାକୁ ଯାଉଥିବା କହି ଯାଇଥିଲା। ପରେ ତାଙ୍କୁ ନେଇ ଜମାଦାର ପାଲି ଏୟାରଷ୍ଟ୍ରିପ୍ ପର୍ଯ୍ୟନ୍ତ ନେଇଥିଲା। ତେବେ ଟଙ୍କା ଧାରକରଜକୁ ନେଇ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏଥିରେ ଅଭିଯୁକ୍ତ ଉତ୍ତ୍ୟକ୍ତ ହୋଇ ଶଶିଙ୍କୁ ଠେଲି ଦେଇଥିଲା। ଫଳରେ ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗି ଥିଲା। ଏଭଳି ସ୍ଥଳେ ସେ ପୋଲିସରେ ଅଭିଯୋଗ କରିବେ ବୋଲି କହିବାରୁ ଅଭିଯୁକ୍ତ ଗାମୁଛାରେ ତାଙ୍କ ତଣ୍ଟିକୁ ଚିପି ହତ୍ୟା କରିଥିଲା। ପରେ ବାଇକରୁ ପୋଟ୍ରୋଲ ବାହାର କରିବା ସହ ଘଟଣାରେ ସ୍ଥଳରେ ପୋଡି ଦେଇଥିଲା। ମୃତକଙ୍କ ରକ୍ତଲଗା ଜ୍ୟାକେଟକୁ ବୁର୍ଲା ବ୍ରିଜ ନିକଟ ମହାନଦୀରେ ଭସାଇ ଦେଇଥିଲା। ପୂର୍ବରୁ ମଧ୍ୟ ଏମାନଙ୍କ ମଧ୍ୟରେ ଟଙ୍କା ଧାର ଓ ଫେରସ୍ତକୁ କେନ୍ଦ୍ର କରି ଝଗଡା ହୋଇଥିବା ପୋଲିସ ତଦନ୍ତ ବେଳେ ଜାଣିବାକୁ ପାଇଛି।

## କ୍ଷେପଣାସ୍ତ୍ର ପରୀକ୍ଷଣକୁ ନେଇ ଓଡିଶା ସରକାରଙ୍କ ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗ ପକ୍ଷରୁ ସତର୍କ ସୂଚନା



**ପାରାଦ୍ୱୀପ,(ଡିକେ ନ୍ୟୁଜ୍):** ଜୁଲାଇ ୧୭ ଓ ୧୮ ତାରିଖ ଦୁଇଦିନ ଧରି ଡିଆରଡିଓ ଚାନ୍ଦିପୁର ଠାରେ କ୍ଷେପଣାସ୍ତ୍ର ପରୀକ୍ଷଣକୁ ନେଇ ଓଡିଶା ସରକାରଙ୍କ ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗ ତରଫରୁ ସମୁଦ୍ରକୁ ମାଛ ଧରିବାକୁ ଯାଉଥିବା ମତ୍ସ୍ୟଜୀବୀମାନଙ୍କୁ ସତର୍କ ସୂଚନା ଜାରି କରାଯାଇଛି। ଏ ନେଇ ପାରାଦୀପ ଠାରେ ରହିଥିବା ନେହେରୁବଙ୍ଗଳା ମାଛଧରା ବନ୍ଦର, ବାଲିଫ୍ଲଟ, ନୂଆବଜାର ଓ ଷଣ୍ଢକୁଦ ଅଞ୍ଚଳରେ ମତ୍ସ୍ୟଜୀବୀମାନେ ରହୁଥିବା ଅଞ୍ଚଳରେ ସତର୍କ ସୂଚନା ଜାରି କରାଯାଇଛି। ଚାନ୍ଦିପୁର କ୍ଷେପଣାସ୍ତ୍ର ଘାଟିରୁ କ୍ଷେପଣାସ୍ତ୍ର ପରୀକ୍ଷଣ ସମୟରେ ସମୁଦ୍ର ଅଶାନ୍ତ ରହିବା ସହିତ ବିରାଟ ଲହଡି ସୃଷ୍ଟି ହେବା କାରଣରୁ ସମୁଦ୍ରରେ ମାଛ ଧରିବା ବିପଦଜନକ ହେବ। ତେଣୁ ଜୁଲାଇ ୧୭ ଓ ୧୮ ତାରିଖ ଦୁଇଦିନ ସମୁଦ୍ର ମଧ୍ୟରେ ମାଛ ଧରିବାକୁ ଯାଇଥିବା ମତ୍ସଜୀବୀ ମାନେ ଉପକୂଳକୁ ଫେରି ଆସିବା ସହିତ ସମୁଦ୍ର ମଧ୍ୟକୁ ମାଛ ଧରିବାକୁ ନ ଯିବା ପାଇଁ ଓଡିଶା ସରକାରଙ୍କ ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗ ତରଫରୁ ସତର୍କତା ମୂଳକ ଚେତାବନୀ ଜାରି କରାଯାଇଛି।

## ବର୍ଷାରେ ଭାସିଲା ପୋଲ : ୫ ପଞ୍ଚାୟତ ବିଚ୍ଛିନ୍ନ



**କୋରାପୁଟ,(ଡିକେ ନ୍ୟୁଜ୍):** ଠିକାଦାରଙ୍କ ମନମୁଖୀ କାର୍ଯ୍ୟ ଓ ବିଭାଗୀୟ ଅଧିକାରୀଙ୍କ ଆନ୍ତରିକ ଅଭାବ ଯୋଗୁଁ ସାଧାରଣ ଲୋକ ଜୀବନଯାତ୍ରାରେ ଦୁର୍ଦ୍ଦଶା ଭୋଗୁଥିବା ଦେଖିବାକୁ ମିଳିଛି। କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା ବା ଲାଇଫ୍ ଲାଇନ ରୋଡ କୁହାଯାଉଥିବା ଜମାନ ଗାଡ଼ ପୋଲ ନିର୍ମାଣ କାର୍ଯ୍ୟ ଚାଲିଥିବା ବେଳେ ଡ୍ରାଇଭର୍ସନ୍ ରାସ୍ତା ସମ୍ପୂର୍ଣ୍ଣ ଧୋଇ ହୋଇଯାଇଛି। ତେବେ ପ୍ରତ୍ୟେକ ବର୍ଷ ବର୍ଷା ଦିନ ଆସିଲେ ଏହି ପୋଲ ଉପରେ ପାଣି ପ୍ରବାହିତ ହୁଏ। ଏହା ବିଭାଗୀୟ ଅଧିକାରୀ ଏବଂ ସ୍ଥାନୀୟ ପ୍ରଶାସନକୁ ମଧ୍ୟ ବେଶ୍ ଭଲ ଭାବେ ଜଣା ହେଲେ ଏଥି ପ୍ରତି କାହାର ମଧ୍ୟ ନିଘା ନାହିଁ। ଯାହା ଫଳରେ କି ଏଠିକାର ସାଧାରଣ ଜନତା ଏବେ ଦୁର୍ଦ୍ଦଶା ରେ ଘାଣ୍ଟି ହେଉଛନ୍ତି। ମାସେ ଦେଢ଼ ମାସ ଭିତରେ କାମ ସାରିବାକୁ କହିଥିବା ଠିକାଦାର ଓ ସୁପରଭାଇଜର ଏବେ ଦେଖା ନାହିଁ। ନିମ୍ନମାନର କାମ କରି ଠିକାଦାର କେତନ ବିଶୋଇ ପ୍ରାୟ ୬୦ ପ୍ରତିଶତ କାମ କରିଥିବା ବେଳେ ତାହା ଅତି ନିମ୍ନ ମାନର ହୋଇଥିବା ଅଞ୍ଚଳବାସୀ ଅଭିଯୋଗ କରିବା ପରେ କନିଷ୍ଠ ଯନ୍ତ୍ରୀ ଲଳିତ କୁମାର ମହନ୍ତ ତାକୁ ଭାଙ୍ଗିବାକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ଲଗାଣ ବର୍ଷା ଯୋଗୁଁ ଏବେ ଏହି ଡ୍ରାଇଭର୍ ସନ୍ ରାସ୍ତା ସମ୍ପୂର୍ଣ୍ଣ ଧୋଇ ହୋଇଯାଇଛି। ଫଳରେ ଦଶମନ୍ତପୁର ବ୍ଲକରୁ ପାଞ୍ଚ ଖଣ୍ଡ ପଞ୍ଚାୟତ ଏବେ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇଯାଇଛି। ଆଗକୁ ବର୍ଷା ଲାଗି ରହିବ ତେବେ ପ୍ରଶାସନ ସାଧାରଣ ଲୋକଙ୍କ ଯାତାୟାତ ନିମନ୍ତେ କେତେ ତତ୍ପରତା ଦେଖାଉଛନ୍ତି ତାକୁ ହିଁ ଅପେକ୍ଷା।

## ରେଙ୍ଗାଲି ତହସିଲରେ ନୋଟାରୀ ନିଯୁକ୍ତ



**ସମ୍ବଲପୁର,(ଡିକେ ନ୍ୟୁଜ୍):** ସମ୍ବଲପୁର ଜିଲ୍ଲା ଶିଳ୍ପ ବହୁଳ ରେଙ୍ଗାଲି ତହସିଲରେ ନୋଟାରୀ ଆଇନଜୀବୀ ନିଯୁକ୍ତି ପାଇଛନ୍ତି। କେନ୍ଦ୍ର ସରକାରଙ୍କ ଆଇନ ବିଭାଗର ନୋଟାରୀ ଅଧିନିୟମ ୧୯୫୨ ଅନୁସାରେ ଶାସନ ରାଣିଖିଣ୍ଡା ଗ୍ରାମର ବରିଷ୍ଠ ଆଇନଜୀବୀ ଅଧିକାରୀ ବେହେରାଙ୍କୁ ଏହି ନିଯୁକ୍ତି ପ୍ରଦାନ କରାଯାଇଛି। ରେଙ୍ଗାଲି ତହସିଲରେ ପୂର୍ବରୁ କେହି ନୋଟାରୀ ନଥିବାରୁ ଲୋକେ ବିଭିନ୍ନ ସମୟରେ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏହା ହେବାଦ୍ୱାରା ରେଙ୍ଗାଲି ଅଞ୍ଚଳର ଲୋକେ ହାତପାହାନ୍ତାରେ ସମସ୍ତ ସୁବିଧା ପାଇପାରିବେ। ଶ୍ରୀ ବେହେରାଙ୍କ ଏହି ନିଯୁକ୍ତି ଖବର ଜାଣିଲା ପରେ ରେଙ୍ଗାଲି ଅଞ୍ଚଳର ସବୁ ବର୍ଗର ଲୋକ ଏହାକୁ ସ୍ୱାଗତ କରିଛନ୍ତି।

## କମେଣ୍ଟ ମରାକୁ ନେଇ ଯୁବକଙ୍କୁ ହତ୍ୟା: ଅଭିଯୁକ୍ତ ଗିରଫ



**ସମ୍ବଲପୁର,(ଡିକେ ନ୍ୟୁଜ୍):** ସମ୍ବଲପୁର ଜିଲ୍ଲା ବୁର୍ଲା ଥାନା ଅନ୍ତର୍ଗତ କେନ୍ଦ୍ରୀୟ ବିଦ୍ୟାଳୟ ନିକଟରେ କମେଣ୍ଟମରାକୁ କେନ୍ଦ୍ର କରି ଜଣେ ଯୁବକଙ୍କୁ ଠେଙ୍ଗାରେ ପିଟିପିଟି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ଏନେଇ ଥାନାରେ ୨୭୧/୨୫ରେ ଏକ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ କରାଯାଉଛି। ଏହି ମାମଲାରେ ବୁର୍ଲା ଥାନା ପଠାନବନ୍ଧର ଅଭିଯୁକ୍ତ ବିନୋଦ ରାୟ (୨୧)ଙ୍କୁ ଗିରଫ କରାଯାଇଛି। ଏଥି ସହ ହତ୍ୟାକାଣ୍ଡରେ ବ୍ୟବହୃତ ଠେଙ୍ଗାକୁ ମଧ୍ୟ ପୋଲିସ ଜବତ କରିଛି। ସୂଚନାଯୋଗ୍ୟ, ଦିନେଶ ରାୟଙ୍କ ଝିଅ ବୁର୍ଲା କେନ୍ଦ୍ରୀୟ ବିଦ୍ୟାଳୟରେ ସାନ୍ଧ୍ୟା ଭ୍ରମଣ ୨୯ତାରିଖ ଆସିଥିଲେ। ଏହି ସମୟରେ ବଳରାମ ବାଗ ତାଙ୍କୁ କମେଣ୍ଟ କରି ଥିବା ବେଳେ ଏନେଇ ପରିବାର ଲୋକଙ୍କୁ ଜଣାଇଥିଲେ। ଏହାକୁ ନେଇ ଉଭୟ ପରିବାର ମଧ୍ୟରେ କଜିଆ ଉପୁଜି ଥିଲା। ସେହି ରାତିରେ ବିନୋଦ ରାୟ ଏବଂ ପରିବାରର ଅନ୍ୟମାନେ ବଳରାମ ବାଗଙ୍କ ଘରେ ପହଞ୍ଚି ପାଟିତୁଣ୍ଡ କରିଥିଲେ। ବଳରାମ ଏହାର ପ୍ରତିବାଦ କରିଥିଲେ। ଫଳରେ ଉଭୟ ପରିବାର ମଧ୍ୟରେ ଉତ୍ତେଜନା ଦେଖାଯାଇଥିଲା। ବଳରାମଙ୍କୁ ଦିନେଶ କାବୁ କରିବା ବେଳେ ବିନୋଦ ଏକ ଠେଙ୍ଗାରେ ତାଙ୍କ ମୁଣ୍ଡକୁ ଆକ୍ରମଣ କରି ଥିଲେ। ଫଳରେ ବଳରାମ ଗୁରୁତର ଭାବେ ଆହତ ହୋଇଥିଲେ। ତେଣୁ ତାଙ୍କୁ ଗୁରୁତର ଅବସ୍ଥାରେ ଭିମସାରରେ ଭର୍ତ୍ତି କରାଯାଇଥିଲା। ତେବେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ମୃତକ ବଳରାମ ବାଗଙ୍କ ପତ୍ନୀ ଉଲ୍ଲାସ ବାଗ ଏନେଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରିପୋଲିସ ବିନୋଦଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ଆଦିବାସୀ ମହିଳାଙ୍କ ପାଇଁ ରୋଜଗାରର ଉତ୍ସ ପାଲଟିଛି ବର୍ଷା ଦିନିଆଁ ଛତୁ



**ଫିରିଙ୍ଗିଆ,(ଡିକେ ନ୍ୟୁଜ୍):** କନ୍ଧମାଳ ଜିଲ୍ଲା ଏକ ଆଦିବାସୀ ବହୁଳ ଜିଲ୍ଲା ହୋଇଥିବା ବେଳେ ଜିଲ୍ଲାଟି ବଣ ଜଙ୍ଗଲରେ ଘେରି ରହିଛି। ବର୍ଷର ବିଭିନ୍ନ ସମୟରେ ଏଠାକାର ମହିଳା ଓ ପୁରୁଷମାନେ ବିଭିନ୍ନ ପ୍ରକାର ଚାଷକାର୍ଯ୍ୟ କରି ବଞ୍ଚିବା ସହିତ ଜଙ୍ଗଲରୁ ବିଭିନ୍ନ ଜଙ୍ଗଲଜାତ ଦ୍ରବ୍ୟ ଯଥା, ଅଁଳା, ହରଡ଼ା, ବାହାଡା, ମହୁଲ, ସର୍ଗିଫୁଲ, ଝୁଣା ଆଦି ସଂଗ୍ରହ କରିବା ସହିତ ବିଭିନ୍ନ ପ୍ରକାର କନ୍ଦମୂଳ ଓ ଫଳଫୁଲ ସଂଗ୍ରହ କରି ବଜାରରେ ବିକ୍ରୟ କରି ବେସ ଦୁଇ ପଇସା ରୋଜଗାର କରିଥାନ୍ତି। ସେହିପରି ବର୍ଷାଋତୁର ଆରମ୍ଭରୁ ହୋଇଯାଏ ବିଭିନ୍ନ ପ୍ରକାର ଋତୁକାଳୀନ ଛତୁ ସଂଗ୍ରହ। ଏଠାକାର ମହିଳାମାନେ ଅଞ୍ଚଳରେ ଥିବା ଛୋଟବଡ଼ ଜଙ୍ଗଲ, ଜମିହୁଡା, ଉଇଁଉଙ୍କା ଓ ଅନ୍ୟାନ୍ୟ ସ୍ଥାନରୁ ବିଭିନ୍ନ ପ୍ରକାର ଛତୁ ସଂଗ୍ରହ କରି ନିଜେ ଖାଇବା ସହିତ ବଜାରରେ ବିକ୍ରୟ କରି ବେସ ଦୁଇ ପଇସା ଉପାର୍ଜନ କରିଥାନ୍ତି। ବର୍ଷା ଋତୁରେ ଫୁଟୁଥିବା ବିଭିନ୍ନ ପ୍ରକାର ଛତୁ ମଧ୍ୟରେ (ବିନ ଛତୁ) ସମସ୍ତଙ୍କ ଅତି ପସନ୍ଦ। ଏହି ଛତୁ ବର୍ଷାଋତୁରେ ନିର୍ଦ୍ଦିଷ୍ଟ କିଛି ସ୍ଥାନରେ (ଉଇଁଉଙ୍କା, ଜମିହୁଡା, ପାଳଗଦା, ଜଙ୍ଗଲ, ଗଛମୂଳ) ଫୁଟିଥାଏ। ଏହି ଛତୁ ଅତି ସ୍ୱାଦିଷ୍ଟ ହୋଇଥିବାରୁ ଲୋକେ ତାକୁ ଖାଇବା ପାଇଁ ଅଧିକ ମୂଲ୍ୟ ଦେଇ ମଧ୍ୟ ବଡ ସରାଗରେ କିଣିଥାନ୍ତି। ଛତୁ ସଂଗ୍ରହ କରୁଥିବା ମହିଳା ମାନଙ୍କ କହିବା ପ୍ରକାରେ ବର୍ଷାଋତୁରେ ଏହି ଛତୁର ବଜାର ଦର ଅଧିକ ହୋଇଯାଏ। ଆଷାଢ଼ ମାସର ପହିଲି ବର୍ଷାରେ ଏହି ଛତୁ କିଲୋ ପ୍ରତି ୧୫୦ରୁ ୨୦୦ଟଙ୍କାରେ ବିକ୍ରୟ ହେଉଥିବା ବେଳେ ଶ୍ରାବଣ ମାସରେ ଏହାର ମୂଲ୍ୟ ୪୦୦ପାର ହୋଇଯାଏ। ବିଶେଷ କରି ସହରାଞ୍ଚଳରେ ବସବାସ କରୁଥିବା ଲୋକେ ନିଜେ ସଂଗ୍ରହ କରିବାକୁ ଅସମର୍ଥ ସାଙ୍ଗକୁ ଛତୁ ଫୁଟୁଥିବା ସ୍ଥାନମାନଙ୍କ ଉପରେ ଜ୍ଞାନ ନଥିବାରୁ ଛତୁ ପାଇଁ ଗ୍ରାମାଞ୍ଚଳ ମାନଙ୍କରେ ବସବାସ କରୁଥିବା ଜନସାଧାରଣ ମାନଙ୍କ ଉପରେ ନିର୍ଭର କରିଥାନ୍ତି। ଛତୁର ବଜାର ଦର ଅତ୍ୟଧିକ ବୃଦ୍ଧି ପାଇଥିଲେ ମଧ୍ୟ କେବଳ ବର୍ଷାଋତୁରେ ମିଳୁଥିବାରୁ ଓ ଅଧିକ ସ୍ୱାଦିଷ୍ଟ ହୋଇଥିବାରୁ ମାଛ, ମାଂସ ଓ ଅଣ୍ଡା ଭଳି ତରକାରୀକୁ ପଛରେ ପକେଇ ଛତୁ ଟିକେ କିଣି ଖାଇବାକୁ ଆଗ୍ରହ କରନ୍ତି। ବର୍ଷାଋତୁ ଆସିଲେ ବଣ ଜଙ୍ଗଲରେ ଛତୁ ଫୁଟେ। ବନବାସୀମାନେ ଛତୁ ସଂଗ୍ରହକରି ହାଟ ବଜାରରେ ବିକ୍ରି କରିଥାନ୍ତି। ବିଶେଷକରି ଶ୍ରାବଣ ମାସରେ ବଜାରରେ ବିଭିନ୍ନ ରଙ୍ଗବେରଙ୍ଗ ଓ ଅନେକ କିସମର ଛତୁ ଦେଖିବାକୁ ମିଳୁଛି। ଯଦିଓ ଆଜିକାଲି କୃତ୍ରିମ ଉପାୟରେ ଛତୁଚାଷ ହେଉଛି, କିନ୍ତୁ ପ୍ରାକୃତିକ ପରିବେଶରେ ବଣଜଙ୍ଗଲରେ ମିଳୁଥିବା ଛତୁର ସ୍ୱାଦ ନିଆରା। ଏଣୁ ଏହାର ଚାହିଦା ଅଧିକ। ପିଚ, ମଣ୍ଡା, ପତୁରା, ମହାମଣି, ଭାନୁ, ଅଙ୍ଗାରୁଆ, କୁଟା, ବାଉଁଶ, କାଠଛତୁ, ବାଲିଛତୁ, ବିହୁଡୁଣୀ, ରୁଟୁକା ଆଦି ଭଳି ଅନେକ ଦେଶୀଛତୁ ଏବେ ବଜାରରେ ଉପଲବ୍ଧ ହେଉଛି। ବନବାସୀମାନେ ଛତୁକୁ କନ୍ଧମାଳ ସହର ଫୁଲବାଣୀ, ଫିରିଙ୍ଗିଆ ରାସ୍ତାକଡ଼ରେ ପତ୍ରଠୋଲା ବା ଚଉପଦିରେ ଭାଗକରି ବିକ୍ରି କରୁଛନ୍ତି। ବନବାସୀମାନେ ସକାଳୁ ଡାଲା, ବ୍ୟାଗ୍, ପାଛିଆ ଆଦି ଧରି ଗାଁମୁଣ୍ଡ, ଜମିବାଡ଼ି, ବଣଜଙ୍ଗଲକୁ ଛତୁ ଗୋଟାଇବାକୁ ବାହାରି ଯାଆନ୍ତି। ସେସବୁ ସଂଗ୍ରହ କରି ଘରକୁ ଆଣି ନିଜେ ଖାଆନ୍ତି, ହାଟ ବଜାରରେ ବିକ୍ରି କରିଥାଆନ୍ତି। ଛତୁ ଭାଗ ୨୦ ଟଙ୍କାରେ ବିକ୍ରି ହେଉଥିବା ବେଳେ କିଲୋ ୧୦୦ରୁ ୨୦୦ ଟଙ୍କା ପର୍ଯ୍ୟନ୍ତ ବେପାରୀମାନେ ବିକ୍ରି କରିଥାଆନ୍ତି। ବିଶେଷକରି ବାଲି, ରୁଟୁକା, ବିହୁଡୁଣୀ, କୁଟା ଆଦି ଛତୁର ଚାହିଦା ଅଧିକ ରହିଛି। ଏହାର ଦାମ ମଧ୍ୟ ଅନ୍ୟ ଛତୁ ତୁଳନାରେ ଅଧିକ। ବ୍ୟବସାୟୀ ରୁଟୁକା ଛତୁ କିଲୋ ପିଛା ୫ ଶହରୁ ୬ ଶହ ଟଙ୍କାରେ ବିକ୍ରି କରୁଛନ୍ତି। ଆଧୁନିକ ପ୍ରଣାଳୀରେ ବଟମ ଓ ପାଳଛତୁ ବର୍ଷ ତମାମ ଚାଷ କରାଯାଇ ପାରୁଥିବାରୁ ବର୍ଷସାରା ଖାଇବାକୁ ମିଳିଥାଏ। ବର୍ଷାଦିନରେ ଫୁଲବାଣୀ ଏବଂ ଫିରିଙ୍ଗିଆ ବଜାରରେ ଦେଶୀଛତୁକୁ ଲୋକେ ଅଧିକ ପସନ୍ଦ କରିଥାଆନ୍ତି। ଏଠାରୁ କଟକ, ଭୁବନେଶ୍ୱର ଆଦି ଅନ୍ୟ ସହରକୁ ଛତୁ ଯାଇଥାଏ। ତେବେ ଉପଯୁକ୍ତ ବଜାର ଅଭାବରୁ ଆଦିବାସୀମାନେ ଅନେକ ସମୟରେ ବେପାରୀଙ୍କ ଶୋଷଣର ଶିକାର ହୋଇଥାଆନ୍ତି। ଆଦିବାସୀମାନେ କଷ୍ଟ କରି ଛତୁ ସଂଗ୍ରହ କରି ଆଣୁଛନ୍ତି। କିନ୍ତୁ ବ୍ୟବସାୟୀ ସେମାନଙ୍କୁ ଓଜନ ଓ ଦରରେ ଠକି ନେଇ ବିନା ପରିଶ୍ରମରେ ଲାଭବାନ୍ ହେଉଛନ୍ତି। ଫିରିଙ୍ଗିଆ ବ୍ଲକ୍ ରଞ୍ଜିତ କହଁର କୁହନ୍ତି, ଆଗଭଳି ବର୍ଷା ନାହିଁ ବୋଲି ଅଧିକ ଛତୁ ମିଳୁନାହିଁ। ଅନେକ ସମୟରେ ଗ୍ରାହକ ନ ମିଳିଲେ ବେପାରୀମାନଙ୍କୁ କମ୍ ଦାମରେ ବିକିଦେଇ ଘରକୁ ପଳାଉ। ଯାହା ମିଳେ ସେଥିରେ ଘରେ ଚଳେ। ଲଦାପଦରର ସିମନ୍ ଦିଗାଲ କୁହନ୍ତି, ଛତୁ ଆଗରୁ ଘରବାଡ଼ି, ପଡ଼ିଆରେ ବହୁତ ମିଳୁଥିଲା। ଏବେ ଛତୁ ସଂଗ୍ରହ ପାଇଁ ଜଙ୍ଗଲ ଓ ପାହାଡ଼ ଭିତରକୁ ଯିବାକୁ ପଡୁଛି। ଏସବୁ ବିକି ପେଟପାଟଣା ଚଳାଉ। ଶ୍ରାସା ନାଣ୍ଡା ଧିରେନ୍ କଟା କହିଛନ୍ତି, ଛତୁରେ ପ୍ରୋଟିନ ଭରି ରହିଛି। ଏଣୁ ଏହା ସ୍ୱାସ୍ଥ୍ୟ ପକ୍ଷେ ହିତକାରକ। କିନ୍ତୁ ଅନେକ ସମୟରେ ବିଷାକ୍ତ ଛତୁ ଖାଇ ଅନେକେ ଅସୁସ୍ଥ ହୋଇପଡ଼ନ୍ତି। ଏଣୁ ଦେଖି ପରଖି ଛତୁ ଖାଇବା କଥା। କିଶୋର ଚନ୍ଦ୍ର ଦିଗାଲ କୁହନ୍ତି, ଦେଶୀ ଛତୁ ବହୁ ଆଗରୁ ଖାଇ ଆସୁଛୁ। ଏହାର ସ୍ୱାଦ ଅତ୍ୟନ୍ତ ନିଆରା। ତେବେ ତଦାରଖ ଅଭାବରୁ ବେପାରୀମାନେ କମ୍ ଦାମରେ କିଣି ଅଧିକ ଦାମ୍‌ରେ ବିକି ଲାଭବାନ୍ ହେଉଛନ୍ତି। ଫଳରେ ସାଧାରଣ ଉପଭୋକ୍ତାଙ୍କ ପାଇଁ ଛତୁ ମହଙ୍ଗା ହୋଇଯାଉଛି।

# ସରକାରୀ ଯୋଜନା ବାଟବଣା : ଜରିପାଲ ତଳେ ୮ ପ୍ରାଣୀ କୁଟୁମ୍ବ



**ଫିରିଙ୍ଗିଆ,(ଡିକେ ନ୍ୟୁଜ୍):** ସରକାର ଗରିବ ଅସହାୟ ବାସହୀନ ଲୋକଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ମାଧ୍ୟମରେ ଘର ଯୋଗାଇ ଦେଉଛନ୍ତି ସତ। କିନ୍ତୁ ପ୍ରଶାସନ ଅବହେଳା ଯୋଗୁଁ ଆଜି ବି ଏହି ଯୋଜନା କେତେକ ହିତାଧିକାରୀଙ୍କ ପାଖକୁ ପହଞ୍ଚି ପାରୁନଥିବା ଅଭିଯୋଗ ହେଉଛି। ଏମିତି ଏକ ଦୃଶ୍ୟ ଦେଖିବାକୁ ମିଳିଛି କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ୍ ଲୁଇସିଂ ପଞ୍ଚାୟତ ଅନ୍ତର୍ଗତ ରାଇଗୁଡ଼ା ଗ୍ରାମ ଝିଙ୍ଗିଙ୍ଗ ପଡ଼ା ସାହିରେ। ଜରିପାଲ ତଳେ ବିତୁଛି ୮ ପ୍ରାଣୀ କୁଟୁମ୍ବଙ୍କ ଜୀବନ। ନକୁଳ କହଁର ବୟସ (୩୦) ତାଙ୍କ ମାଁ ସାନ ଭାଇ ଦୁଇ ଜଣ ସ୍ତ୍ରୀ ଓ ପିଲା ଛୁଆ ମିଶାଇ ୮ ଜଣ ପ୍ରାଣୀଙ୍କୁ ନେଇ ଗୋଟିଏ ପରିବାର। ଦୀର୍ଘ ବର୍ଷ ଧରି ଏହି ଝାଟିମାଟି ଭଙ୍ଗା ଦଦରା କୁଡ଼ିଆରେ ରହି ଆସୁଛନ୍ତି। ଖରା ଦିନରେ ଯେମିତି ସେମିତି ଚଳି ଯାଉଥିବା ବେଳେ ବର୍ଷା ଦିନେ ଘର ଛପର ଉପରୁ ପାଣି ଗଳୁଛି। କେତେବେଳେ ଭୁଶୁଡ଼ି ପଡ଼ିବ କହି ହେବନି। ଘର ଖଣ୍ଡିଏ ପାଇଁ ବାରମ୍ବାର ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ଆରମ୍ଭ କରି ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଆବେଦନ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନଥିବା କହିଛନ୍ତି ହିତାଧିକାରୀ। ଏଭଳି ପରିସ୍ଥିତିରେ ଘର ଖଣ୍ଡିଏ କରିବା ତାଙ୍କ ପାଇଁ ସାତ ସପନ ପାଲଟିଛି। ବର୍ଷା ଦିନ ଆସିଲେ ଭଙ୍ଗା କୁଡ଼ିଆରେ ରହିବା ପରିବାର ପକ୍ଷରେ କଷ୍ଟକର ହେଉଛି। ତେଣୁ ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଯଥାଶୀଘ୍ର ନକୁଳ କହଁରଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ୍ କରି ଘର ଖଣ୍ଡିଏ ଯୋଗାଇ ଦେବାକୁ ବୃଦ୍ଧିଜୀବୀ ମହଲରୁ ଦାବି କରିଛନ୍ତି। ଦେଖିବାକୁ ବାକି ରହିଲା ନକୁଳ କହଁରଙ୍କ ଦୁଃଖ ନୂତନ ସରକାର କେବେ ଶୁଣୁଛନ୍ତି।

## ପ୍ରେମିକାକୁ ହତ୍ୟା ଘଟଣାର ସିନ୍ ରିକ୍ରିଏସନ କଲା ପୋଲିସ



**ବ୍ରହ୍ମପୁର,(ଡିକେ ନ୍ୟୁଜ୍):** ପ୍ରେମିକାକୁ ଛୁରୀ ଭୁସି ହତ୍ୟା ଘଟଣାରେ ପୋଲିସ କଲା ସିନ୍ ରିକ୍ରିଏସନ। ବ୍ରହ୍ମପୁର ଗେଷ୍ଟ ହାଉସରେ ପ୍ରେମିକା ପ୍ରିୟାଙ୍କୁ ପୁରୁଷ ବନ୍ଧୁ ଅଭୟ ୧୬ ଥର ଛୁରି ଭୁସି ହତ୍ୟା କରିଥିଲେ। ହତ୍ୟା ଘଟଣାରେ ଅଭିଯୁକ୍ତକୁ ନେଇ କ୍ରାଇମ ସିନ୍ ରିକ୍ରିଏସନ୍ କରିଛି ବ୍ରହ୍ମପୁର ପୋଲିସ। କିଭଳି ହତ୍ୟା କରିଥିଲା ଡେମୋ ଦେଖାଇଲା ଅଭିଯୁକ୍ତ । ବୈଦ୍ୟନାଥପୁର ଥାନା ନୂଆ ବସଷ୍ଟାଣ୍ଡ ନିକଟ ଗେଷ୍ଟହାଉସକୁ ଗତକାଲି ଉଭୟ ଆସିଥିଲେ।ଉଭୟେ ଉଭୟଙ୍କୁ ଭଲ ପାଉଥିଲେ। ଏପରି କି ବାରମ୍ବାର ଗେଷ୍ଟ ହାଉସକୁ ମଧ୍ୟ ଆସୁଥିବା ସୂଚନା ମିଳିଛି । ପ୍ରେମକୁ ନେଇ ସନ୍ଦେହ ପରେ ଯୁବକ ଜଣକ ହତ୍ୟା କରିଥିବା ଗତକାଲି ଏସପି ସ୍ପଷ୍ଟ କରିଥିଲେ। ଅଭିଯୁକ୍ତକୁ ପୋଲିସ ଗିରଫ ପରେ କୋର୍ଟଚାଲାଣ କରିଥିଲା। ପ୍ରେମିକାଙ୍କୁ କିଭଳି ହତ୍ୟା କରିଥିଲା ଆଜି ଡେମୋ ଦେଖାଇଛି ଅଭିଯୁକ୍ତ।

## ଦୁର୍ଘଟଣାରୁ ବର୍ତ୍ତିଲା ରାଉରକେଲା ଏକ୍ସପ୍ରେସ ଟ୍ରେନ



**କୋରାପୁଟ,(ଡିକେ ନ୍ୟୁଜ୍):** ବଡ ଦୁର୍ଘଟଣାରୁ ବର୍ତ୍ତିଗଲା ରାଉରକେଲା ଏକ୍ସ ପ୍ରେସ ଟ୍ରେନ। ଟ୍ରେନ ଆସିବାର କିଛି ସମୟ ପୂର୍ବରୁ ପାହାଡ଼ ଧସି ରେଳ ପଥ ଅବରୋଧ ହୋଇଗଲା । ବର୍ତ୍ତି ଗଲେ ରେଳ ଯାତ୍ରୀ। କୋରାପୁଟରେ ଲଗାଣ ବର୍ଷା ଜାରି। ରେଳ ଧାରଣା ଉପରେ ମାଟି ଧସିଲା, ପାହାଡ଼ରୁ ମାଟି ଧସି ରେଳ ପଥ ଅବରୋଧ। ଟ୍ରେନ ଚଳାଚଳ ବନ୍ଦ। କୋରାପୁଟ - ଜୟପୁର ରେଳ ପଥର ଜରଟି ନିକଟରେ ଘଟିଛି ଘଟଣା। ଜଗଦଲପୁରରୁ ଆସୁଥିବା ରାଉରକେଲା ଓ ହୀରାଖଣ୍ଡ ଟ୍ରେନ କୋରାପୁଟ ପହଞ୍ଚି ବା ବିଳମ୍ବ ହେବ। ଦିନ ପ୍ରାୟ ୩ଟା ସମୟରେ ଘଟିଛି ଘଟଣା। ଜରଟି ମାଲିଗୁଡ଼ା ମଧ୍ୟରେ ୨୦୮ କିମି ଠାରେ ଘଟିଛି ଭୂସ୍ଖଳନ। ରେଳ ଚଳା ଚଳା ବନ୍ଦ ହେବା ସମ୍ଭାବନା ତିନଟି ପାସେଞ୍ଜର ଟ୍ରେନ୍ ବାତିଲ କରିଛି ପୂର୍ବତଟ ରେଳପଥ।

## ଧାନ ଆଧାରିତ ଫସଲ ପ୍ରଣାଳୀରେ ଉତ୍ପାଦକତା ବୃଦ୍ଧି ପାଇଁ କୃଷି ତାଲିମ ଶିବିର




**ପୁରୁଷୋତ୍ତମପୁର,(ଡିକେ ନ୍ୟୁଜ୍):** ଗଞ୍ଜାମ ଜିଲ୍ଲା ପୁରୁଷୋତ୍ତମପୁର ବ୍ଲକ ବାଘଲା ପଞ୍ଚାୟତର ପଲ୍ଲୀଆଁମା ଗ୍ରାମର କଲ୍ୟାଣ ମଣ୍ଡପ ପ୍ରାଙ୍ଗଣ ଠାରେ କୃଷି ତାଲିମ୍ ଶିବିର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ତାଲିମ୍ ଶିବରରେ କେନ୍ଦ୍ରୀୟ ଧାନ ଗବେଷକ ଶାଖା କେନ୍ଦ୍ର କଟକରୁ ସିନିୟର କୃଷି ବୈଜ୍ଞାନିକ ଡ଼କ୍ଟର ଅଞ୍ଜନୀ କୁମାର, ଡ଼କ୍ଟର ସଂଗୀତା ମହାନ୍ତି ପ୍ରୋଜେକ୍ଟ ଷ୍ଟାଫ୍ ମନୋଜ ରଞ୍ଜନ ଉପସ୍ଥିତ ଥିଲେ। ଉକ୍ତ କୃଷି ତାଲିମ୍ କେନ୍ଦ୍ରକୁ ବୈଜ୍ଞାନିକ ମାନେ ଚାଷୀମାନଙ୍କୁ ଧାଡିବୁଣା ଧାନ ଫସଲରେ ଯକ୍ଷାଜାନ ଓ ସାର ପ୍ରୟୋଗ ପ୍ରଣାଳୀ ଜ୍ଞାନ ଦେଇଥିଲେ। ତାହା ସହିତ ଭଲୁଟାରୀ କାର୍ବନ ମାର୍କେଟ ଓ କାର୍ବନ କ୍ରେଡିଟ ବିଷୟରେ ପୁଙ୍ଖାନୁପୁଙ୍ଖ ବୁଝାଇଥିଲେ। ଚାଷୀମାନଙ୍କୁ ଜଳବାୟୁ ଅନୁକୂଳ ଓ କୃଷି ପଦ୍ଧତି ବ୍ୟବହାର ପାଇଁ ଜ୍ଞାନ କୌଶଳ ଦେଖାଇଥିଲେ। ତାହାସହ କାର୍ବନ କ୍ରେଡିଟରୁ ମିଳୁଥିବା ଲାଭ ବିଷୟରେ ଚାଷୀକୁ ବୁଝାଇଥିଲେ। ଚାଷୀମାନଙ୍କର ବିଭିନ୍ନ ପ୍ରଶ୍ନର ଚାଷ ସମ୍ବନ୍ଧୀୟରେ ଉତ୍ତର ମଧ୍ୟ ଦେଇଥିଲେ। ଉକ୍ତ ତାଲିମ୍ ଶିବିରରେ ବାବକଳ୍ପତରୁ ପାଣି ପଞ୍ଚାୟତର ସଭାପତି ରାଜକୁମାର ବସ୍ତିଆଙ୍କ ଦ୍ୱାରା ସଭା ପରିଚାଳନା କରିଥିଲେ। ସମ୍ପାଦକ ସୁଦର୍ଶନ ନାହାକ ଗ୍ରାମର ଅଗ୍ରଣୀ ଚାଷୀ ଆନାଦି ନାହାକ, ଦମ୍ବୁରୁ ନାହାକ, ସୁଦାମ ନାହାକ, ସୁଭାଷ ଚନ୍ଦ୍ର ନାହାକ, ଭଗବାନ ମଲ୍ଲିକ, ଆଦିତ୍ୟ କୁମାର ନାହାକ, ଭଗବାନ ନାହାକ, ସେନାପତି ପ୍ରଧାନ, ମହେଶ୍ୱର ନାହାକ, ଦିବାକର ପ୍ରଧାନ, ମୃତ୍ୟୁଞ୍ଜୟ ନାହାକ, ରବୀନ୍ଦ୍ର ନାଥ ନାହାକ, ଦେବରାଜ ନାହାକଙ୍କ ସମତେ ଅନେକ ଚାଷୀମାନେ ଚାଷୀ ତାଲିମ୍ ଶିବିରରେ ଉପସ୍ଥିତ ଥିଲେ।

## ନୂଆପଡା ଏନଏସି ତରଫରୁ ସଫେଇ ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ




**ନୂଆପଡା,(ଡିକେ ନ୍ୟୁଜ୍):** ନୂଆପଡା ଏନଏସି ତରଫରୁ ସ୍ୱଚ୍ଛତା ପଦଯାତ୍ରା ସଫେଇ ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ କୁରୁକ୍ଷେତ୍ର ନାଏକଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଡିଏଲଏସଏସ ବିଚାରପତି ନବନିତା ଦାସ ଅତିଥି ରୂପେ ଯୋଗ ଦେଇଥିଲେ।ଏହି ପରିପ୍ରେକ୍ଷୀରେ ନୂଆପଡା ଏନଏସି ଅନ୍ତର୍ଗତ ୧୪ ଟି ୱାର୍ଡର ସଫେଇ ସହ ୧୨୪୦ଟି ବିଭିନ୍ନ ଚାରା ରୋପଣ କରାଯାଇଥିଲା। ଏକକ ପ୍ଲାଷ୍ଟିକ ବ୍ୟବହାର ବନ୍ଦ କରିବା ତଥା ନୂଆପଡା ସହରକୁ ପ୍ଲାଷ୍ଟିକ ମୁକ୍ତ ରଖିବାକୁ ନେଇ ଏକ ସଚେତନତା ରାଲି ସିରତୋଲ ଗ୍ରାମ ଛକରୁ ବାହାରି ନଗର ପରିକ୍ରମା କରିଥିଲା। ଏହି କାର୍ଯ୍ୟକ୍ରମ ରେ ଏନଏସି ଯନ୍ତ୍ରୀ ଅମିତ କୁମାର ସାମଲ ଅମିତ କୁମାର ରାହୁଳ ଏମ ଇ ରାସନ କୁମାର ପ୍ରଧାନ ସ୍ୱଚ୍ଛତା ସାଥୀ ଜାଜ୍ଜସିନୀ ମହାପାତ୍ର ପ୍ରମୁଖ ସହଯୋଗ କରିଥିବାବେଳେ ଏନଏସି କର୍ମକର୍ତ୍ତା ତଥା ସଫେଇ କର୍ମଚାରୀ ସହଯୋଗ କରିଥିଲେ।

### ଅଶାନ୍ତ ଗଞ୍ଜାମ, କଥା କଥାରେ ଗଡୁଛି ମୁଣ୍ଡ

## ୨୪ ଘଣ୍ଟାରେ ପୃଥକ୍ ପୃଥକ୍ ସ୍ଥାନରେ ୩ ହତ୍ୟା

**ବ୍ରହ୍ମପୁର,(ଡିକେ ନ୍ୟୁଜ୍):** ଅଶାନ୍ତ ହେଉଛି ଗଞ୍ଜାମ ଜିଲ୍ଲା। କଥା କଥାରେ ଗଡୁଛି ମୁଣ୍ଡ। ମଙ୍ଗଳବାର ଗୋଟିଏ ଦିନରେ ପୃଥକ ସ୍ଥାନରେ ୩ ହତ୍ୟାକାଣ୍ଡ ଘଟିଛି। ଗତ ମାସରେ ଜିଲ୍ଲାରେ ୧୩ଟି ହତ୍ୟାକାଣ୍ଡ ଘଟିଥିଲା। ବ୍ରହ୍ମପୁରର ନୂଆ ବସ୍‌ଷ୍ଟାଣ୍ଡ ପୁଷ୍ପାଞ୍ଜଳି ଲଜ୍‌ରେ ଯୁବତୀଙ୍କୁ ଛୁରି ଭୁସି ହତ୍ୟା କରିଛି ପ୍ରେମିକ। ମୃତକ ହେଲେ ପ୍ରିୟା କୁମାରୀ ମହାରଣା (୨୪)। ହତ୍ୟା ପରେ ତାଙ୍କ ପୁରୁଷ ବନ୍ଧୁ ଅଭିଯୁକ୍ତ ଅଭୟ କୁମାର ମହାରଣା (୨୪) ଥାନାରେ ଆତ୍ମସମର୍ପଣ କରିଛନ୍ତି। ପ୍ରିୟାଙ୍କ ଘର ଲାଞ୍ଜିପଲ୍ଲୀ ଖଳା ସାହିରେ ଓ ଅଭୟଙ୍କ ଘର ଲାଞ୍ଜିପଲ୍ଲୀ ପାଡ଼ି କଲୋନୀରେ। ପ୍ରିୟା ଜଣେ ଲାବ୍ ଟେକ୍ନିସିଆନ୍ ବୋଲି ଜଣାପଡ଼ିଛି। ମଙ୍ଗଳବାର ସେ ଛୁଟିରେ ଥିଲେ। ପୂର୍ବାହ୍ନରେ ଅଭୟ ଓ ପ୍ରିୟା ଲଜ୍‌କୁ ଯାଇ ୧୧୨ ନମ୍ବର ରୁମ୍‌ରେ ରହିଥିଲେ। ଉଭୟଙ୍କ ଭିତରେ କୌଣସି କାରଣରୁ ଝଗଡ଼ା ହୋଇଥିଲା । ଏଥିରେ ଉତ୍ତ୍ୟକ୍ତ ହୋଇ ଅଭୟ ପ୍ରିୟାଙ୍କୁ ଛୁରି ଭୁସି ଦେଇଥିଲେ। ପରେ ସେ ଗୋସାଇଁନୂଆଗାଁ ଥାନାକୁ ଯାଇ ଆତ୍ମସମର୍ପଣ କରି ସମସ୍ତ ଘଟଣା କହିଥିଲେ। ପୁଲିସ ଟିମ୍ ସନ୍ଧ୍ୟା ପ୍ରାୟ ୫ଟାରେ ଲଜ୍‌ରେ ପହଞ୍ଚି କର୍ମଚାରୀମାନଙ୍କୁ ପଚରାଉଚରା କରିଥିଲା। ସେତେବେଳେ ପର୍ଯ୍ୟନ୍ତ କର୍ମଚାରୀମାନେ କିଛି ଜାଣିନଥିଲେ। ପୁଲିସ କହିବା ପରେ ଲଜ୍ କର୍ମଚାରୀ ୧୧୨ ନମ୍ବର ରୁମ୍ ଖୋଲିବା ବେଳେ ରକ୍ତାକ୍ତ ଅବସ୍ଥାରେ ପଡ଼ିଥିଲେ ପ୍ରିୟା। ତାଙ୍କୁ ଗୁରୁତର ଅବସ୍ଥାରେ ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟପଟେ ଗଞ୍ଜାମ ପୁଲିସ ଜିଲ୍ଲା ଅନ୍ତର୍ଗତ ଛତ୍ରପୁର ଥାନା ଗୋବା ଗାଁର ତୋଫାନ ସ୍ୱାଇଁ(୨୫) ଙ୍କୁ ଗୋଡ଼ାଇ ଗୋଡ଼ାଇ ହାଣିଛନ୍ତି ଦୁର୍ବୃତ୍ତ । ସଂଘବଦ୍ଧ ଆକ୍ରମଣରେ ତାଙ୍କର ମୃତ୍ୟୁ ହୋଇଛି। ଅନ୍ୟପଟେ ବେଗୁନିଆପଡ଼ା ଥାନା କେ.ବରିଡ଼ା ପଞ୍ଚାୟତ ବି.ନୂଆପଲ୍ଲୀ ଗାଁର ନିରାକାର ଦାସ (୩୫)ଙ୍କୁ ହତ୍ୟା କରାଯାଇଛି। ପୂର୍ବଶତ୍ରୁତାରୁ ତାଙ୍କ ଉପରେ ଆକ୍ରମଣ ହୋଇଥିବା ସୂଚନା ମିଳିଛି। ମାସ ଆରମ୍ଭରୁ ୩ ଜଣଙ୍କ ମୁଣ୍ଡ ଗଡ଼ିବା ଜିଲ୍ଲାରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳାକୁ ସୂଚିତ କରୁଛି।

## ଲୋକଙ୍କୁ ଯୋଗା ଯାଉଛି ନକଲି ମିଶ୍ରି



**ବ୍ରହ୍ମପୁର,(ଡିକେ ନ୍ୟୁଜ୍):** ଲୋକଙ୍କୁ ଯୋଗା ଯାଉଛି ନକଲି ମିଶ୍ରି। ବ୍ୟବସାୟ ନାଁ ରେ ବିକ୍ରି କରାଯାଉଛି ଧଳା ଜହର। ଏଭଳି ଗୋଲକ ଧନ୍ଦା କରୁଥିବା ବ୍ୟବସାୟୀଙ୍କ ଉପରେ ଗତକାଲି ପୁଲିସ ଓ ଖାଦ୍ୟ ନିରାପତ୍ତା ବିଭାଗ ପକ୍ଷରୁ ଚଢ଼ାଉ କରା ଯାଇଥିଲା। ବ୍ରହ୍ମପୁର ବଡବଜାର ଥାନା ଅଞ୍ଚଳ ଶାସ୍ତ୍ରୀ ନଗର ଠାରେ ବେଆଇନ ମିଶ୍ରି ପ୍ରସ୍ତୁତ ୟୁନିଟ ଉପରେ ଚଢ଼ାଉ କରିଥିଲା ଟିମ୍। ଅସ୍ୱାସ୍ଥ୍ୟକର ପରିବେଶରେ ପ୍ରସ୍ତୁତ ହେଉଥିଲା ମିଶ୍ରି। ଥାନାରେ ମାମଲା ରୁଜୁ କରିଛି ପୁଲିସ। ସମ୍ପୃକ୍ତ ୟୁନିଟ୍ ମାଲିକଙ୍କୁ ଅଟକ ରଖି ପୁଲିସ ଅଧିକ ତଦନ୍ତ କରୁଥିବା ବେଳେ ଖାଦ୍ୟ ନିରାପତ୍ତା ଅଧିକାରୀଙ୍କ ରିପୋର୍ଟକୁ ଅପେକ୍ଷା କରାଯାଇଛି। ସମ୍ପୃକ୍ତ ୟୁନିଟ ମାଲିକଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବ୍ରହ୍ମପୁର ଏସ. ପି. ସର୍ବଣ ବିବେକ. ଏମ କହିଛନ୍ତି।

## ବେହେରା ସ୍ଥିତ ଲଖିରାମ ଅଗ୍ରୱାଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବୃକ୍ଷରୋପଣ କାର୍ଯ୍ୟକ୍ରମ



**ଧର୍ମଗଡ,(ଡିକେ ନ୍ୟୁଜ୍):** ଧର୍ମଗଡ ବ୍ଲକ ବେହେରା ସ୍ଥିତ ଲଖିରାମ ଅଗ୍ରୱାଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବୃକ୍ଷ ଆମ ଜୀବନ ହୋଇଥିବାରୁ ବୃକ୍ଷର ଉପକାରିତା ଓ ତାର ଯତ୍ନ ନେବାରେ ସମସ୍ତଙ୍କ ଦାୟିତ୍ୱ ରହିଥିବାରୁ ବୃକ୍ଷ ରୋପଣ କରିବାର ଆବଶ୍ୟକତା ରହିଛି। ଏଣୁ ଅନୁଷ୍ଠିତ ହୋଇଥିବା ଏହି ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ ଉକ୍ତ କଲେଜର ଅଧ୍ୟକ୍ଷ ନିର୍ମଳ ଚନ୍ଦ୍ର ନାଏକ ଅଧ୍ୟକ୍ଷତା କରିଥିବା ବେଳେ ଉକ୍ତ କାର୍ଯ୍ୟକ୍ରମରେ ଧର୍ମଗଡ଼ ବନାଞ୍ଚଳ ଅଧିକାରୀ ଭବାନୀ ଶଙ୍କର କାଉଁର ଯୋଗଦେଇ କଲେଜ ପରିସରରେ ବୃକ୍ଷରୋପଣ କରିଥିଲେ। ବେହେରା ବନପାଳ ରାଜେନ୍ଦ୍ର ନାଏକ, ଧର୍ମଗଡ଼ ବନପାଳ ସୀମା କୁମାରୀ ଧଙ୍ଗଡ଼ାମାଝୀ, ଅଧ୍ୟାପକ ରଞ୍ଜନ ପଣ୍ଡା, ଅକ୍ଷୟ ପଟ୍ଟନାୟକ, ଆମ ଜଙ୍ଗଲ ଯୋଜନାର ଟିମ ଲିଡର ଦୁର୍ଗା ପ୍ରସାଦ ମିଶ୍ର, ଫରେଷ୍ଟଗାର୍ଡ ସୁନୀଲ ଗୋପାଳ, ବିଭୁତି ନାଏକ, ନାରାୟଣ ନାଗ, ନମିତା ବାଗ, ପାରା ଫରେଷ୍ଟ କ୍ଷତ୍ରୀୟ ନାଏକ, ତ୍ରିବିକ୍ରମ ନାଏକ, ସ୍ୱାଧୀନ ଦଣ୍ଡସେନା, ସମେତ ଉକ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସମସ୍ତ କର୍ମଚାରୀ ଓ ଛାତ୍ରଛାତ୍ରୀମାନେ ଉପସ୍ଥିତ ରହି ବିଭିନ୍ନ ପ୍ରକାରର ବୃକ୍ଷ ରୋପଣ କରିବା ସହିତ ବନ ମହୋତ୍ସବ ପାଳନ କରିଥିଲେ।

## ଫାଇନାନ୍ସ କମ୍ପାନୀ କର୍ମଚାରୀ ନିଖୋଜ ପୁଅ ନିଖୋଜ ନେଇ ଥାନାରେ ଏତଲା ଦେଲେ ବାପା




**ଧର୍ମଗଡ,(ଡିକେ ନ୍ୟୁଜ୍):** କଳାହାଣ୍ଡି ଜିଲ୍ଲା ଧର୍ମଗଡ ସ୍ଥିତ ଏକ ଫାଇନାନ୍ସ କମ୍ପାନୀରେ କାର୍ଯ୍ୟରତ କର୍ମଚାରୀ ଘନଶ୍ୟାମ ମାଝୀ (୨୮) ନିଖୋଜ ହୋଇଯାଇଥିବା ପୁଅର ବାପା ପ୍ରସାଦ ମାଝୀ ଧର୍ମଗଡ ଥାନା ରେ ଏତଲା ଦେଇଛନ୍ତି। ଉଲ୍ଲେଖ ଥାଉ କି କଳମପୁର ଥାନା ବଲାଗାଁ ର ପ୍ରସାଦ ମାଝୀଙ୍କ ପୁଅ ଘନଶ୍ୟାମ ମାଝୀ ଧର୍ମଗଡ ଠାରେ ଥିବା ଏକ ଫାଇନାନ୍ସ କମ୍ପାନୀରେ ଦୀର୍ଘ ଦିନରୁ କାର୍ଯ୍ୟରତ ଥିବା ବେଳେ ଗତ ଜୁନ ୨୪ ତାରିଖ ଦିନ କମ୍ପାନୀର ଦୁଇଜଣ କର୍ମଚାରୀ ବଲାଗାଁକୁ ଯାଇ ପରିବାର ବର୍ଗଙ୍କୁ ଆପଣଙ୍କ ପୁଅ ଘନଶ୍ୟାମ ମାଝୀ ଘରକୁ ଆସିଛି କି ବୋଲି ପଚାରି ଥିଲେ। ପରିବାର ଲୋକେ ଘରକୁ ଆସିନି ବୋଲି କହିବାରୁ ଆପଣଙ୍କ ପୁଅ ଗତ ଜୁନ ୨୦ ତାରିଖ ଶୁକ୍ରବାର ଦିନ ପୋଲିସ ହୋମଗାର୍ଡ ଇଣ୍ଟରଭିୟୁ ଦେବାକୁ ଯାଉଛି କହି ଆଉ ଫେରି ନାହାନ୍ତି ବୋଲି କମ୍ପାନୀରୁ ଆସିଥିବା ଦୁଇ ଜଣ କର୍ମଚାରୀ ପରିବାର ଲୋକଙ୍କୁ କହିଥିଲେ। ପରିବାର ଲୋକେ ଖୋଜାଖୋଜି ପରେ ନ ପାଇବାରୁ ଗତ ୨୬ ତାରିଖରେ ଧର୍ମଗଡ ଥାନାରେ ଏତଲା ଦେଇଥିଲେ। ପୋଲିସ ଥାନା କେଶ ନମ୍ବର ୪୪/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିବା ବେଳେ ବୁଧବାର ସକାଳ ୧୧ ଟା ରେ ଆଦିବାସୀ ସଙ୍ଘ ତରଫରୁ ଦକ୍ଷିଣ ଓଡିଶା ଆଦିବାସୀ ମହାସଂଘ ସଭାପତି ଗଙ୍ଗାଧର ମାଝୀ, ଜିଲ୍ଲା ଆଦିବାସୀ ସଂଘ ସଭାପତି ପ୍ରକାଶ ମାଝୀ, ଜୟପାଟଣା ଆଦିବାସୀ ସଂଘ ସଭାପତି ମନୋଜ ପାତ୍ର, ଜୁନାଗଡ଼ ବ୍ଲକ ସଭାପତି ହୃଦାନନ୍ଦ ମାଝୀ, ଧର୍ମଗଡ ବ୍ଲକ ଆଦିବାସୀ ସଂଘ କୋଷାଧକ୍ଷ ଶ୍ୟାମ ସୁନ୍ଦର ମାଝୀ, ସମ୍ପାଦକ ଗୋବର୍ଦ୍ଧନ ଶବର, ଉପସଭାପତି ବନମାଳୀ ଭୋଇ, ରୁକୁରାମ ଶବର, ପୁରୁଷୋତ୍ତମ ମାଝୀ, ପ୍ରସାଦ ମାଝୀ ଧର୍ମଗଡ ଥାନାର ଦ୍ୱାରସ୍ଥ ହୋଇ ଥାନା ଅଧିକାରୀଙ୍କୁ ସାକ୍ଷାତ କରି ନିଖୋଜ ଯୁବକ ସମ୍ପର୍କରେ ଆଲୋଚନା କରିଥିଲେ।

### ମହାନଗର ନିଗମ ଘର ଟିକସ ବୃଦ୍ଧି ପ୍ରସଙ୍ଗ

## ପୁଣି ରହିତାଦେଶ ଜାରୀ କଲେ ହାଇକୋର୍ଟ



**ବ୍ରହ୍ମପୁର,(ଡିକେ ନ୍ୟୁଜ୍):** ସମସ୍ତ ନୀତି ନିୟମକୁ ଜଳାଞ୍ଜଳି ଦେଇ ବେଆଇନ୍ ଭାବରେ ଅହେତୁକ ଘରପାନୁ ବୃଦ୍ଧିକୁ ଯେଉଁପରି ଭାବରେ ମହାନଗର ନିଗମ କର୍ତ୍ତୃପକ୍ଷ ବ୍ରହ୍ମପୁରବାସୀଙ୍କ ଉପରେ ଜୋର୍ ଜବରଦସ୍ତି ଲଦି ଦେଇଥିଲେ। ତାହାର ବିରୁଦ୍ଧରେ ବ୍ରହ୍ମପୁରର ଜଣାଶୁଣା ବରିଷ୍ଠ ଆଇନଜୀବୀ, ବିଜେପି ନେତା ତଥା ରାଜ୍ୟ ଆଇନଜୀବୀ ପରିଷଦ ସଦସ୍ୟ ପୀତବାସ ପଣ୍ଡା ୨୦୨୧ ମସିହାରେ ଏହା ବିରୁଦ୍ଧରେ ମହାନଗର କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଜଣାଇବା ପରେ ମଧ୍ୟ, ମହାନଗର ନିଗମ କର୍ତ୍ତୃପକ୍ଷ କୌଣସି କାର୍ଯ୍ୟାନୁଷ୍ଠାନ ନ ନେବାରୁ ବେଆଇନ ଘରପାନୁ ବୃଦ୍ଧି ବିରୁଦ୍ଧରେ ଓଡ଼ିଶାର ମାନ୍ୟବର ଉଚ୍ଚତମ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ। ଡବ୍ଲ୍ୟୁ,ପି(ସି)ନଂ- ୧୧୨୯୦/୨୦୨୧ ରେ ଆଇନଜୀବୀ ଶ୍ରୀ ପଣ୍ଡା ଏକ ମକଦ୍ଦମା ରୁଜୁ କରିଥିଲେ। ଉକ୍ତ ମକଦ୍ଦମାକୁ ବିଚାର କରି ମାନ୍ୟବର ଉଚ୍ଚ ନ୍ୟାୟାଳୟ ପ୍ରଥମେ ରହିତାଦେଶ ଜାରୀ କରି ବର୍ଦ୍ଧିତ ଘରପାନୁ ଆଦାୟ ଉପରେ ରୋକ ଲଗାଇଥିଲେ। ପରବର୍ତ୍ତି ସମୟରେ ଚୂଡ଼ାନ୍ତ ଆଦେଶରେ ମାନ୍ୟବର ଅଦାଲତ ମହାନଗର ନିଗମକୁ ଚାରି ମାସ ମଧ୍ୟରେ କାଉନସିଲ ବୈଠକ ଡାକି ଘରପାନୁ ବୃଦ୍ଧି ପ୍ରସଙ୍ଗରେ ପୁନଃ ବିଚାର ପାଇଁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଦୁର୍ଭାଗ୍ୟର କଥା ମହାନଗର ନିଗମ ବେଆଇନ୍ ଘର ଟିକସ ବୃଦ୍ଧିକୁ ଯଥାର୍ଥ ପ୍ରତିପାଦନ କରି ଘରପାନୁ ବୃଦ୍ଧି ଠିକ୍ ବୋଲି ନିଷ୍ପତ୍ତି ଗ୍ରହଣ କଲେ। ମାନ୍ୟବର ଓଡ଼ିଶା ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ପ୍ରକାରେ ଆବେଦନକାରୀ ଆଇନଜୀବୀ ପୀତବାସ ପଣ୍ଡା ମହାନଗର କର୍ତ୍ତୃପକ୍ଷଙ୍କ ନିଷ୍ପତ୍ତିରେ ସନ୍ତୁଷ୍ଟ ନ ହୋଇ ପୁଣି ଡବ୍ଲ୍ୟୁ,ପି(ସି)ନଂ- ୮୭୮୪/୨୦୨୫ ପ୍ରକାରେ ବେଆଇନ୍ ଘର ଟିକସ ବୃଦ୍ଧିକୁ ପୁଣି ବିରୋଧ କରି ମାନ୍ୟବର ଅଦାଲତରେ ମହାନଗର ନିଗମର ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରିଥିଲେ। ଆଜି ମାନ୍ୟବର ଓଡ଼ିଶା ଉଚ୍ଚ ନ୍ୟାୟାଳୟ ପୁଣି ବର୍ଦ୍ଧିତ ଘରପାନୁ ବୃଦ୍ଧିକୁ ରୋକ୍ ଲଗାଇବା ସହ ବ୍ରହ୍ମପୁର ମହାନଗର ନିଗମ କର୍ତ୍ତୃପକ୍ଷଙ୍କୁ ଅହେତୁକ ଘର ଟିକସ ବୃଦ୍ଧିର କାରଣ କଣ ବୋଲି ନୋଟିସ୍ ଜାରୀ କରିଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଯେ ୨୦୨୦ ମସିହାରେ ମହାନଗର ନିଗମ ଯେତେବେଳେ ଘର ଟିକସ ବୃଦ୍ଧି କରିଥିଲେ ସେତେବେଳେ ଜନ ଶୁଣାଣି କରିନାହାନ୍ତି କିମ୍ବା କାଉନସିଲ୍‌ର ଅନୁମତି ନେଇ ନଥିଲେ ଏବଂ ଏଥିପାଇଁ କୌଣସି ସରକାରୀ ବିଜ୍ଞପ୍ତି ମଧ୍ୟ ପ୍ରକାଶ କରିନଥିଲେ। ଉକ୍ତ ମକଦ୍ଦମାକୁ ଓଡ଼ିଶା ଉଚ୍ଚ ନ୍ୟାୟାଳୟରେ ଆଇନଜୀବୀ ସିଦ୍ଧାର୍ଥ ପାଢ଼ୀ ପରିଚାଳନା କରୁଛନ୍ତି।

## ଢେଙ୍କାନାଳରେ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ



**ଢେଙ୍କାନାଳ,(ଡିକେ ନ୍ୟୁଜ୍):** ପ୍ରତ୍ୟେକ ବର୍ଷ ଜୁଲାଇ ମାସର ପ୍ରଥମ ସପ୍ତାହକୁ ବନ ମହୋତ୍ସବ ସପ୍ତାହ ରୂପେ ପାଳନ କରାଯାଏ। ଏହି ପରିପେକ୍ଷିରେ ଆଜି ପ୍ରଥମ ଦିବସ ଅବସରରେ ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟର ଏନଏସଏସ ୟୁନିଟ ଏବଂ ଗୁରୁଦେବଜୀ ଫାଉଣ୍ଡେସନର ମିଳିତ ଆନୁକୂଲ୍ୟରେ କଲେଜ ପରିସରରେ ସଚେତନତା ସହ ଚାରା ରୋପଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ବନଖଣ୍ଡ ଅଧିକାରୀ ସୁମିତ କୁମାର କର ଯୋଗ ଦେଇ ବୃକ୍ଷ ରୋପଣ ସହ ବୃକ୍ଷର ଯତ୍ନ ନେବା ବହୁତ ଗୁରୁତ୍ୱପୂର୍ଣ୍ଣ ବୋଲି ମହା ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ସଚେତନ କରାଇବା ସହ ଫାଉଣ୍ଡେସନର ଏହି ଭଳି ନିଆରା କାର୍ଯ୍ୟକୁ ଉଚ୍ଚ ପ୍ରଶଂସା କରିଛନ୍ତି। ଏହି କାର୍ଯ୍ୟକ୍ରମ ପାଇଁ ମହା ବିଦ୍ୟାଳୟର ଅଧ୍ୟାପକ ଅଧ୍ୟାପିକା ସାମିଲ ହୋଇ ଅନୁଷ୍ଠାନର ଏହି ଭଳି କାର୍ଯ୍ୟକୁ ସାଧୁବାଦ ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼ ଚିତ୍ତରଞ୍ଜନ ସାହୁ ସଭାପତିତ୍ୱ କରିବା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ଡକ୍ଟର ରବର୍ଟ ଉଇଲସନ୍ ଭାତ୍ରା ସଭା ପରିଚାଳନ କରିଥିଲା ବେଳେ ଜାତୀୟ ସେବା ଯୋଜନା ଜିଲ୍ଲା କାର୍ଯ୍ୟକ୍ରମ ଡଃ ଦେବରାଜ ପରିଡ଼ା, ଗୁରୁଦେବଜୀ ଫାଉଣ୍ଡେସନର ମାଷ୍ଟର ଇଂ ସୌମ୍ୟବ୍ରତ ସାହୁ, ମହାବିଦ୍ୟାଳୟର ଯୁକ୍ତ ଦୁଇ କାର୍ଯ୍ୟକ୍ରମ ଅଧିକାରିଣୀ ବିଦୁସି ମଧୁସ୍ମିତା ପ୍ରମୁଖ ଯୋଗ ଦେଇ ଛାତ୍ରଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ। ଏହା ସହ ରେଡ଼ ଡୋନର କ୍ଲବର ସଂଯୋଜକ ରାଜେଶ ବେହେରା ଓ ଶକ୍ତିବାହିନୀର ତ୍ରିଶା ମହାନ୍ତି, ମଧୁସ୍ମିତା ସାମଲ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଫାଉଣ୍ଡେସନର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ଇଂ ସୌମ୍ୟବ୍ରତ ସାହୁ ଉପସ୍ଥିତ ରହି ବୃକ୍ଷ ରୋପଣ କରିବା ସହିତ ବୃକ୍ଷ ହିଁ ପ୍ରକୃତ ଜୀବନ ବନ୍ଧୁ ବୋଲି ମତ ପ୍ରକାଶ କରିଥିଲେ ତେଣୁ ଆଜି ଠାରୁ ଆସନ୍ତୁ ଆମେ ଗୋଟିଏ ଗୋଟିଏ ଗଛ ଲଗାଇ ପ୍ରକୃତ ଅମ୍ଳଜାନ ସୃଷ୍ଟି କରିବା ପାଇଁ ଅନୁରୋଧ କରିଥିଲେ। ଏହି ମହୋତ୍ସବରେ ୧୦୦୦ରୁ ଉର୍ଦ୍ଧ୍ୱ ଚାରା ଜିଲ୍ଲାର ସମସ୍ତ ବ୍ଲକରେ ଲାଗିବ ବୋଲ ଫାଉଣ୍ଡେସନ ପକ୍ଷରୁ ପ୍ରକାଶ କରାଯାଇଛି।

# ରେଲୱେ ଓଭର୍ ବ୍ରିଜ ପାଇଁ ଜବରଦଖଲ ଉଚ୍ଛେଦ



ବରପାଲି, (ଡିକେ ନ୍ୟୁଜ୍): ବରପାଲି ହାଇସ୍କୁଲ ନିକଟରେ ନିର୍ମାଣ ହେଉଥିବା ରେଲୱେ ଓଭର ବ୍ରିଜ ପାଇଁ ଜଗନ୍ନାଥ ନଗରରେ ଜବରଦଖଲ ଉଚ୍ଛେଦ ଆରମ୍ଭ ହୋଉଛି। ରେଲୱେ ବ୍ରିଜ ନିର୍ମାଣ ପାଇଁ ଜଗନ୍ନାଥ ନଗରରେ ଜମି ଚିହ୍ନଟ ହେବା ପରେ ଜନସାଧାରଣଙ୍କ ରୟତି ଜମି ପାଇଁ ମିଳୁ ଥିବା କ୍ଷତି ପୂରଣ ପାଇଁ ଅସନ୍ତୋଷ ଦେଖା ଦେଇ ଉଚ୍ଛେଦ ପ୍ରକିୟା ବିଳମ୍ବ ହେଉଥିଲା କିନ୍ତୁ ପରେ ଏହା ସମାଧାନ ହୋଇ ଆଜି ଜିଲ୍ଲା ଓ ବରପାଲି ରାଜସ୍ୱ ପ୍ରଶାସନ ଏବଂ ପକ୍ଷରୁ ଏହି ଅଭିଯାନ ଆରମ୍ଭ ହୋଉଛି। ଅବଶ୍ୟ ପୂର୍ବରୁ ଚିହ୍ନଟ ହୋଇଥିବା ଜମିକୁ ନିଜେ ନିଜେ ବହୁ ଲୋକ ଭାଙ୍ଗି ଦେଇଥିଲେ ମଧ ଆଉ କେତେକ ଘରକୁ ଆଜି ପ୍ରଶାସନ ପକ୍ଷରୁ ଭଙ୍ଗା ଯାଉଛି। ଏହି ଅଭିଯାନ ସମ୍ପୂର୍ଣ୍ଣ ଶାନ୍ତି ପୂର୍ଣ୍ଣ ରହି ଥିଲେ ମଧ ବ୍ୟାପକ ପୋଲିସ ମୁତୟନ କରାଯାଇଥିଲା। ଏହି ଅଭିଯାନରେ ବରପାଲି ରାଜସ୍ୱ ଅଧିକାରୀଙ୍କ ସମେତ, ସୁପର ଭାଇଜର କବିତା ବହିଦାର, ଟିକେଶ୍ୱର୍ ମଲ୍ଲିକ, ବରପାଲି ରାଜସ୍ୱ ନୀରିକ୍ଷକ ସେବକ ବାଗ, ଜିଲ୍ଲା ପୋଲିସ ଏସଡିପିଓ, ଆଇଆଇସି ଜୟରସ୍ମି ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ଆଜିର ଏହି ଜବରଦଖଲ ଉଚ୍ଛେଦ ପାଇଁ ଏହି ରାସ୍ତାରେ ଆଜି ଭାରୀଯାନ ଚଳାଚଳକୁ ବନ୍ଦ ରଖା ଯାଇଛି। ସେ ଯାହା ହେଉନା କାହିଁ କି ବହୁ ଦିନରୁ ରେଲୱେ ଓଭର ବ୍ରିଜ ନିର୍ମାଣ କାର୍ଯ୍ୟ ବନ୍ଦ ରହି ଥିବାବେଳେ ଆଜି ଏହି ଉଚ୍ଛେଦ ପ୍ରକିୟା ଆରମ୍ଭ ହୋଇ ଥିବାରୁ ବ୍ରିଜ ନିର୍ମାଣ କାର୍ଯ୍ୟ ପୁନଃ ଆରମ୍ଭ ହେବା ସହିତ ସମ୍ପୂର୍ଣ୍ଣ ହେବ ବୋଲି ସାଧାରଣରେ ଆଶା ଦେଖା ଦେଇଛି।

# ରାସ୍ତା ନିର୍ମାଣରେ କୋଟିଏ ଖର୍ଚ୍ଚ, ୫ ଦିନରେ ହାତ ମାରିଲେ ଉଠୁଛି ପିଚୁ

ମୁନିଗୁଡ଼ା, (ଡିକେ ନ୍ୟୁଜ୍): ରାୟଗଡା ଜିଲ୍ଲା ମୁନିଗୁଡା ବ୍ଲକର ଆଗୁଳ ପଞ୍ଚାୟତର ନିଆଳି ଛକ ଠାରୁ ଭାୟା ମାଦାଖାଲ ଦେଇ ହୁମାଗୁଞ୍ଜି ପର୍ଯ୍ୟନ୍ତ ପ୍ରାୟ ୫କିମି ରାସ୍ତାକୁ ଗ୍ରାମ୍ୟ ଉନ୍ନୟନ ବିଭାଗର ତ୍ୱରାନିତରେ ପିଚୁ ପକାଯାଇଛି। ଯାହାକି ଅତି ନିମ୍ନମାନର ପିଚୁ କାର୍ଯ୍ୟ ହୋଇ ହାତ ମାରିଲେ ଖଣ୍ଡ ଖଣ୍ଡ ହୋଇ ପିଚୁ ଉଠୁଛି। ତେଣୁ ରାସ୍ତାର ମାନକୁ ପ୍ରଶ୍ନ ଉଠିବା ସହ ପିଚୁ ଉଠିବା ଭିଡିଓ ଭାଇରାଲ ହେଉଛି। ଏହି କାର୍ଯ୍ୟ ଦେଖିବାକୁ ଜେଇ କି ଏଇ କେହି ଆସନ୍ତି ନାହିଁ। ମୁନିଗୁଡ଼ା ସେକ୍ସନ ଦାୟିତ୍ୱରେ ଥିବା ଜେଇ ସୁଜ୍ଞାନୀ ବେହେରା ଏହି ପିଚୁ ରାସ୍ତାର କାର୍ଯ୍ୟ କିପରି ହେଉଛି ତାହା ଦେଖିବାକୁ ପାଦ ପଡୁ ନଥିବା ବେଳେ ଠିକାଦାରଙ୍କ ଦେଖା ବି ମିଳେନାହିଁ। କାମ କରୁଥିବା ଲେବରଙ୍କ ଦ୍ୱାରା ପିଚୁ କାମ ସମାପନ ହୋଇଛି। ଯାହା ଫଳରେ ପ୍ରଥମେ ମେଟାଲିଙ୍ଗ୍ କରି ରୋଲର ଚଲାଇ ସେଟ୍ କରାଗଲା ପରେ କାରପେଣ୍ଟିଙ୍ଗ୍ ଓ ସ୍ଲିକୋଟିଙ୍ଗ୍ କରାଯାଇ ପିଚୁ କରାଯିବା କଥା। କିନ୍ତୁ ଏଠାରେ ତାହା କରାଯାଇନାହିଁ, ବିଭାଗୀୟ ଅଧିକ୍ଷଣ ଯନ୍ତ୍ରୀଙ୍କର ଠିକାଦାର ପ୍ରତି ଅନୁକମ୍ପା ଥାଇ ଏପରି ମାଟି ରାସ୍ତା ଉପରେ ପିଚୁ ପକାଇ କାର୍ଯ୍ୟ ସାରି ଦେଇଛନ୍ତି। ଯାହା ଫଳରେ ପିଚୁ ପଡିବା ୫/୬ ଦିନପରେ ଘସି ଫଡା ଭଳି ହାତ ମାରିଲେ ଉଠୁଛି



ପିଚୁ। ଲୋକଙ୍କ ସରକାରର ଅର୍ଥ ବିଜେଡି ସରକାର ଭଳି ଦିନ ଦ୍ୱିପହରରେ ଏବେ ଯନ୍ତ୍ରୀ ଓ ଠିକାଦାର ଲୁଟ କରୁଥିବା ବିଜେପି ସରକାର ଦେଖୁଛି। ସେଥିପ୍ରତି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିବା ଅଞ୍ଚଳବାସୀଙ୍କର ଦୁର୍ଭାଗ୍ୟଜନକ ବୋଲି ଅଭିହିତ କରିଅଛନ୍ତି। ଏହି ଅନୀୟମିତତା ନିମ୍ନମାନର ପିଚୁ ରାସ୍ତା ନିର୍ମାଣ ସମୟରେ ଅଞ୍ଚଳବାସୀ ଓ ସମିତି ସଭ୍ୟଙ୍କ ବିରୋଧ ସତ୍ତ୍ୱେ ଲେବରମାନେ କାମ ବନ୍ଦ ନକରି ପିଚୁ ପକାଇ ଚାଲିଥିଲେ, ଲେବରଙ୍କ ପ୍ରତିକ୍ରିୟା ନୋରୁ ସେ କହିଥିଲେ, ଆମକୁ ଠିକାଦାର ଓ ଜେଇ କହିଛନ୍ତି ଏହି ଜଙ୍ଗଲ ଜାଗାକୁ କେହି ଆସିବେନି ତୁମେ ଆମେ କହିବାନୁଯାୟୀ ପିଚୁ ପକାଇ କାମ ସାରିଦେଲେ ତୁମ ମଜୁରି ନେଇଯିବ। ଏହା ଶୁଣିବାପରେ ସମିତି ସଭ୍ୟ ଓ ଗ୍ରାମବାସୀ ଜେଇ ମାଡାମ ଓ ଅଧିକ୍ଷଣ ଯନ୍ତ୍ରୀଙ୍କୁ ଜଣାଇଥିଲେ ମଧ କର୍ଣ୍ଣପାତ କରିନଥିଲେ। ଲୋକମାନଙ୍କ ଅଭିଯୋଗ ପ୍ରକାରେ ଆମ ପ୍ରତିନିଧି କ୍ଷେତ୍ର ଉପରେ ପହଞ୍ଚି ଫଟୋ ଉତ୍ତୋଳନ କରିବା ସହ ଲୋକମାନଙ୍କ ବାଇଟ ମଧ ଆଣିଥିଲେ। ଏନେଇ ଜେଇ ସୁଜ୍ଞାନୀ ବେହେରାଙ୍କୁ ପଚାରିବାରୁ ସେ କହିଲେ ପିଚୁ ଉଠୁଥିଲେ ସାନି ପିଚୁ ପଡିବ ଠିକାଦାରଙ୍କ ଏପରି କାମ ପାଇଁ ବିଲ୍ ମଧ ବନ୍ଦ ହେବ। ଜେଇଙ୍କ କହିବା ପାଣିରେ ଗାର ସଦୃଶ ହୋଇ ମଧ କାର୍ଯ୍ୟାନୁଷ୍ଠାନ ଶୂନ ହୋଇ ରହିଗଲା। ଠିକାଦାର ଯନ୍ତ୍ରୀଙ୍କ ମଧୁଚନ୍ଦ୍ରୀକାରେ ସରକାରଙ୍କର କୋଟିଏ ଟଙ୍କା ପାଣିରେ ପଡିଲା ବୋଲି ଅଭିଯୋଗ ହେଉଛି। ଏହି ଦୁର୍ନୀତି ଜଣାପଡିବାରୁ ପିଚୁ ପଡିଥିବା ରାସ୍ତାର ଦୁଇ ପାର୍ଶ୍ୱରେ ପିଚୁର ଧାର ନଦିଶିଲା ଭଳି ମାଟି ଘୋଡାଇ ଦେଇଛନ୍ତି। କେବଳ ଏତିକି ନୁହେଁ ହୁମାଗୁଞ୍ଜି ନିକଟରେ ହୋଇଥିବା କଲଭେଟ ନିର୍ମାଣର ୮/୧୦ ଦିନ ପରେ ଭୁଷୁଡି ପଡିଲା, ସଙ୍ଗେସଙ୍ଗେ ନ ଦିଶିବା ଭଳି ମାଟି ଢାଙ୍କି ଦେଲେ,ଏହାକୁ ମଧ ଜେଇ ଦେଖି ନିର ରହି ବିଲ୍ କରିଦେବା ପଛରେ କି ସ୍ୱାର୍ଥ ରହିଛି? ଏହାର ଉଚ୍ଚସ୍ତରୀୟ ତଦନ୍ତ କରିବା ସହ ଭିଜିଲାନ୍ସର ତଦନ୍ତ ପରିସରଭୁକ୍ତ ହେଲେ ମୁନିଗୁଡା ଓ ଚନ୍ଦ୍ରପୁରୁ ବ୍ଲକରେ ଗ୍ରାମ୍ୟ ଉନ୍ନୟନ ବିଭାଗର ଦୁଇବର୍ଷ ହେବ ହୋଇଥିବା କାର୍ଯ୍ୟର ସ୍ୱଚ୍ଛତା କେତେ ତାହା ଲୋକ ଲୋଚନକୁ ଆସିବା ସହ ଏହି ବିଭାଗର ମୁଖ୍ୟ ଯନ୍ତ୍ରୀଙ୍କ ଆୟବର୍ହିଭୂତର ସମ୍ପତି ଧରାପଡିଲା, ସେହିପରି ଜେଇ ଏସଡିଓଙ୍କ ସମ୍ପତି ତଦନ୍ତ କରି କେତେ ଠୁଳ କରିଛନ୍ତି ତାହା ସାଧାରଣରେ ପ୍ରକାଶିତ ହୋଇପାରିବ। ଏହା ଉପରେ ମୋହନ ସରକାର କି ପଦକ୍ଷେପ ନେଉଛନ୍ତି ଦେଖିବାକୁ ବାକି ଅଛି।

# କରଚୁଲି ଗୌଡ଼ ସାହିରେ ଭୟାବହ ଅଗ୍ନିକାଣ୍ଡ



ବୁଗୁଡା, (ଡିକେ ନ୍ୟୁଜ୍): ଗଞ୍ଜାମ ଜିଲ୍ଲାର ବୁଗୁଡା ବ୍ଲକ ଅନ୍ତର୍ଗତ କରଚୁଲି ଗୌଡ ସାହିରେ ଜୁଲାଇ ୧ ତାରିଖ ରାତି ସମୟରେ ଭୟାବହ ଅଗ୍ନିକାଣ୍ଡ ଘଟି, ଭାସ୍କର ଡାକୁଆ ଓ ଦେବରାଜ ଡାକୁଆ ଦୁଇ ପରିବାରର ଦୁଇଟି ଲେଖାଏଁ ବଖରା ଘର ଜଳି ପୋଡି ପାଉଁଶ ହୋଇଯାଇଛି। ଘରେ ପରିବାର ଲୋକେ ରାତ୍ରରେ ଶୋଇଥିବା ସମୟରେ ଏହି ଭୟାବହ ଅଗ୍ନିକାଣ୍ଡ ଘଟିଥିଲା। ଅଗ୍ନିକାଣ୍ଡର କାରଣ ଜଣା ପଡିନଥିବା ବେଳେ ବିଦ୍ୟୁତ ସର୍ଟସାର୍କିଟ୍ରୁ ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି। ଦୁଇ ପରିବାରର ଲକ୍ଷାଧିକ ଟଙ୍କାର ଜିନିଷ ପତ୍ର ନିଆଁରେ ପୋଡି ପାଉଁଶ ହୋଇଯାଇଛି। ଗ୍ରାମବାସି ଓ ପରିବାର ଲୋକେ ନିଆଁକୁ ଆୟତ କରିବାପାଇଁ ଚେଷ୍ଟା କରିଥିଲେ ମଧ୍ୟ ହୁତୁହୁତୁ ହୋଇ ଜଳିବାରେ ଲାଗିଥିଲା। ଖବର ପାଇ ବୁଗୁଡା ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ କରିଥିଲେ ମଧ୍ୟ ଘର ସହ ସମସ୍ତ ଜିନିଷ ପୋଡି ପାଉଁଶ ହୋଇଯାଇଥିଲା। ଖବର ପାଇ ବୁଗୁଡା ତହସିଲଦାର ତାପସ ରାଉତ ସଙ୍ଗେ ସଙ୍ଗେ ପାଲ ପ୍ରଦାନ କରିବାର ବ୍ୟବସ୍ଥା କରିଥିବା ବେଳେ ଆର୍ଥିକ ସହାୟତ ପ୍ରଦାନ କରାଯିବ ବୋଲି ତହସିଲଦାର ଶ୍ରୀ ରାଉତ ପ୍ରକାଶ କରିଛନ୍ତି।

# ପ୍ରାଥମିକ ବିଦ୍ୟାଳୟ ପୁନଃଖୋଲିବାକୁ ବିଆରସିସିଙ୍କୁ ଦାବିପତ୍ର



ଧର୍ମଗଡ, (ଡିକେ ନ୍ୟୁଜ୍): କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ୍, ଖୁଣ୍ଟିଆ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ବାରବଖରା ପ୍ରାଥମିକ ବିଦ୍ୟାଳୟକୁ ୨୦ରୁ କମ୍ ଛାତ୍ରଛାତ୍ରୀ ଥିବା ଦର୍ଶାଇ ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ୨୦୨୧ ମସିହାରେ ସ୍କୁଲ ବନ୍ଦ କରାଯାଇଛି। ଏହି ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନିକଟସ୍ଥ ଧରୁଆପଡ଼ା ପ୍ରାଥମିକ ବିଦ୍ୟାଳୟକୁ ସ୍ଥାନାନ୍ତରିତ କରାଯାଇଛି। ବାରବଖରା ଠାରୁ ଧରୁଆପଡ଼ା ପ୍ରାଥମିକ ବିଦ୍ୟାଳୟର ଦୂରତା ୨ କିମିରୁ ଅଧିକ ଥିବାରୁ ଛାତ୍ରଛାତ୍ରୀମାନେ ଯିବା ଆସିବାରେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଜଙ୍ଗଲିଆ ଓ ନିଛାଟିଆ ରାସ୍ତାରେ ଅଭିଭାବକମାନେ ପିଲାଙ୍କୁ ଛାଡି ବାକୁ ସୁରକ୍ଷିତ ମଣୁ ନାହାଁନ୍ତି। ବନ୍ୟଜନ୍ତୁ, ବୁଲା କୁକୁରଙ୍କ ଆକ୍ରମଣର ଭୟ ମଧ୍ୟ ରହିଛି। ଏହାକୁ ନେଇ ବୁଧବାର ବାରବଖରା ଗ୍ରାମର ବୈକୁଣ୍ଠ ମେହରା, ଗଗନ ମେହେରା, ରୋହିତ ମେହେରା, ନୃପ କେଶରୀ ଧରୁଆ, ଉଗ୍ରେସନ ଧରୁଆ, ରମେଶ ମେହେର ପ୍ରମୁଖ ଗ୍ରାମବାସୀ ବ୍ଲକ ଗୋଷ୍ଠି ଶିକ୍ଷା ବିଭାଗର ବିଆରସିସି ତୋଫାନ ମାଝୀଙ୍କୁ ସାକ୍ଷାତ କରି ସ୍କୁଲ ପୁଣି ଖୋଲିବାକୁ ଏକ ଲିଖିତ ଦାବିପତ୍ର ପ୍ରଦାନ କରିଥିଲେ। ଏନେଇ ବିଆରସିସିଙ୍କ ପ୍ରତିକ୍ରିୟା ନେବାରୁ ସିଆରସିସିଙ୍କୁ ପଠାଇ ସ୍ଥିତି ଅନୁଧ୍ୟାନ ପରେ ଜିଲ୍ଲା ଶିକ୍ଷା ବିଭାଗକୁ ରିପୋର୍ଟ ଦିଆଯିବ ବୋଲି କହିଛନ୍ତି।

# ଜନ୍ମ-ମୃତ୍ୟୁ ପ୍ରମାଣପତ୍ର ପ୍ରଦାନରେ ବ୍ୟାପକ ଅନିୟମିତତା ଅଭିଯୋଗ

ଖୋର୍ଦ୍ଧା, (ଡିକେ ନ୍ୟୁଜ୍): ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଜନ୍ମ, ମୃତ୍ୟୁ ପ୍ରମାଣପତ୍ର ବିଭାଗରେ କାର୍ଯ୍ୟରତ କିରାଣୀଙ୍କ ଖାମଖିଆଲିଆ ଏବଂ ଅର୍ଥ ଲାଳସା ମନବୃତ୍ତି ଯୋଗୁଁ ବହୁ ବ୍ୟକ୍ତି ନିର୍ଭୁଲ ଜନ୍ମ, ମୃତ୍ୟୁ ପ୍ରମାଣପତ୍ର ପାଇବାରୁ ବଞ୍ଚିତହେଉଛନ୍ତି। ଏପରକି ଜନ୍ମ ମୃତ୍ୟୁ ପ୍ରମାଣ ପତ୍ର ପ୍ରଦାନ କରିବା ପାଇଁ ସମ୍ପୃକ୍ତ ବ୍ୟକ୍ତି ଜଣଙ୍କ ଉତ୍କଚ ଦାବି କରୁଥିବା ନେଇ ମଧ ଅଭିଯୋଗ ହେଉଛି। ଦୂର, ଦୁରାନ୍ତରୁ ଆସୁଥିବା ଜନସାଧାରଣ ଜନ୍ମ, ମୃତ୍ୟୁ ପ୍ରମାଣ ପତ୍ର ପାଇଁ ହାତ ଗୁଞ୍ଜା ନଦେଲେ ତାଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯାଉ ନାହିଁ, ଯିଏ ହାତ ଗୁଞ୍ଜା ନ ଦେଉଛି ତାକୁ ତ୍ରୁଟିଯୁକ୍ତ ପ୍ରମାଣ ପତ୍ର ପ୍ରଦାନ କରାଯାଉଛି। ଏ ସମ୍ପର୍କରେ ସମ୍ପୃକ୍ତ ବ୍ୟକ୍ତିଙ୍କର ଦୃଷ୍ଟି ଆକର୍ଷଣ କଲେ ସେହି ବ୍ୟକ୍ତି ଜଣଙ୍କ ନାଲି ଆଖି ଦେଖାଇବା ସହିତ, ଦୁର୍ବ୍ୟବହାର କରିବାକୁ ପଛାଉନାହଁନ୍ତି, ଯାହାକି ନିକଟରେ ଦେଖିବାକୁ ମିଳିଛି। ଜଟଣୀ ଅଞ୍ଚଳର ଜୈନକ ବ୍ୟକ୍ତି ନିଜ ପୁଅର ଜନ୍ମ ପ୍ରମାଣ ପତ୍ରର ତ୍ରୁଟି ସଂଶୋଧନ ନିମନ୍ତେ ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଜନ୍ମ, ମୃତ୍ୟୁ ପ୍ରମାଣ ପତ୍ର ବିଭାଗକୁ ଧାଇଁ, ଧାଇଁ ଶେଷରେ ନିରାଶ ହୋଇ ଉପରିସ୍ଥ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରି ଫେରି ଯାଇଛନ୍ତି। ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଜନ୍ମ, ମୃତ୍ୟୁ ପ୍ରମାଣ ପତ୍ର ପ୍ରଦାନ ବିଭାଗରେ କାର୍ଯ୍ୟରତ କର୍ମଚାରୀ ଜଣଙ୍କ ପୂର୍ବରୁ ହଳଦିଆ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ କାର୍ଯ୍ୟରତ ଥିବା ସମୟରେ ଜନ୍ମ, ମୃତ୍ୟୁ ପ୍ରମାଣ ପତ୍ର କରିବାକୁ ନେଇ ଲାଞ୍ଚ ନେଉଥିବା ସମୟରେ ଭିଜିଲାନ୍ସ ବିଭାଗ ହାତରେ ଧରାପଡି ଜେଲ ଯାଇଥିଲେ। ପରବର୍ତ୍ତୀ ସମୟରେ ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟର କିଛି ଅସାଧୁ କର୍ମଚାରୀଙ୍କୁ ହାତକରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଜନ୍ମ, ମୃତ୍ୟୁ ପ୍ରମାଣ ପତ୍ର ବିଭାଗରେ ଅବସ୍ଥାପିତ ହେବାରେ ସଫଳ ହୋଇଥିଲେ। ଏ ସମ୍ପର୍କରେ ଉପରିସ୍ଥ ବିଭାଗୀୟ ଅଧିକାରୀଙ୍କ ନିକଟରେ ବହୁବାର ଅଭିଯୋଗ ହୋଇଥିଲେ ମଧ ଏହାର କୌଣସି ସୁଫଳ ମିଳିପାରିନାହିଁ। ଏ ସମ୍ପର୍କରେ ବିଭାଗୀୟ ମନ୍ତ୍ରୀ ଦୃଷ୍ଟି ଦେବାସହିତ ସମ୍ପୃକ୍ତ କର୍ମଚାରୀଙ୍କ ବିରୋଧରେ ବିଭାଗୀୟ ତଦନ୍ତ କରାଯିବା ସହିତ ଅନ୍ୟତ୍ର ବଦଳି କରାଯିବାକୁ ସାଧାରଣରେ ଦାବି ହେଉଛି। ନଚେତ ଆଗାମୀ ଦିନରେ ଏହା ଏକ ଜନଅସନ୍ତୋଷରେ ପରିଣତ ହେବ ଏଥିରେ ତିଳେମାତ୍ର ସନ୍ଦେହ ନାହିଁ।

# ଯାତାୟତରେ ବାଧକ : ମାଦେ ପାଙ୍ଗା ନାଳ, କାଠ ଗଣ୍ଡି ଭରଷା

ଫିରିଙ୍ଗିଆ, (ଡିକେ ନ୍ୟୁଜ୍): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ପାଙ୍ଗା ଉପର ସାହି ପଞ୍ଚାୟତର ୨ଟି ୱାର୍ଡର ୧୫୦ ଘରରୁ ଅଧିକ ଲୋକଙ୍କ ପାଇଁ ବର୍ତ୍ତମାନ ଯାତାୟତରେ ବାଧକ ସାଜିଛି ମାଦେପଙ୍ଗା ନାଳ। ପୂର୍ବରୁ ବର୍ଷା ଦିନ ଆସିଲେ ଏମାନଙ୍କ ପାଇଁ କାଠ ପୋଲ ଭରସା ହେଉଥିବା ବେଳେ ପୋଲ ଭାସିଗଲେ ଏମାନଙ୍କ ପାଇଁ ଯୋଗାଯୋଗ ବିଚ୍ଛିନ୍ନ ହୋଇ ଶିକ୍ଷା, ସ୍ୱାସ୍ଥ୍ୟ ଏମିତି କି ପଞ୍ଚାୟତ କାର୍ଯ୍ୟାଳୟକୁ ଯିବାକୁ ହେଲେ ମଧ ନାହିଁ ନଥିବା ଅସୁବିଧା ଭୋଗିବାକୁ ପଡିଥିଲା। କିନ୍ତୁ ବାରମ୍ବାର ଦାବି ପରେ ବାଦେ ଦ୍ରାଗା ନାଳ ତଳକୁ ଏକ ପୋଲ ନିର୍ମାଣ ପାଇଁ ଅନୁଦାନ ମଞ୍ଜୁରୀ ହୋଇ କାର୍ଯ୍ୟ ଚାଲିଥିବା ବେଳେ ଏବେ ଆଉ ଗୋଟିଏ ନାଳ ମାଦେପାଙ୍ଗା ନାଳ ଯାତାୟତ ପାଇଁ ବାଧକ ସାଜିଛି। ଏହି ନାଳ ପାଙ୍ଗା ପଞ୍ଚାୟତ ଠାରୁ କାଲିକୁଟି ଦେଇ ଯାଇଥିବା ରାସ୍ତା ମଝିରେ ପଡୁଛି। ଏହି ନାଳରେ ପ୍ରତିବର୍ଷ ଲୋକେ କାଠ ପୋଲ କରି କିମ୍ବା କାଠକୁ ଗଛ ସହ ଯୋଡି ବିପଦ ପୂର୍ଣ୍ଣ ଭାବରେ ଯାତାୟତ କରନ୍ତି। ପ୍ରତିବର୍ଷ ବର୍ଷାରେ ଧୋଇ ହୋଇ ଯାଏ ପୁଣି ନିଜ ଖର୍ଚ୍ଚରେ କାଠ ଆଣି ପୋଲ ନିର୍ମାଣ କରି ବିଦ୍ୟାଳୟ ଠାରୁ ପଞ୍ଚାୟତ କାର୍ଯ୍ୟାଳୟ ଏମିତି କି ପ୍ରତ୍ୟେକ କାର୍ଯ୍ୟ ପାଇଁ କାଠ ପୋଲ ଉପରେ ନିର୍ଭର କରିବାକୁ ପଡିଥାଏ। ବର୍ତ୍ତମାନ କିଛି ଦିନ ହେବ ବର୍ଷା ଲାଗିରହିଥିବାରୁ ମାଦାପଙ୍ଗା ନାଳରେ ପ୍ରବଳ ବର୍ଷା ପାଣି ଯାଉଥିବାରୁ ଲୋକେ ବିପଦ ପୂର୍ଣ୍ଣ ଭାବରେ ୨ଟି ୱାର୍ଡ ୮ ଏବଂ ୯ ନମ୍ବର ୱାର୍ଡ ବାସୀ ମାର୍କାଲି, ସିକେରି, ଡେଡ଼ି ସରୁ, ମାଦାପଙ୍ଗା, ଭୁଟୁ କୁପଡା, ଶ୍ରାହାପେଲି ପଙ୍ଗା, କୁଟି ପାଡା, ଭଳି ୮ରୁ ଦଶଟି ଗାଁର ଲୋକେ ଯାତାୟତ ପାଇଁ ବହୁ ଅସୁବିଧା ଭୋଗୁଛନ୍ତି। ତୁରନ୍ତ ଏହି ମାଦେପାଙ୍ଗା ନାଳରେ ଯାତାୟତ ସୁବିଧା ପାଇଁ ପୋଲ ନିର୍ମାଣ କରିବାକୁ ସନ୍ତୋଷ କହଁର, ତ୍ରିଲୋଚନ କହଁର, ବିଭୀଷଣ କହଁର, ପ୍ରଶାନ୍ତ କହଁର, ସତ୍ୟ ବଗର୍ତିଙ୍କ ସହ ସମୂହ ଅଞ୍ଚଳ ବାସୀ ଦାବି କରିଛନ୍ତି।

# ଆନ୍ତର୍ଜାତିକ ନିଶା ନିବାରଣ ଓ ଅବୈଧ କାରବାର ନିଷେଧ ଦିବସ ଉପରେ ସଚେତନତା

ଧର୍ମଗଡ, (ଡିକେ ନ୍ୟୁଜ୍): ତାଲୁକ ଆଇନ ସେବା ସମିତି ଧର୍ମଗଡ ଦ୍ୱାରା ସ୍ଥାନୀୟ ସିଭିଲ କୋର୍ଟ ପରିସରରେ ତାଲୁକ ଆଇନ ସେବା ସମିତିର ଭାରପ୍ରାପ୍ତ ଅଧକ୍ଷା ଇପ୍ସିତା ମହାନ୍ତିଙ୍କ ଅଧକ୍ଷତାରେ ଆନ୍ତର୍ଜାତିକ ନିଶା ନିବାରଣ ଓ ଅବୈଧ କାରବାର ନିଷେଧ ଦିବସ ଅବସରରେ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିଥି ଭାବରେ ପ୍ରଥମ ଶ୍ରେଣୀ ବିଚାରାଧୀନ ବିଚାରପତି ଶ୍ରୀଚନ୍ଦନ ସେଠି, ବରିଷ୍ଠ ଆଇନଜୀବୀ ଚିନ୍ତାମଣୀ ପାତ୍ର, ଆଇନଜୀବୀ ଅଶ୍ୱିନୀ ପଣ୍ଡା, ସଂଯୁକ୍ତା ପଣ୍ଡା ଓ ରଟେନର କମଳିନୀ ରଥ ପ୍ରମୁଖ ମଞ୍ଚାସିନ ହୋଇଥିଲେ। ଏହି ଅବସରରେ ତାଲୁକ ଆଇନ ସେବା ସମିତିର ଭାରପ୍ରାପ୍ତ ଅଧକ୍ଷା ଶ୍ରୀମତୀ ମହାନ୍ତି କହିଲେ ନିଶାଦ୍ରବ୍ୟ ସେବନ ବ୍ୟକ୍ତି, ପରିବାର, ସମାଜ ଓ ରାଷ୍ଟ୍ର ପାଇଁ ଅହିତକର ଅଟେ। ମଦ ଓ ମାଦକ ଦ୍ରବ୍ୟ ଯଥା: ଜର୍ଦ୍ଦା, ଗୁଟଖା, ଖଇନି, ଅଫିମ, ଗଞ୍ଜେଇ, ବ୍ରାଉନସୁଗାର ଆଦି ନିଶାର ଭୟଙ୍କର ଓ କରାଳ ରୂପ ମନୁଷ୍ୟର ଅମୂଲ୍ୟ ଜୀବନକୁ ଏବଂ ତାଙ୍କ ପରିବାରକୁ ଛାରଖାର କରିବା ସହ ରାଷ୍ଟ୍ରର ଅତୁଳନୀୟ କ୍ଷତି ଘଟାଇଥାଏ। ଏଣୁ ଶୃଙ୍ଖଳିତ ଜୀବନଚର୍ଯ୍ୟାକୁ ଆପଣେଇ ନିଶା ଦ୍ରବ୍ୟ ବ୍ୟବହାର ବର୍ଜନ କରି ଗଠନ ମୂଳକ ନିଶା ଓ ପେଶାରେ ବ୍ରତୀ ହୋଇ ସମାଜରେ ମଣିଷ ପରି ମଣିଷ ହୋଇ ନିଜର ବ୍ୟକ୍ତିତ୍ୱର ପରିପ୍ରକାଶ ଘଟାଇ ସୁସ୍ଥ, ନିରାମୟ, ରୋଗମୁକ୍ତ ଏବଂ ପ୍ରଗତିଶୀଳ ସମାଜ ଗଠନରେ ନିଜକୁ ଉତ୍ସର୍ଗୀକୃତ କରିବାକୁ ଉପସ୍ଥିତ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। ସଭାକୁ ସଂଯୁକ୍ତା ପଣ୍ଡା ପରିଚାଳନା କରିଥିଲେ ଏବଂ କମଳିନୀ ରଥ ଧନ୍ୟବାଦ ଅର୍ପଣ କରିଥିଲେ।

# ଖଣ୍ଡାରେ ୨ ଜଣଙ୍କୁ ସଂଘବଦ୍ଧ ଆକ୍ରମଣ

ବ୍ରହ୍ମପୁର, (ଡିକେ ନ୍ୟୁଜ୍): ବ୍ରହ୍ମପୁର ଗଞ୍ଜାମ ଥାନା ଅଧିନ ତେଲୁଗୁ ନୁଆଗାଁ ନିକଟରେ ଦୁଇ ଜଣଙ୍କୁ ଖଣ୍ଡାରେ ଆକ୍ରମଣ ହୋଇଛି। ଗୁରୁତର ଅବସ୍ଥାରେ ବ୍ରହ୍ମପୁର ମେଡିକାଲ ସ୍ଥାନାନ୍ତର କରାଯାଇଛି। ଆକ୍ରମଣର ଶିକାର ହେଲେ ତେଲୁଗୁ ନୂଆଗାଁର ରିଙ୍କି ବେହେରା ଓ ଅଗସ୍ତି ନୂଆ ଗାଁର ଭୀମ ତରେଇ। ଭୀମଙ୍କ ଅବସ୍ଥା ଗୁରୁତର ଥିବାରୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ରିଙ୍କି ବେହେରାଙ୍କୁ କିଛି ପିଲାଙ୍କ ସହ ଝଗଡା ହୋଇଥିଲା। ଏନେଇ ରିଙ୍କି ଗଞ୍ଜାମ ଥାନାରେ ଅଭିଯୋଗ କରିବା ପାଇଁ ଯାଇଥିଲେ। ସେଠାରୁ ସେ ଭୀମ ସହ ଫେରୁଥିବା ବେଳେ ଉଭୟଙ୍କୁ ରିଙ୍କିଙ୍କ ଘର ସମ୍ମୁଖରେ ସେମାନଙ୍କୁ ୪ରୁ ୫ଜଣ ଖଣ୍ଡାରେ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ଦୁଇ ଜଣଙ୍କୁ ସ୍ଥାନୀୟ ଲୋକ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବ୍ରହ୍ମପୁର ଏମକେସିଜି ମେଡିକାଲ ପଠାଯାଇଛି। ଆକ୍ରମଣକାରୀମାନେ ଫେରାର ରହିଛନ୍ତି। ଗଞ୍ଜାମ ପୋଲିସ ଘଟଣାର ତଦନ୍ତ କରୁଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ୮ ଦିନିଆ ବିଦେଶ...

ଚତୁର୍ଥ ବ୍ରାଜିଲ ଗସ୍ତ ହେବ। ବ୍ରିକ୍ସ ନେତାମାନଙ୍କର ୧୭ତମ ଶିଖର ସମ୍ମିଳନୀ ରିଓ ଡି ଜେନେରିଓରେ ଅନୁଷ୍ଠିତ ହେଉଛି। ଶିଖର ସମ୍ମିଳନୀ ବ୍ୟତୀତ ପ୍ରଧାନମନ୍ତ୍ରୀ ମୋଦି ଅନେକ ଦ୍ୱିପାକ୍ଷିକ ବୈଠକ ମଧ କରିବାର ସମ୍ଭାବନା ଅଛି। ତାଙ୍କ ଗସ୍ତର ଶେଷ ପର୍ଯ୍ୟାୟରେ ପ୍ରଧାନମନ୍ତ୍ରୀ ମୋଦି ଆଫ୍ରିକୀୟ ଦେଶ ନାମିବିଆ ମଧ ଗସ୍ତ କରିବେ। ଏହି ସମୟରେ ସେ ରାଷ୍ଟ୍ରପତି ନେତୁମ୍ବୋ ନନ୍ଦି ନଦାଇଟଙ୍କ ସହ ଦ୍ୱିପାକ୍ଷିକ ସ୍ତରୀୟ ଆଲୋଚନା କରିବେ। ପ୍ରଧାନମନ୍ତ୍ରୀ ମୋଦି ନାମିବିଆର ସଂସଦକୁ ମଧ ସମ୍ବୋଧିତ କରିବାର ସମ୍ଭାବନା ରହିଛି।

### ଜଗନ୍ନାଥଙ୍କୁ ନେଇ...

ରାଜ୍ୟ କାର୍ଯ୍ୟାଳୟରୁ ବାହାରିବା ପରେ ଗଣମାଧମକୁ ପ୍ରତିକ୍ରିୟା ଦେଇ କହିଥିଲେ ଯେ, ରାଜ୍ୟ ସଭାପତି ଡାକିଥିଲେ, ତାଙ୍କୁ ଘଟଣା ସମ୍ପର୍କରେ ଅବଗତ କଲି। ଆମ ପରିବାରର କଥା। ଯାହା କହିବା କଥା କହିଛି। ଏବେ ମୁଁ ଘରକୁ ଯାଉଛି। ଶ୍ରୀ ପ୍ରଧାନଙ୍କ ଏହି ଦୁଇପଦ କଥା ଓ ତାଙ୍କର ଦମ୍ଭୋକ୍ତି ପରେ ସେ ଗିରଫ ହେବା ଅବା ଆତ୍ମସର୍ମପଣ କରିବା ଭଳି ପ୍ରତୀତ ହେଉନଥିବା ସାଧାରଣରେ ଚର୍ଚ୍ଚା। ଅବଶ୍ୟ ଦଳ ପକ୍ଷରୁ ଏନେଇ ଏପର୍ଯ୍ୟନ୍ତ କୌଣସି ବିଧିବଦ୍ଧ ବିବୃତ୍ତି ଆସି ନାହିଁ। ମାତ୍ର ଏହି ଆକ୍ରମଣ ଘଟଣାକୁ ନେଇ ବିଭିନ୍ନ ମହଲରୁ କଡ଼ା ପ୍ରତିକ୍ରିୟା ପ୍ରକାଶ ପାଇବା ପରେ ବିଜେପି ନିଜର କର୍ପୋରେଟର ଶ୍ରୀ ରାଉତଙ୍କ ସମେତ ରଶ୍ମି ରଞ୍ଜନ ମହାପାତ୍ର, ଦେବାଶିଷ ପ୍ରଧାନ, ସଚିକାନ୍ତ ସ୍ୱାଇଁ ଓ ସଞ୍ଜୀବ ମିଶ୍ରଙ୍କୁ ଦଳରୁ ନିଲମ୍ବନ କରିଥିଲା। ଏହି ସମସ୍ତ ବ୍ୟକ୍ତିଙ୍କୁ ପୋଲିସ ଗିରଫ କରି ଜେଲ ପଠାଇ ସାରିଛି।

### ଭାରତ ଆସୁଛନ୍ତି...

ତୁଳନାରେ ଏକ ବଡ ଉନ୍ନତି। ପୁଟିନଙ୍କ ଏହି ଗସ୍ତ ରୁଷ-ୟୁକ୍ରେନ ଯୁଦ୍ଧ ପରେ ତାଙ୍କର ପ୍ରଥମ ଭାରତ ଗସ୍ତ ହେବ। ଏହା ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୨୪ ଜୁଲାଇରେ ମସ୍କୋ ଗସ୍ତ କରି ୨୨ତମ ଭାରତ-ରୁଷ ସମ୍ମିଳନୀରେ ଅଂଶଗ୍ରହଣ କରିଥିଲେ। ଏବେ ୨୩ତମ ସମ୍ମିଳନୀ ପୂର୍ବରୁ ରୁଷ ଏହି ପ୍ରସ୍ତାବ ଦେଇଛି, ଯାହା ଆମେରିକା ପ୍ରଦାନ କରିପାରୁନଥିବା କ୍ଷେତ୍ର ଯଥା ପରମାଣୁ ସବମାରାଇନ, ଦୀର୍ଘ ଦୂରତାର କ୍ରୁଜ ମିସାଇଲ ଏବଂ ଏସ-୫୦୦ ଆକାଶ ପ୍ରତିରକ୍ଷା ବ୍ୟବସ୍ଥା ଉପରେ ଗୁରୁତ୍ୱ ଦେଇଛି। ଏହି ପ୍ରସ୍ତାବ ଭାରତର ଇଣ୍ଡୋ-ପାସିଫିକ ଅଞ୍ଚଳରେ ବୃଥିବା ରଣନୀତିକ ପ୍ରତିଯୋଗିତା ପରିପ୍ରେକ୍ଷୀରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଆକୁଲା ଶ୍ରେଣୀର ସବମାରାଇନ ଏବଂ କାଲିବର ମିସାଇଲ ଭାରତର ନୌସେନାକୁ ଅତ୍ୟାଧୁନିକ ଯୁଦ୍ଧ କ୍ଷମତା ଯୋଗାଇବ, ଯାହା ଦୀର୍ଘ ଦୂରତାର ଆକ୍ରମଣ ଏବଂ ଜଳସୀମା ସୁରକ୍ଷାରେ ଏକ ନୂଆ ମାଇଲଖୁଣ୍ଟ ସ୍ଥାପନ କରିବ। ଏହି ଚୁକ୍ତି ସସ୍ୱାକ୍ଷରିତ ହେଲେ ଭାରତ-ରୁଷ ମଧ୍ୟରେ ଦୀର୍ଘକାଳୀନ ପ୍ରତିରକ୍ଷା ସହଯୋଗୀତାକୁ ଆହୁରି ମଜବୁତ କରିବ ଏବଂ ଭାରତର ନୌସେନାକୁ ଆଧୁନିକ ଯୁଗର ଚ୍ୟାଲେଞ୍ଜ ପାଇଁ ପ୍ରସ୍ତୁତ କରିବ।

### ଉତ୍ତର-ପଶ୍ଚିମରେ ପ୍ରବଳ...

ଦଶରଥପୁରରେ ବୈତରଣୀ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି। ଏଠାରେ ବିପଦ ସଙ୍କେତ ସ୍ତର ୯.୫୨ ମିଟର ଥିବାବେଳେ ଜଳସ୍ତର ୧୧.୦୨ ମିଟର ଛୁଇଁଛି। ସୁବର୍ଣ୍ଣରେଖା, ବୁ଼ାବଳଙ୍ଗ, ଜଳକାରେ ଜଳସ୍ତର ହ୍ରାସ ପାଇଥିଲେ ମଧ ନଦୀକୂଳିଆ ଲୋକଙ୍କ ଦୁର୍ଦ୍ଦଶା ବଢିଛି। ବନ୍ୟାରେ ବସ୍ତା, ବାଲିଆପାଳ, ଜଳେଶ୍ୱର ଓ ଜଳେଶ୍ୱର ମ୍ୟୁନିସିପାଲିଟି, ଭୋଗରାଇ, ରେମୁଣା, ସଦର ବ୍ଲକ ପ୍ରଭାବିତ ହୋଇଛି। ଅଧିକ ସଙ୍ଗୀନ ଅବସ୍ଥା ଭୋଗରାଇ, ବାଲିଆପାଳ, ଜଳେଶ୍ୱର, ବସ୍ତା ବ୍ଲକରେ। ଭୋଗରାଇ ବ୍ଲକରେ ଏବେ ବି ୧୩ ପଞ୍ଚାୟତବାସୀ, ବାଲିଆପାଳ ବ୍ଲକର ବିଷ୍ଣୁପୁର, ମଧୁପୁରା, ବାଲିଆପାଳ, ଅସ୍ତି, ଜାମକୁଣ୍ଡା ପଞ୍ଚାୟତ, ଜଳେଶ୍ୱର ବ୍ଲକର ବାଇଗଣବାଡ଼ିଆ, ଝାଡ଼ପିପ୍ପଳୀ, ପଶ୍ଚିମବାଡ଼, ଖାଲନା, ପାଇକସୁଧା, ଆରଆରପୁର, ମହମ୍ମଦନଗରପାଟଣା, ବସ୍ତା ବ୍ଲକର ହରଡ଼ା, ମୁକୁଳିସି, ସଦାନନ୍ଦପୁର, ବାହାର୍ଦ୍ଦା, କୁଡ଼ିଆ, ମଥାନୀ ପଞ୍ଚାୟତରେ ଶହଶହ ଲୋକେ ଏବେବି ପାଣି ଘେରରେ ଅଛନ୍ତି। ବନ୍ୟାରେ ବସ୍ତା ବ୍ଲକରେ ଜଣେ ୩୨ ବର୍ଷର ଜଣେ ଯୁବକ ଭାସି ଯାଇଛନ୍ତି। ୬ ବ୍ଲକର ୫୩ଟି ପଞ୍ଚାୟତର ୨ଶହରୁ ଅଧିକ ଗାଁରେ ବନ୍ୟା ଜଳ ପଶିଛି। ପ୍ରଶାସନ ପକ୍ଷରୁ ୩୬୫୬ ଜଣ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରଣ କରାଯାଇଛି। ବୈତରଣୀର ଜଳସ୍ତର ହ୍ରାସ ପାଉଥିବାରୁ ବନ୍ୟା ଆଶଙ୍କା ଟଳିବାରେ ଲାଗିଛି। ମୟୂରଭଞ୍ଜରେ ବି ସ୍ଥିତି ସୁଧୁରୁଥିବା ଜଣାପଡ଼ିଛି। ରାଜସ୍ୱ ମନ୍ତ୍ରୀ କହିଛନ୍ତି, ୭ ଦିନ ଯାଏ ମାଗଣା ଖାଦ୍ୟ ସହ ରିଲିଫ ସେଣ୍ଟର ଚଳାଇବାକୁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବନ୍ୟା ଅଞ୍ଚଳର ଯେଉଁ ଲୋକେ ରିଲିଫ ସେଣ୍ଟରରେ ନାହାନ୍ତି, ତାଙ୍କ ଘରକୁ ଖାଦ୍ୟ ପହଞ୍ଚାଇ ଦିଆଯିବ। ଯେତେ ଶୀଘ୍ର ପାଣି ଖସିବ, ସେତେ ଶୀଘ୍ର କ୍ଷୟକ୍ଷତି ଆକଳନ ହେବ। ସମ୍ପୂର୍ଣ୍ଣ ଆକଳନ ସରିବା ପୂର୍ବରୁ ଆନୁମାନିକ ଆକଳନ କରି ପଠାଇବାକୁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏପଟେ ଆକଳନ ଚାଲିଥିବ ଓ କ୍ଷତିପୂରଣ ବି ମିଳୁଥିବ। ଘର କିମ୍ବା ଫସଲ ନଷ୍ଟ ନେଇ ନିକଟସ୍ଥ ଆର୍ଆଇ ଅଫିସରେ ପଞ୍ଜିକରଣ କରିବାକୁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ପାଣି କମିବା ମାତ୍ରେ ସମସ୍ତ ଜଳ ଉତ୍ସକୁ ବିଶୋଧନ କରିବାକୁ ସ୍ୱାସ୍ଥ୍ୟ ବିଭାଗ ଓ ଜିଲ୍ଲା ପ୍ରଶାସନକୁ କୁହାଯାଇଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି।

# ଶ୍ରୀଗୋପୀନାଥ ବିଦ୍ୟାପୀଠ କ୍ରୀଡା ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ବୁଗୁଡ଼ା, (ଡିକେ ନ୍ୟୁଜ୍): ଗଞ୍ଜାମ ଜିଲ୍ଲା ବୁଗୁଡ଼ା ବ୍ଲକ ଅନ୍ତର୍ଗତ ମୋଟାବାଡି ସ୍ଥିତ ଶ୍ରୀ ଗୋପୀନାଥ ବିଦ୍ୟାପୀଠର କ୍ରୀଡ଼ା ଶିକ୍ଷକଙ୍କୁ ଅବସର କାଳୀନ ସମ୍ବର୍ଦ୍ଧନା ଜ୍ଞାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଶ୍ରେଣୀ ଗୃହରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ପ୍ରଧାନଶିକ୍ଷକ ଉମାକାନ୍ତ ଦାସଙ୍କ ଅଧ୍ୟକ୍ଷତାରେ ଏକ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା ବେଳେ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ମଞ୍ଚାସିନ ଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ଉମାକାନ୍ତ ଦାସ ନିଜ ବକ୍ତବ୍ୟରେ କହିଥିଲେ ପ୍ରତ୍ୟେକ ଘଟଣାର ଆରମ୍ଭ ଓ ଶେଷ ରହିଥାଏ। ଏହା ବିଧିର ବିଧାନ, ଆଜି ଆପଣ ଏକ ସର୍ବ ବୃହତ୍ତ ତଥା ଏକ ପ୍ରମୁଖ ବିଭାଗରୁ ଅବସର ନେଉଛନ୍ତି। ୧/୪/୧୯୯୬ ମସିହାରୁ ୩୦/୬/୨୦୨୫ ପର୍ଯ୍ୟନ୍ତ କ୍ରୀଡ଼ା ଶିକ୍ଷକେ ପ୍ରଦୀପ କୁମାର ନାୟକ ଶ୍ରୀ ଗୋପୀନାଥ ବିଦ୍ୟାପୀଠରେ କ୍ରୀଡ଼ା ଶିକ୍ଷକ ଭାବରେ ଯୋଗଦାନ କରି ସୁନାମ ଅର୍ଜନ କରିଛନ୍ତି। ତାଙ୍କର ଦୀର୍ଘ ଜୀବନର ନିଷ୍ଠାପର ଉଦ୍ୟମ କର୍ତ୍ତବ୍ୟନିଷ୍ଠା, ସମୟାନୁବର୍ତ୍ତିତା ଓ ତ୍ୟାଗ ପାଇଁ ଅନେକ ଭଲ ମଣିଷ ଗଠନ କରିବା ଆଉ ଏକ ଶୃଙ୍ଖଳିତ ଅନୁଷ୍ଠାନ ଗଢ଼ି ଛାତ୍ରଛାତ୍ରୀ ଓ ଶିକ୍ଷକ, କର୍ମଚାରୀମାନଙ୍କ ପ୍ରିୟ ଭାଜନ ହେବା ବିଦ୍ୟାଳୟର ପ୍ରତ୍ୟେକ ଘଟଣା ପ୍ରଦୀପ କୁମାର ନାୟକଙ୍କୁ ପରିବାରର ଜଣେ ସଦସ୍ୟ ଭାବେ ଏ ବିଦ୍ୟାଳୟ ମନେରଖବ ଏବଂ ପରି ଶେଷରେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଭୂୟସୀ ପ୍ରଶଂସା କରିବା ସହିତ ଅବସର ପାଇଁ ଅନେକ ଶୁଭେଚ୍ଛା ଓ ଶୁଭକାମନା ଏବଂ ଅବସର ଜୀବନ ସୁଖମୟ ହେଉ ଭଗବାନଙ୍କ ନିକଟରେ ପ୍ରାଥନ କରିଥିଲେ। ଶ୍ରୀ ନାୟକ ମଧ ସ୍ୱକ୍ତବ୍ୟରେ ଚାକିରି ଜୀବନର ପ୍ରଥମ କର୍ମକ୍ଷେତ୍ର ଗୋପୀନାଥ ବିଦ୍ୟାପୀଠ ତାଙ୍କ ପାଇଁ ଚିରଦିନ ଅବିସ୍ମରଣୀୟ ହୋଇ ରହିବ ବୋଲି ମତବ୍ୟକ୍ତ କରିବା ସହ ଉପସ୍ଥିତ କାର୍ଯରତ ଶିକ୍ଷକ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳମୟ ଭବିଷ୍ୟତ କାମନା କରିଥିଲେ। ଏ ଅବସରରେ ବିଦ୍ୟାଳୟ ପକ୍ଷରୁ ପୁଷ୍ପଗୁଛ, ଉପଢୌକନ, ମାନପତ୍ର ଓ ଅନେକ ଉପହାର ପ୍ରଦାନ ପୂର୍ବକ ବିଦାୟକାଳୀନ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା।

# ଇତିହାସ ରଚିଲା ସ୍ମୃତି ମନ୍ଧାନା-ଶେଫାଲି ବର୍ମାଙ୍କ ଯୋଡ଼ି



ନୂଆଦିଲ୍ଲୀ, ୨୭ (ହି.ସ): ଭାରତୀୟ ମହିଳା ଦଳ ଇଂଲଣ୍ଡ ବିପକ୍ଷରେ ଟି-୨୦ ସିରିଜର ଲଗାତାର ଦ୍ୱିତୀୟ ମ୍ୟାଚ୍ ଜିତିଛି। ବ୍ରିଷ୍ଟଲରେ ଖେଳାଯାଇଥିବା ଏହି ମ୍ୟାଚ୍ ଭାରତୀୟ ଦଳ ୨୪ ରନ୍‌ରେ ଜିତିଛି। ପାଞ୍ଚ ମ୍ୟାଚ୍ ବିଶିଷ୍ଟ ସିରିଜର ଏହି ଦ୍ୱିତୀୟ ମ୍ୟାଚ୍ ସମୟରେ ସ୍ମୃତି ମନ୍ଧାନା ଏବଂ ଶେଫାଲି ବର୍ମାଙ୍କ ଯୋଡ଼ି ଇତିହାସ ରଚିଛନ୍ତି। ଏହା ଅନ୍ତର୍ଜାତୀୟ ସ୍ତରରେ ମହିଳା ଟି-୨୦ ମ୍ୟାଚ୍‌ରେ ସର୍ବାଧିକ ରନ୍ ସ୍କୋରର୍ ଯୋଡ଼ି ହୋଇଛି। ସ୍ମୃତି ମନ୍ଧାନା ଏବଂ ଶେଫାଲି ବର୍ମାଙ୍କ ଯୋଡ଼ି ଏପର୍ଯ୍ୟନ୍ତ ଏହି ଫର୍ମାଟରେ ମୋଟ ୨୭୨୬ ରନ୍ କରିଛନ୍ତି। ସେହି ସମୟରେ ଅଷ୍ଟ୍ରେଲିଆର ଏଲିସା ହେଲି ଏବଂ ବେଥ୍ ମୁନିଙ୍କ ଯୋଡ଼ି ମୋଟ ୨୭୨୦ ରନ୍ ଯୋଡ଼ିଛନ୍ତି। ଏହି ତାଲିକାରେ ସୁଜି ବେଟ୍ସ ଏବଂ ସୋଫି ଡେଭାଇନଙ୍କ ଯୋଡ଼ି ତୃତୀୟ ସ୍ଥାନରେ ଅଛି, ଯେଉଁମାନେ ନ୍ୟୁଜିଲ୍ୟାଣ୍ଡ ପାଇଁ ମୋଟ ୨୫୫୬ ରନ୍ କରିଛନ୍ତି। ଇଶା ଓଝା ଏବଂ ତୀର୍ଥା ସତୀଶଙ୍କ ଯୋଡ଼ି ଏପର୍ଯ୍ୟନ୍ତ ୟୁଏଇ ପାଇଁ ମୋଟ ୧୯୮୫ ରନ ସ୍କୋର କରିଛନ୍ତି, ସେହିଭଳି ପଞ୍ଚମ ସ୍ଥାନରେ ଥିବା କଭିଶା ଇଗୋଡାଗେ ଏବଂ ଇଶା ଓଝାଙ୍କ ଯୋଡ଼ି ୟୁଏଇ ପାଇଁ ମୋଟ ୧୯୭୬ ରନ ସ୍କୋର କରିଛନ୍ତି। ବ୍ରିଷ୍ଟଲରେ ଖେଳାଯାଇଥିବା ଏହି ମ୍ୟାଚ୍ ବିଷୟରେ କହିବାକୁ ଗଲେ, ଟସ୍ ହାରିବା ପରେ ପ୍ରଥମେ ବ୍ୟାଟିଂ କରିବାକୁ ଆସିଥିବା ଭାରତୀୟ ମହିଳା ଦଳ ଚାରି ୱିକେଟ୍ ହରାଇ ୧୮୧ ରନ କରିଥିଲା। ୩୧ ସ୍କୋରରେ ଦଳ ତିନୋଟି ୱିକେଟ୍ ହରାଇଥିଲା। ଏହିଠାରୁ ଅମନଜୋତ କୌରଙ୍କ ସହିତ ଜେମିମା ରଡ୍ରିଗ୍ସ ଚତୁର୍ଥ ୱିକେଟ୍ ପାଇଁ ୯୩ ରନ ସଂଗ୍ରହ କରିଥିଲେ। ଜେମିମା ୪୧ ବଲ୍‌ରେ ଗୋଟିଏ ଛକା ଏବଂ ୯ ଚୌକା ସହିତ ୬୩ ରନ ସଂଗ୍ରହ କରି ଆଉଟ୍ ହୋଇଥିଲେ। ଏହିଠାରୁ ରିଚା ଘୋଷଙ୍କ ସହିତ ଅମନଜୋତ ପଞ୍ଚମ ୱିକେଟ୍ ପାଇଁ ୫୭ ରନର ଅପରାଜିତ ଭାଗୀଦାରି କରି ଭାରତକୁ ଏକ ବିଶାଳ ସ୍କୋରରେ ପହଞ୍ଚାଇଥିଲେ। ଅମନଜୋତ ୪୦ ବଲ୍‌ରେ ୬୩ ରନ କରିଥିଲେ, ଯେତେବେଳେ ରିଚା ୨୦ ବଲ୍‌ରେ ୩୨ ରନର ଅପରାଜିତ ଇନିଂସ ଖେଳିଥିଲେ। ଆୟୋଜକ ଦଳ ପକ୍ଷରୁ ଲରେନ୍ ବେଲ୍ ସର୍ବାଧିକ ଦୁଇଟି ୱିକେଟ୍ ନେଇଥିବା ବେଳେ ଲରେନ୍ ଫାଇଲର୍ ଏବଂ ଏମ୍ ଆର୍ଲଟ୍ ପ୍ରତ୍ୟେକେ ଗୋଟିଏ ୱିକେଟ୍ ନେଇଥିଲେ। ଜବାବରେ ଇଂଲଣ୍ଡ ଦଳ ନିର୍ଦ୍ଧାରିତ ଓଭର ସୁଦ୍ଧା ସାତ ୱିକେଟ୍ ହରାଇ ମାତ୍ର ୧୫୭ ରନ୍ କରିପାରିଥିଲା। ଦଳ ୧୭ ରନରେ ତିନୋଟି ୱିକେଟ୍ ହରାଇଥିଲା।

# ୫ରେ ଏନ୍‌ସି କ୍ଲାସିକ୍, ଓହରିଲେ ଓଡ଼ିଆ ପୁଅ କିଶୋର



ଭୁବନେଶ୍ୱର, ୨୭ (ହି.ସ): ଆସନ୍ତା ୫ ତାରିଖରେ ବେଙ୍ଗାଲୁରୁରେ ଆୟୋଜିତ ହେବାକୁ ଯାଉଛି ପ୍ରଥମ ନୀରଜ ଚୋପ୍ରା (ଏନ୍‌ସି) କ୍ଲାସିକ-୨୦୨୫। ବିଶ୍ୱର ବହୁ ଆଗ ଧାଡ଼ିର ଜାଭେଲିନ ଫିଙ୍ଗାଳି ଏହି ପ୍ରତିଯୋଗିତାରେ ଭାଗ ନେବେ। ଏକମାତ୍ର ଓଡ଼ିଆ ଭାବେ କିଶୋର କୁମାର ଜେନାଙ୍କୁ ଏଥିରେ ସୁଯୋଗ ମିଳିଥିଲା। କିନ୍ତୁ ସେ ଆହତ ହେବା କାରଣରୁ ପ୍ରତିଯୋଗିତାରୁ ଓହରି ଯାଇଛନ୍ତି। କିଶୋରଙ୍କ ପାଦ ଗଣ୍ଠିରେ ଆଘାତ ଲାଗିଛି। ତେଣୁ ସେ ଆଉ ପ୍ରତିଦ୍ୱନ୍ଦ୍ୱିତା କରିପାରିବେ ନାହିଁ। ତାଙ୍କ ସ୍ଥାନରେ ଯଶବୀର ସିଂଙ୍କୁ ଭାରତୀୟ ଦଳରେ ସାମିଲ କରାଯାଇଛି। ୨୩ ବର୍ଷୀୟ ଯୁବ ତାରକା ଗତ ମେ’ ମାସରେ ଦକ୍ଷିଣ କୋରିଆରେ ଆୟୋଜିତ ଏସିଆନ ଆଥଲେଟିକ୍ସ ଚମ୍ପିଅନସିପରେ ୮୨.୫୭ ମିଟର ପ୍ରଦର୍ଶନ ଦେଇଥିଲେ। ମୋଟ୍ ୧୨ଜଣ ପ୍ରତିଯୋଗୀ ଫାଇନାଲରେ ଥ୍ରୋ କରିବେ। ଏନସି କ୍ଲାସିକ ପ୍ରଥମେ ଗତ ମେ’ ୨୪ ତାରିଖରେ ଆୟୋଜନ କରାଯିବା ନେଇ ସ୍ଥିର ହୋଇଥିଲା। କିନ୍ତୁ ଭାରତ-ପାକିସ୍ତାନ ସୀମାରେ ତୀବ୍ର ଉତ୍ତେଜନା ପରେ ପ୍ରତିଯୋଗିତାକୁ ସ୍ଥଗିତ ରଖାଯାଇଥିଲା ଏବଂ ପରେ ପୁନଃ ସୂଚୀ ଘୋଷଣା କରାଯାଇଥିଲା। ଏହି ପ୍ରତିଯୋଗିତାରେ ଟିକେଟ୍ ମୂଲ୍ୟ ୧୯୯ରୁ ୯୯୯ ଟଙ୍କା ରଖାଯାଇଛି।

# ଧାୱନଙ୍କ ନୂତନ ଇନିଂସ, ଜୀବନ ଏବଂ କ୍ୟାରିଅର ଉପରେ ଲେଖିଲେ ଆତ୍ମଜୀବନୀ




ନୂଆଦିଲ୍ଲୀ, ୨୭ (ହି.ସ): ଭାରତୀୟ କ୍ରିକେଟ୍ ଦଳର ପୂର୍ବତନ ଓପନର ଶିଖର ଧାୱନ ଆତ୍ମଜୀବନୀ ଲେଖିଛନ୍ତି। ଇନ୍‌ଷ୍ଟାଗ୍ରାମ୍ ଜରିଆରେ ଧାୱନ ଏହା ଘୋଷଣା କରିଛନ୍ତି। ଏହାର ନାମ ରଖାଯାଇଛି ‘ଦି ୱାନ୍’। ଏଥିରେ ଧାୱନ କ୍ରିକେଟ୍ ପଡ଼ିଆରେ ଓ ବାହାରେ ତାଙ୍କ ଜୀବନର ଅନୁଭୂତି ବର୍ଣ୍ଣନା କରିଛନ୍ତି। ବାମହାତି ଓପନର ଧାୱନ ଜଣେ ନାମୀ କ୍ରିକେଟର ଥିଲେ ହେଁ ଏହା ପଛରେ ଥିବା ସଂଘର୍ଷର କାହାଣୀ ଏଥିରେ ସେ ଉଲ୍ଲେଖ କରିଛନ୍ତି। ବିଜୟର ଖୁସି ଓ ପରାଜୟର ଗ୍ଲାନି ସର୍ବଦା ଦେଖାଯାଇନଥାଏ। ତାଙ୍କ ହୃଦୟର କଥା ସେ ‘ଦି ୱାନ୍’ରେ ଲେଖିଛନ୍ତି ବୋଲି ଧାୱନ କହିଛନ୍ତି। ଦିଲ୍ଲୀର ଗଳିରୁ ତାଙ୍କ କ୍ରିକେଟ ଯାତ୍ରା ଆରମ୍ଭକରି ଭାରତର ଅନ୍ୟତମ ଶ୍ରେଷ୍ଠ ଓପନିଂ ବ୍ୟାଟ୍ସମ୍ୟାନ୍ ହେବାର ଲମ୍ବା ଯାତ୍ରା ‘ଦି ୱାନ୍’ ଧାୱନ ଉଲ୍ଲେଖ କରିଛନ୍ତି। ଏହି ପୁସ୍ତକରେ ଶିଖର ଧାୱନଙ୍କ ମ୍ୟାଚ୍ ପରିସଂଖ୍ୟାନ ଓ ମାଇଲଖୁଣ୍ଟଠାରୁ ଭିନ୍ନ ପ୍ରସଙ୍ଗ ରହିଛି। ଇନ୍‌ଷ୍ଟାଗ୍ରାମରେ ଧାୱନ ଲେଖିଛନ୍ତି, ମୋ କଭର୍ ଡ୍ରାଇଭ୍, ଖୁସି ମନାଇବା ଓ ହସ ଆପଣମାନେ ଦେଖିଛନ୍ତି। ହେଲେ ଏବେ ଭିତରର କାହାଣୀ ଜାଣିବାର ସମୟ। ଏହି ଆତ୍ମଜୀବନୀରେ କେବଳ ଜଣେ କ୍ରିକେଟର ନୁହେଁ; ବରଂ ଜଣେ ସାଧାରଣ ମଣିଷର ଅନୁଭୂତି ରହିଛି। ସମସ୍ତ ଫର୍ମାଟର କ୍ରିକେଟରୁ ଅବସର ନେବାର ବର୍ଷେ ନ ପୂରୁଣୁ ଶିଖର ଧାୱନ ତାଙ୍କ ଆତ୍ମଜୀବନୀର ଘୋଷଣା କରିଛନ୍ତି। ଆନ୍ତର୍ଜାତିକ କ୍ରିକେଟ୍; ବିଶେଷକରି ଦିନିକିଆ ମ୍ୟାଚରେ ବେଶ୍ ସଫଳତା ହାସଲ କରିଥିଲେ ଧାୱନ। ୧୬୭ ଦିନିକିଆ ମ୍ୟାଚରୁ ଧାୱନ ୧୭ଟି ଶତକ ସହ ୪୪.୧ ଆଭରେଜରେ ୬,୭୯୩ ରନ୍ କରିଛନ୍ତି। ୩୪ଟି ଟେଷ୍ଟରୁ ଧାୱନ ୭ଟି ଶତକ ସହ ୨,୩୧୫ ରନ୍ କରିଛନ୍ତି। ୬୮ଟି ଦିନିକିଆରେ ଧାୱନ ୧,୭୫୯ ରନ୍ କରିଛନ୍ତି। ଘରୋଇ କ୍ରିକେଟରେ ସେ ଅତ୍ୟନ୍ତ ସଫଳ।

# ଆଇସିସି ମହିଳା ଟି-ଟ୍ୱେଣ୍ଟି ମାନ୍ୟତା ତାଲିକା, ତୃତୀୟକୁ ଉଠିଲେ ସ୍ମୃତି ମନ୍ଧନା

ଦୁବାଇ, ୨୭ (ହି.ସ): ସଦ୍ୟ ଘୋଷିତ ଆଇସିସି ମହିଳା ଟି-ଟ୍ୱେଣ୍ଟି ମାନ୍ୟତା ତାଲିକାରେ ଭାରତୀୟ ଦଳର ଉପଅଧିନାୟିକା ସ୍ମୃତି ମନ୍ଧନାଙ୍କ ସ୍ଥାନରେ ଉନ୍ନତି ଘଟିଛି। ବ୍ୟାଟିଂ ତାଲିକାରେ ସେ ଗୋଟିଏ ସ୍ଥାନ ଉଠି ତୃତୀୟରେ ରହିଛନ୍ତି। ତାଙ୍କ ରେଟିଂ ପଏଣ୍ଟ ୭୭୧ ରହିଛି। ଇଂଲଣ୍ଡ ବିପକ୍ଷ ପ୍ରଥମ ମ୍ୟାଚରେ ମନ୍ଧନା କ୍ୟାରିୟରରେ ପ୍ରଥମ ଟି-ଟ୍ୱେଣ୍ଟି ଶତକ ଅର୍ଜନ କରିଥିଲେ। ସେ ୬୨ଟି ବଲରେ ୧୧୨ (୧୫ଚୌକା, ୩ଛକା) ରନ୍ ସଂଗ୍ରହ କରିଥିଲେ। ଦିନିକିଆ ପରେ ଟି-ଟ୍ୱେଣ୍ଟିରେ ମଧ୍ୟ ତାଙ୍କ ନିକଟରେ ଶୀର୍ଷ ସ୍ଥାନ ଦଖଲ କରିବାର ସୁଯୋଗ ରହିଛି। ଅଷ୍ଟ୍ରେଲିଆର ବେଥ୍ ମୁନି (୭୯୪) ପ୍ରଥମ ଓ ୱେଷ୍ଟଇଣ୍ଡିଜର ହାୟଲି ମାଥ୍ୟୁସ (୭୭୪) ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଅନ୍ୟ ଭାରତୀୟ ଓପନର ଶେଫାଳି ବର୍ମା ୧୩ତମ ଏବଂ ହର୍ଲିନ ଦେଓଲ ୮୬ତମ ସ୍ଥାନକୁ ଉନ୍ନୀତ ହୋଇଛନ୍ତି। ବୋଲିଂ ମାନ୍ୟତା ତାଲିକାରେ ଭାରତର ଦୀପ୍ତି ଶର୍ମା ତୃତୀୟ ଏବଂ ରେଣୁକା ସିଂହ ଷଷ୍ଠ ସ୍ଥାନକୁ ଖସିଛନ୍ତି। ପାକିସ୍ତାନର ସାଦିଆ ଇକ୍ବାଲ ପୂର୍ବଭଳି ଶୀର୍ଷ ସ୍ଥାନ ବଜାୟ ରଖିଛନ୍ତି। ଅଷ୍ଟ୍ରେଲିଆର ଆନାବେଲ ସୁଦରଲାଣ୍ଡ ଦ୍ୱିତୀୟକୁ ଉଠିଛନ୍ତି। ସେହିପରି ଅଲରାଉଣ୍ଡର ତାଲିକାରେ ଦୀପ୍ତି ତୃତୀୟ ସ୍ଥାନ ବଜାୟ ରଖିଛନ୍ତି। ୱେଷ୍ଟଇଣ୍ଡିଜର ମାଥ୍ୟୁସଙ୍କ ଶୀର୍ଷ ସ୍ଥାନ ଅପରିବର୍ତ୍ତିତ ରହିଛି।

# ସଞ୍ଜୁ ସାମସନଙ୍କୁ କିଣିବାକୁ ଆଗ୍ରହୀ ଚେନ୍ନାଇ ସୁପରକିଙ୍ଗ୍ସ



ନୂଆଦିଲ୍ଲୀ, ୨୭ (ହି.ସ): ଚର୍ଚ୍ଚାରେ ଭାରତୀୟ ଦଳର ଉଇକେଟକିପର-ବ୍ୟାଟ୍ସମ୍ୟାନ ସଞ୍ଜୁ ସାମସନ। ଅନ୍ତର୍ଜାତୀୟ କ୍ରିକେଟ ସହିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ମଧ୍ୟ ନିଜର ଛାପ ଛାଡ଼ିଥିବା ଏହି କ୍ରିକେଟରଙ୍କୁ ନେଇ ବଡ଼ ଖବର ସାମ୍ନାକୁ ଆସିଛି। ସେ ଆଇପିଏଲ୍ ୨୦୨୬ରେ ଏକ ନୂତନ ଦଳ ପାଇଁ ଖେଳିବେ ବୋଲି କୁହାଯାଉଛି। ଚେନ୍ନାଇ ସୁପର କିଙ୍ଗସ (ସିଏସ୍‌କେ) ତାଙ୍କୁ ଦଳରେ ସାମିଲ କରିପାରେ। ଫ୍ରାଞ୍ଚାଇଜର ବରିଷ୍ଠ ଅଧିକାରୀ ନିଜେ ଏହା ନିଶ୍ଚିତ କରିଛନ୍ତି। ଖବର ଅଛି ଯେ ସଞ୍ଜୁ ଚେନ୍ନାଇର ପରବର୍ତ୍ତୀ ଅଧିନାୟକ ମଧ୍ୟ ହୋଇପାରନ୍ତି। ସିଏସ୍‌କେର ଜଣେ ବରିଷ୍ଠ ଅଧିକାରୀ କ୍ରିକବଜକୁ କହିଛନ୍ତି, ଆମେ ନିଶ୍ଚିତ ଭାବରେ ସଞ୍ଜୁ ସାମସନଙ୍କୁ ଦଳରେ ସାମିଲ କରିବା ଉପରେ ବିଚାର କରୁଛୁ। ସେ ଓପନିଂ ଏବଂ ଉଇକେଟକିପର ଦାୟିତ୍ୱ ଭଲ ଭାବରେ ତୁଲାଇ ପାରନ୍ତି। ଯଦି ସଞ୍ଜୁ ଉପଲବ୍ଧ ହୁଅନ୍ତି, ତେବେ ଆମେ ନିଶ୍ଚିତ ଭାବରେ ତାଙ୍କୁ ଆମ ଦଳରେ ସାମିଲ କରିବାକୁ ଚାହିଁବୁ। ଆମେ ଏପର୍ଯ୍ୟନ୍ତ ନିଷ୍ପତ୍ତି ନେଇନାହୁଁ ଯେ ତାଙ୍କ ସହିତ କିଏ ଟ୍ରେଡ୍ କରିବ। କାରଣ ମାମଲା ସେହି ସ୍ତରକୁ ଯାଇନାହିଁ। କିନ୍ତୁ ଆମେ ତାଙ୍କୁ ଆମ ଦଳରେ ସାମିଲ କରିବାକୁ ଚାହୁଁଛୁ। ଆଇପିଏଲ୍ ୨୦୨୫ରେ ସଞ୍ଜୁ ସାମସନଙ୍କ ପ୍ରଦର୍ଶନ ଏତେ ଭଲ ନଥିଲା ଏବଂ ରାଜସ୍ଥାନ ରୟାଲ୍ସ ମଧ୍ୟ ପ୍ଲେଅଫରେ ସ୍ଥାନ ପାଇପାରି ନ ଥିଲା। ସଞ୍ଜୁ ଆଇପିଏଲ୍ ୨୦୨୫ରେ ୯ଟି ମ୍ୟାଚରେ ୩୫.୬୩ ଆଭରେଜରେ କେବଳ ୨୮୫ ରନ କରିଥିଲେ, ଯେଉଁଥିରେ ଏକ ଅର୍ଦ୍ଧଶତକ ଅନ୍ତର୍ଭୁକ୍ତ ଥିଲା। ତାଙ୍କର ସର୍ବାଧିକ ବ୍ୟକ୍ତିଗତ ସ୍କୋର ୬୬ ରନ ଥିଲା। ଚେନ୍ନାଇ ସୁପର କିଙ୍ଗ୍ସ ବିଷୟରେ କହିବାକୁ ଗଲେ, ଦଳ ଆଇପିଏଲ୍‌ର ଏହି ସିଜିନରେ ସବୁଠାରୁ ନିମ୍ନ ର୍‍ୟାଙ୍କିଂରେ ଥିଲା। ତେବେ ସଞ୍ଜୁ ସାମସନଙ୍କର ଆଇପିଏଲ୍‌ରେ ଖେଳିବାର ବହୁତ ଅଭିଜ୍ଞତା ଅଛି। ସେ ଆଇପିଏଲ୍‌ରେ ୧୭୭ ମ୍ୟାଚରେ ୧୩୯.୦୫ ଷ୍ଟ୍ରାଇକ ରେଟରେ ୪୭୦୪ ରନ କରିଛନ୍ତି। ତାଙ୍କ ନାମରେ ତିନୋଟି ଶତକ ମଧ୍ୟ ଅଛି। ସଞ୍ଜୁ ସାମସନ ଉଇକେଟକିପିଂ ଏବଂ ବ୍ୟାଟିଂ ସହିତ ଦଳର କମାଣ୍ଡକୁ ଭଲ ଭାବରେ ସମ୍ଭାଳି ପାରନ୍ତି। ସେ ତାଙ୍କ ଅଧିନାୟକତ୍ୱରେ ରାଜସ୍ଥାନ ରୟାଲ୍ସକୁ ଆଇପିଏଲ୍ ୨୦୨୨ର ଫାଇନାଲରେ ପହଞ୍ଚାଇଥିଲେ। ଗତ ସିଜିନରେ ଚେନ୍ନାଇ ସୁପର କିଙ୍ଗ୍ସ ବହୁତ ଖରାପ ପ୍ରଦର୍ଶନ କରିଥିଲା। କେବଳ ଏତିକି ନୁହେଁ, ଆଘାତ ଯୋଗୁ ତାଙ୍କୁ ସିଜିନ ମଝିରେ ଦଳ ଛାଡିବାକୁ ପଡିଥିଲା। ଯାହା ପରେ ମହେନ୍ଦ୍ର ସିଂହ ଧୋନୀ ପୁଣି ଥରେ ଚେନ୍ନାଇର ଅଧିନାୟକ ଦାୟିତ୍ୱ ଗ୍ରହଣ କଲେ। ତଥାପି, ତାଙ୍କର ଅଧିନାୟକତ୍ୱ ମଧ୍ୟ ବହୁତ ଖରାପ ଥିଲା। ଯଦି ଚେନ୍ନାଇ ସୁପରକିଙ୍ଗ୍ସ ସଞ୍ଜୁ ସାମସନଙ୍କୁ ନିଜ ଦଳରେ ସାମିଲ କରେ, ତେବେ ସେ ସେମାନଙ୍କ ପାଇଁ ବହୁତ ପ୍ରଭାବଶାଳୀ ପ୍ରମାଣିତ ହୋଇପାରିବେ। କାରଣ ସେ ଓପନିଂ ସହିତ ଉଇକେଟକିପିଂ ଦାୟିତ୍ୱ ମଧ୍ୟ ତୁଲାଇପାରିବେ।

# ୯ ସହରରେ ଲଞ୍ଚ ହେବ ରଣବୀର କପୁରଙ୍କ ଫିଲ୍ମ ‘ରାମାୟଣ’ର ପ୍ରଥମ ଝଲକ




ମୁମ୍ବାଇ, ୨୭ (ହି.ସ): ଖୁବଶୀଘ୍ର ପରଦାକୁ ଆସିବାକୁ ଯାଉଛି ରଣବୀର କପୁରଙ୍କ ବହୁ ପ୍ରତିକ୍ଷୀତ ଫିଲ୍ମ ରାମାୟଣ। ପିଲ୍ମ ରିଲିଜକୁ ନେଇ ଫ୍ୟାନ୍ସ ଉତ୍ସାହର ସହ ଅପେକ୍ଷା କରିଛନ୍ତି। ବର୍ତ୍ତମାନ ଫିଲ୍ମ ନେଇ ଏକ ଅପଡେଟ ସାମ୍ନାକୁ ଆସିଛି। ୯ ସହରରେ ଲଞ୍ଚ ହେବ ରଣବୀର କପୁରଙ୍କ ଫିଲ୍ମ ‘ରାମାୟଣ’ର ପ୍ରଥମ ଝଲକ। ଟ୍ରେଡ ଆନାଲିଷ୍ଟ ତରଣ ଆଦର୍ଶ ତାଙ୍କ ଅଫିସିଆଲ୍ ଏକ୍ସ ଆକାଉଣ୍ଟରେ ପ୍ରଥମ ଝଲକର ସମୀକ୍ଷା କରି ଲେଖିଛନ୍ତି, ଜୟ ଶ୍ରୀ ରାମ... ମୁଁ ଏବେ ୭ ମିନିଟ୍ ଭିଜନ୍ ଶୋରିଲ୍ ସହିତ ବହୁ ପ୍ରତୀକ୍ଷିତ ଫିଲ୍ମ ‘ରାମାୟଣ’ର ପ୍ରଥମ ଝଲକ ଦେଖିବାକୁ ପାଇଲି। ଏହି ଅମର କାହାଣୀର ଝଲକ ନିଶ୍ଚିତ ଭାବରେ ଆପଣଙ୍କୁ ଆଶ୍ଚର୍ଯ୍ୟ କରିବ। ମୋର ଦୃଢ଼ ଭାବନା ଯେ ରାମାୟଣ ଆଜିର ଲୋକଙ୍କ ପାଇଁ ନୁହେଁ ବରଂ ଆଗାମୀ ପିଢ଼ି ପାଇଁ ଏକ ଫିଲ୍ମ। ବକ୍ସ ଅଫିସରେ ଝଡ଼ ହେବାକୁ ଯାଉଛି। ଚଳଚ୍ଚିତ୍ରର ପ୍ରଥମ ଝଲକ ଦେଶର ୯ଟି ସହରରେ ୩ ଜୁଲାଇରେ ପ୍ରଦର୍ଶିତ ହେବ। ଯେଉଁଥିରେ ମୁମ୍ବାଇ, ଦିଲ୍ଲୀ, ବାଙ୍ଗାଲୋର, ଚେନ୍ନାଇ, ଅହମ୍ମଦାବାଦ, ହାଇଦ୍ରାବାଦ, କୋଲକାତା, ପୁନେ ଏବଂ କୋଚି ଅନ୍ତର୍ଭୁକ୍ତ। ଅନ୍ୟପକ୍ଷରେ, ଭିଜନ୍ ଶୋରେଲ୍ ୨୦୨୬ ଦୀପାବଳି ପାଖାପାଖି ମୁକ୍ତିଲାଭ କରିବ। ପ୍ରଥମ ଭାଗ ୨୦୨୬ରେ ଏବଂ ଦ୍ୱିତୀୟ ଭାଗ ୨୦୨୭ ଦୀପାବଳିରେ ମୁକ୍ତିଲାଭ କରିବ ବୋଲି ଆଶା କରାଯାଉଛି। ତେବେ ପୌରାଣିକ ଚଳଚ୍ଚିତ୍ର ରାମାୟଣର ଷ୍ଟାରକାଷ୍ଟ ବିଷୟରେ କହିବାକୁ ଗଲେ, ରଣବୀର କପୁର ଫିଲ୍ମରେ ‘ଶ୍ରୀରାମ’ ଭୂମିକାରେ ନଜର ଆସିବେ ସେହିପରି ସାଉଥ ଅଭିନେତ୍ରୀ ସାଇ ପଲ୍ଲବୀ ଫିଲ୍ମରେ ମାତା ସୀତା ଭୂମିକାରେ ଅଭିନୟ କରୁଛନ୍ତି।

# ଯୋଗୀଙ୍କ ପାଇଁ ଲଣ୍ଡା ହେଲେ ଅଭିନେତା ଅନନ୍ତ ଜୋଶୀ



ନୂଆଦିଲ୍ଲୀ, ୨୭ (ହି.ସ): ‘ଅଜୟ: ଦି ଅନଟୋଲ୍ଡ ଷ୍ଟୋରି ଅଫ୍ ଏ ଯୋଗୀ’ର ମୁକ୍ତିଲାଭ ତାରିଖ ଚୂଡ଼ାନ୍ତ ହୋଇଛି। ଫିଲ୍ମର ସୁଟିଂ ଏବେ ଜୋରସୋରରେ ଚାଲିଛି। ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ଜୀବନୀ ଉପରେ ଆଧାରିତ ଏହି ବହୁ ପ୍ରତୀକ୍ଷିତ ବାୟୋପିକ୍ ପାଇଁ ପ୍ରଶଂସକମାନେ ଉତ୍ସାହର ସହିତ ଅପେକ୍ଷା କରିଛନ୍ତି। ଲୋକପ୍ରିୟ ଅଭିନେତା ଅନନ୍ତ ଜୋଶୀ ଫିଲ୍ମରେ ଯୋଗୀ ଆଦିତ୍ୟନାଥଙ୍କ ଭୂମିକାରେ ଅଭିନୟ କରୁଛନ୍ତି। ସେ ମୁଖ୍ୟମନ୍ତ୍ରୀଙ୍କ ଚରିତ୍ରରେ ପ୍ରବେଶ କରିବା ପାଇଁ କଠିନ ପରିଶ୍ରମ କରୁଥିବା ଦେଖିବାକୁ ମିଳିଛି। ଏମିତି କି ସେ ଲଣ୍ଡା ମଧ୍ୟ ହୋଇଯାଇଥିବା ଦେଖାଯାଇଛି। ଚଳିତ ବର୍ଷ ଜୁନ୍ ମାସରେ ମୁଖ୍ୟମନ୍ତ୍ରୀ ଆଦିତ୍ୟନାଥଙ୍କ ଜନ୍ମଦିନ ଅବସରରେ ଏହି ଫିଲ୍ମର ଘୋଷଣା କରାଯାଇଥିଲା। ଏହା ସହିତ ଏକ ନୂତନ ପୋଷ୍ଟର ମଧ୍ୟ ରିଲିଜ୍ ହୋଇଥିଲା। ଏହି ଫିଲ୍ମଟି ଅଗଷ୍ଟ ୧ ତାରିଖରେ ପ୍ରେକ୍ଷାଳୟରେ ମୁକ୍ତିଲାଭ କରିବାକୁ ଯାଉଛି। ଅନନ୍ତ, ଯୋଗୀ ଆଦିତ୍ୟନାଥଙ୍କ ପରି ଦେଖାଯିବା ପାଇଁ କେଶ କାଟି ଲଣ୍ଡା ହୋଇଥିଲେ ବୋଲି ଜଣାପଡ଼ିଛି। ନିଜ କେଶକୁ ବହୁତ ଭଲପାଉଥିବା ଅନନ୍ତଙ୍କୁ ଲଣ୍ଡା ହେବା ବହୁତ କଷ୍ଟ ଦେଇଥିଲା ବୋଲି ସେ କହିଛନ୍ତି। ତାଙ୍କ କହିବା ମୁତାବକ, ମୋର କେଶ କାଟିବା କେବଳ ଏକ ବାହ୍ୟ ପରିବର୍ତ୍ତନ ନଥିଲା। ଏହା ମୋର ଏକ ଶରୀରର ଅଂଶକୁ ଛାଡିବା ପରି ଥିଲା। ଲଣ୍ଡା ହେବା କେବଳ ମୋ ପାଇଁ ଏକ ଲୁକ୍ ନଥିଲା, ବରଂ ଯୋଗୀଜୀଙ୍କ ଭୂମିକାକୁ ସମ୍ପୂର୍ଣ୍ଣ ଭାବରେ ଗ୍ରହଣ କରିବାର ଏକ ଉପାୟ ଥିଲା। ତାଙ୍କ ଚରିତ୍ର ପାଇଁ ଏହି ତ୍ୟାଗ ଆବଶ୍ୟକ ଥିଲା। ମୁଁ ନକଲି ଦେଖାଯିବାକୁ ଚାହୁଁ ନଥିଲି। ମୋତେ ଯୋଗୀ ହେବାର ଥିଲା, କେବଳ ତାଙ୍କ ଚରିତ୍ର କରିବାର ନଥିଲା।

# ‘ଆଖୋଁ କି ଗୁସ୍ତାଖିୟାଁ’ ଜରିଆରେ ଡେବ୍ୟୁ କରିବେ ଶନାୟା




ମୁମ୍ବାଇ, ୨୭ (ହି.ସ): ‘ଆଖୋଁ କି ଗୁସ୍ତାଖିୟାଁ’ ଜରିଆରେ ବଲିଉଡରେ ଡେବ୍ୟୁ କରିବାକୁ ଯାଉଛନ୍ତି ସଞ୍ଜୟ କପୁରଙ୍କ ଝିଅ ଶନାୟା କପୁର। ଏଥିରେ ସେ ବିକ୍ରାନ୍ତ ମେସିଙ୍କ ଅପୋଜିଟରେ ସ୍କ୍ରିନ୍ ଶେୟାର କରିଛନ୍ତି। ଫିଲ୍ମରେ ସେ ରୋଲ୍ କେମିତି ପାଇଲେ, ସେ ବିଷୟରେ ଆଲୋଚନା କରିଛନ୍ତି। ସାଧାରଣ ଅଡିସନ୍ ପ୍ରକ୍ରିୟା ମାଧ୍ୟମରେ ତାଙ୍କୁ ଏହି ଫିଲ୍ମରେ ସୁଯୋଗ ମିଳିନାହିଁ, ବରଂ ଭାଗ୍ୟ ତାଙ୍କୁ ଏଠାରେ ପହଞ୍ଚାଇଛି। ଶନାୟା ଫିଲ୍ମରେ ଅଭିନେତ୍ରୀ ହେବାକୁ ଚାହୁଁଥିବା ଜଣେ ଯୁବତୀ (ସବା ଶେରଗିଲ) ଭୂମିକା ନିର୍ବାହ କରିଛନ୍ତି, ଯିଏକି ବିକ୍ରାନ୍ତ ମେସି ନିର୍ବାହ କରିଥିବା ଜାହାନ୍ ବକ୍ସୀ ନାମକ ଜଣେ ମ୍ୟୁଜିସିଆନ୍ ଚରିତ୍ରର ଅପୋଜିଟରେ ଅଭିନୟ କରିଛନ୍ତି। ଫିଲ୍ମରେ ଉଭୟଙ୍କ ସୃଜନାତ୍ମକ ଯାତ୍ରା ପ୍ରଦର୍ଶିତ ହୋଇଛି। ନିଜ ନିଜ ପାସନଗୁ ସେମାନେ ଆବିଷ୍କାର କରିଛନ୍ତି। ଶନାୟା କହିଛନ୍ତି, ଅନ୍ୟ ଏକ ପ୍ରୋଜେକ୍ଟ ପାଇଁ ସେ ଅଡିସନ୍ ଦେଇଥିଲେ। କିନ୍ତୁ ସେଥିରେ ସେ ଫେଲ୍ ହୋଇଥିଲେ। ହେଲେ ସେହି ଅଡିସନକୁ ‘ଆଖୋଁ କି ଗୁସ୍ତାଖିୟାଁ’ର କାଷ୍ଟିଂ ଡାଇରେକ୍ଟର ପସନ୍ଦ କରି ଫିଲ୍ମର ନିର୍ଦ୍ଦେଶକ ସନ୍ତୋଷ ସିଂହଙ୍କୁ ତାହା ଦେଖାଇଲେ। ସନ୍ତୋଷ ବି ତାକୁ ପସନ୍ଦ କଲେ। ଶେଷରେ ଫିଲ୍ମରେ ତାଙ୍କୁ କାଷ୍ଟ କରାଗଲା। କିନ୍ତୁ ଏହା ତାଙ୍କ ପାଇଁ ଭଲ ଅନୁଭବ ନ ଥିଲା। ତଥାପି ସେ ଏହାକୁ ସକାରାତ୍ମକ ଭାବେ ଗ୍ରହଣ କଲେ। ଆସନ୍ତା ୧୧ ତାରିଖରେ ‘ଆଖୋଁ କି ଗୁସ୍ତାଖିୟାଁ’ ମୁକ୍ତିଲାଭ କରିବ। ଶନାୟାଙ୍କ ଅପକମିଙ୍ଗ ପ୍ରୋଜେକ୍ଟରେ ଅଛି ବିଜୟ ନାମ୍ବିୟାରଙ୍କ ଥ୍ରିଲର୍ ଫିଲ୍ମ ‘ତୁ ୟା ମେଁ’। ଏଥିରେ ସେ ଆଦର୍ଶ ଗୌରବଙ୍କ ସହ ନଜର ଆସିବେ। ୨୦୨୬, ଭାଲେନ୍ଟାଇନ୍ସ ଡେ’ ଅବସରରେ ଏହା ମୁକ୍ତିଲାଭ କରିବ।


କାର୍ଯ୍ୟନିର୍ବାହୀ ସମ୍ପାଦକ-ସିମାଞ୍ଚଳ ପଟ୍ଟନାୟକ
Executive Editor-Simanchall Pattnaik

Printed and Published by Dr. Akshaya Kumar Patnaik, On behalf of<Dumani Infrastructure Pvt. Ltd., Published at Plot No. 753/1944, Raghunathpur Jali, Nandan Kanan Road, Bhubaneswar, 751024<&<Printed at Gayatri Industries, TS-3/193, Mancheswar Ind. Estate, Bhubaneswar-751010, Email : dumanikhabar2020@gmail.com, dumanikhabar.advt@gmail.com

Phone-0674-2975387
Mob: 9090962011

ସଂପାଦକ - ଡ. ଅକ୍ଷୟ କୁମାର ପଟ୍ଟନାୟକ
Editor - Dr.Akshaya Kumar Patnaik